ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୮/୨୦୨୩ (୧୪ ପୃଷ୍ଠା) | Bhubaneswar, Thursday, September 28/2023 | Page 14 | ₹ 7.00 | SAMBALPUR
୪୯ଶ ଭାଗ ୩୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 304 | ମୂଲ୍ୟ ₹୭/-

# ଘାଟିରେ ବସ୍ ଓଲଟି ଖେଳ ଶିକ୍ଷକ ମୃତ, ୩୪ ଛାତ୍ରୀଛାତ୍ର ଆହତ



ଘାଟିରେ ବସ୍ ଓଲଟିବା ପରେ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଉଛି ।

ଚନ୍ଦାହାଣ୍ଡି/ଝରିଗାଁ/ନବରଙ୍ଗପୁର,୨୭।୯ ( ଦିଲୀପ ଦାସ/ କିଶୋର ଚନ୍ଦ୍ର ମଣ୍ଡଳ/ସଦାଶିବ ପ୍ରହରାଜ)

ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଏକ ବସ୍ ନବରଙ୍ଗପୁର ଜିଲା ଝରିଗାଁ–ଚନ୍ଦାହାଣ୍ଡି ଘାଟିରେ ବୁଧବାର ପୂର୍ବାହ୍ଣ ସାଢ଼େ ୧୧ଟାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଥିବା ଜଣେ ଖେଳ ଶିକ୍ଷକଙ୍କର ମୃତ୍ୟୁ ଘଟିଥିବାବେଳେ ୩୪ ଛାତ୍ରୀଛାତ୍ରଙ୍କ ସମେତ ୩୮ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୪ ଛାତ୍ରୀଛାତ୍ର, ୨ ଖେଳ ଶିକ୍ଷୟିତ୍ରୀ, ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ରହିଛି। ମୃତକ ହେଲେ ଉମରକୋଟ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଭାସ କୁମାର ଜେନା( ୨୪ )। ତାଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାରବାଟିଆ ଗାଁରେ। ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ତାଙ୍କ ନିଜ ଗ୍ରାମକୁ ପଠାଯାଇଥିବା ସୂଚନା ମିଳିଛି।

ଚନ୍ଦାହାଣ୍ଡିରେ ବୁଧବାରଠାରୁ ୩ଦିନିଆ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା । ପୂର୍ବାହ୍ଣରେ ଉମରକୋଟ ବ୍ଲକର ବିଭିନ୍ନ ସ୍କୁଲର ୫୮ଜଣ ଛାତ୍ରୀଛାତ୍ରଙ୍କ ସହ ୫ଜଣ ମହିଳା, ପୁରୁଷ ଖେଳ ଶିକ୍ଷକ ଏକ

### ■ ଚନ୍ଦାହାଣ୍ଡିରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ାରେ ଭାଗନେବାକୁ ଯାଉଥିଲେ

ଘରୋଇ ବସ୍ ପ୍ରଧାନ ଟ୍ରାଭେଲ୍ସ(ଓଡି–୨୪–୨୯୭୯)ରେ ଚନ୍ଦାହାଣ୍ଡି ଅଭିମୁଖେ ବାହାରିଥିଲା। ଘାଟିରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ଖେଳ ଶିକ୍ଷକ ଜେନାଙ୍କ ମୃତ୍ୟୁ ଘଟିଥିଲା। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଝରିଗାଁ ଅଗ୍ନିଶମ ବିଭାଗ କର୍ମଚାରୀ, ପୋଲିସ ପହଞ୍ଚି କେତେଜଣ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଏବଂ ଅନ୍ୟ ଗାଡ଼ିରେ ଝରିଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଗାଡି ଚାଳକ ନରେନ୍ଦ୍ର ମିସ୍ତ୍ରୀ(୩୨), କ୍ରୀଡ଼ା ଶିକ୍ଷୟିତ୍ରୀ ରଶ୍ମିତା ବରାଳ(୪୬), ନିବେଦିତା ସ୍ୱାଇଁ(୪୬), ଛାତ୍ର ଆନନ୍ଦ ମାରାଣ୍ଡି(୧୬), ମିଥୁନ ସାନ୍ତା(୧୬), ନୃପତି ଗୁଣ୍ଡା(୧୫), ବିଦ୍ୟା ବିଶ୍ୱଜିତ(୧୬), ପଲାସା ମଣ୍ଡଳ (୧୬), ଜୀବନ ପାଙ୍ଗି(୧୬),

☞ପୃଷ୍ଠା–୨

## ଘାଟି ତଳକୁ ଖସିଲା ସ୍କୁଟି, ୩ ଯୁବକ ମୃତ

କୋରାପୁଟ/ନାରାୟଣପାଟଣା, ୨୭।୯(ଅମିତାଭ ବେହେରା/ ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ଥାନା ଅନ୍ତର୍ଗତ ଲଙ୍ଗଳବେଡା ଗ୍ରାମ ନିକଟସ୍ଥ ଘାଟିରେ ବୁଧବାର ରାତି ୮ଟାରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇ ୬୦ ଫୁଟ ତଳକୁ ଖସିପଡିଛି। ଫଳରେ ସ୍କୁଟିରେ ଥିବା ୩ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ଆନ୍ଧ୍ର ପ୍ରଦେଶ ପାର୍ବତୀପୁର ମାନ୍ୟମ ଜିଲା ଅନ୍ତର୍ଗତ ମକୁଆ ମଣ୍ଡଳର ଆନସୁଭଦ୍ରା ଗ୍ରାମର ଜୟ ରାଜୁ (୧୯), ମାରି ଶିବା (୨୦) ଓ ମାଲିକା ବାଲରାଜୁ (୨୧) ବୋଲି ଜଣାପଡଛି।

ଖବରରୁ ଜଣାପଡିଛି, ଆନ୍ଧ୍ରର ଆନାସୁଭଦ୍ରା ଅଞ୍ଚଳର ଏହି ୩ ଜଣ ଯୁବକ କୌଣସି କାମରେ ଏକ ସ୍କୁଟି ଯୋଗେ ନାରାୟଣପାଟଣାର ବୋରିଗି ଅଞ୍ଚଳକୁ ଆସିଥିଲେ। କାମ ସାରି ଘରକୁ ଫେରୁଥିବାବେଳେ ଲଙ୍ଗଳବେଡା ଘାଟିରେ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ନାରାୟଣପାଟଣା ପୋଲିସ ଆମ୍ବୁଲାନ୍ସ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା। ସେମାନଙ୍କୁ ଘାଟି ତଳୁ ଉଦ୍ଧାର କରିବାକୁ ପ୍ରାୟ ଏକ ଘଣ୍ଟା ସମୟ ଲାଗିଥିଲା। ମୃତଦେହଗୁଡିକୁ ନାରାୟଣପାଟଣା ମେଡିକାଲରେ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ଖବର ପାଇ ସେମାନଙ୍କ ପରିବାରଲୋକେପହଞ୍ଚିଥିବାଜଣାପଡ଼ିଛି।

**ଆଜିର ସମ୍ପାଦକୀୟ**
**ବିଶ୍ୱ ଜଳ ସଙ୍କଟ**

DSPL-246
5T TRANSPARENCY TECHNOLOGY TEAMWORK TIME TRANSFORMATION | ଓଡ଼ିଶା ସରକାର | ମୋ ସରକାର ☎ 14545

ବିଶ୍ୱ ଜଳାତଙ୍କ ଦିବସ
୨୮ ସେପ୍ଟେମ୍ବର ୨୦୨୩

“ସମୟୋଚିତ ପଦକ୍ଷେପ ଦ୍ୱାରା ଜଳାତଙ୍କ ରୋଗକୁ ପ୍ରତିରୋଧ କରାଯାଇପାରେ। ଆବଶ୍ୟକ ସ୍ଥଳେ ଯଥାଶୀଘ୍ର ଡାକ୍ତରୀ ସହାୟତା ନିଅନ୍ତୁ।”
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା



- ଜଳାତଙ୍କ ପ୍ରତିଷେଧକ ଟୀକା ସମସ୍ତ ସରକାରୀ ଚିକିତ୍ସାଳୟରେ ମାଗଣା ଉପଲବ୍ଧ।
- କୌଣସି ପଶୁ କାମୁଡ଼ିଲେ ତୁରନ୍ତ ସେ ସ୍ଥାନକୁ କାର୍ବଲିକ୍ ସାବୁନ୍ ଓ ପାଣିରେ ଧୋଇ ଦିଅନ୍ତୁ।
- ପଶୁମାନଙ୍କ ସଂସ୍ପର୍ଶରେ ବାରମ୍ବାର ଆସୁଥିବା ବ୍ୟକ୍ତି ପୂର୍ବରୁ ଜଳାତଙ୍କ ପ୍ରତିଷେଧକ ଟୀକା ନେଇଯିବା ଉଚିତ୍।
- ପଶୁ କାମୁଡ଼ିବା ପରବର୍ତ୍ତୀ ପ୍ରତିଷେଧକ ଟୀକା ପାଇଁ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ।

OIPR-10003/13/0110/2324
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

DADLS-36
ସତ୍ୟମେବ ଜୟତେ



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଗଣେଶୀଲାଲ
(ଗଣେଶୀଲାଲ)

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଇସଲାମ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ପ୍ରଦୀପ କୁମାର ଅମାତ
(ପ୍ରଦୀପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା
OIPR-15001/13/0148/2324

# ଧରିତ୍ରୀ
DHARITRI





**ଫିଲ୍ମ 'ଡୁନ୍କି'ର ରିଲିଜ ଅପେକ୍ଷାରେ ତାପସୀ**
ନିଜ ସିନେମା 'ଡୁନ୍କି'ର ରିଲିଜକୁ ଅପେକ୍ଷା କରି ରହିଛନ୍ତି ତାପସୀ ପାନ୍ନୁ। ଏହି ଫିଲ୍ମରେ ଶାହାରୁଖ୍ ନାୟକ ସାଜିଛନ୍ତି।
୧୦

୧୨
**ନେପାଳର ବିଶ୍ୱରେକର୍ଡ**
କୁଶାଳ ମଲ୍ଲଙ୍କ ଦ୍ରୁତତମ ଅନ୍ତର୍ଜାତୀୟ ଶତକ ବଳରେ ଏସିଆନ୍ ଗେମ୍ସ କ୍ରିକେଟରେ ନେପାଳର ବିଶ୍ୱରେକର୍ଡ ବିଜୟ।



# ୧୦ରୁ ଘରୋଇ ବସ୍ ଧର୍ମଘଟ

## 'ଲକ୍ଷ୍ମୀ' ଯୋଜନାକୁ ବିରୋଧ

**ଭୁବନେଶ୍ୱର,୨୭।୯ (ଅନିଲ ଦାସ)**

ଅକ୍ଟୋବର ୧୦ରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ରାଜ୍ୟବ୍ୟାପୀ ଘରୋଇ ବସ୍ ଧର୍ମଘଟ ହେବ। ପ୍ରାୟ ୧୮ ହଜାର ବସ୍ ଧର୍ମଘଟରେ ସାମିଲ ହେବେ। ବୁଧବାର ଭୁବନେଶ୍ୱରଠାରେ ଅଲ୍ ଓଡ଼ିଶା ବସ୍ ମାଲିକ ସଂଘର ସଭାପତି ଲୋକନାଥ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ 'ଲକ୍ଷ୍ମୀ' ବସ୍ ଯୋଜନାକୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଆସନ୍ତା ୨ ତାରିଖରେ ମାଲକାନଗିରିରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ ହେବ। ସେହିଦିନ କେବଳ ଅବିଭକ୍ତ କୋରାପୁଟ ଜିଲାର କୋରାପୁଟ, ମାଲକାନଗିରି, ଜୟପୁର ଓ ନବରଙ୍ଗପୁର ଜିଲାକୁ କୌଣସି ଘରୋଇ ବସ୍ ଚଳାଚଳ କରିବ ନାହିଁ। ଏହାପରେ ଅକ୍ଟୋବର ୧୦ରୁ ସାରା ରାଜ୍ୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ☞ପୃଷ୍ଠା-୨

# ଶୁଟିଂ: ଦିନକରେ ୭ ପଦକ

**ଏସିଆନ ଗେମ୍ସ**

- ମହିଳା ୨୫ ମିଟର ପିସ୍ତଲ ଟିମ୍‌କୁ ସ୍ୱର୍ଣ୍ଣିମ ସଫଳତା
- ବିଶ୍ୱ ରେକର୍ଡ ସହ ସିଫ୍ଟ ସମ୍ରାଙ୍କୁ ସ୍ୱର୍ଣ୍ଣ

**ହାଙ୍ଗଝୋ, ୨୭।୯ (ପି.ଟି.)**

ଏସିଆନ ଗେମ୍ସର ଚତୁର୍ଥ ଦିବସରେ ଭାରତୀୟ ଶୁଟରମାନେ ଚମକ ସୃଷ୍ଟି କରିଛନ୍ତି। ବୁଧବାର ଭାରତକୁ ମିଳିଥିବା ୮ଟି ପଦକ ମଧ୍ୟରୁ କେବଳ ଶୁଟରମାନେ ୨ ସ୍ୱର୍ଣ୍ଣ ସହ ୭ଟି ପଦକ ଜିତିଛନ୍ତି। ଅନ୍ୟ ପଦକଟି ସେଲିଂରୁ ଆସିଛି। ପ୍ରତିଭାସମ୍ପନ୍ନ ଶୁଟର ସିଫ୍ଟ କୌର ସମ୍ରା ବିଶ୍ୱ ରେକର୍ଡ ଏବଂ ଏସିଆନ ଗେମ୍ସ ରେକର୍ଡ ସହ ମହିଳା ୫୦ ମିଟର ରାଇଫଲ ୩ ପୋଜିଶନରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ୪୬୯.୬ ପଏଣ୍ଟ ସହିତ ଏହି ସଫଳତା ପାଇଛନ୍ତି। ରାଇଫଲ ୩ ପୋଜିଶନରେ ସ୍ୱର୍ଣ୍ଣ ପଦକ ପାଇବାରେ ସେ ପ୍ରଥମ ଭାରତୀୟ ଶୁଟର। ☞ପୃଷ୍ଠା-୨



ଶୁଟିଂରେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ ପଦକ ବିଜୟିନୀ ସିଫ୍ଟ କୌର ସମ୍ରା ଓ ଆଶି ଚୌକସେ।

# କଲେଜ, ବିଶ୍ୱବିଦ୍ୟାଳୟ ଖାଲି ପଦବୀକୁ ନେଇ ବିଧାନସଭାରେ ଉଦ୍‌ବେଗ

**ଭୁବନେଶ୍ୱର,୨୭।୯(ଅନିଲ ଦାସ)**

ରାଜ୍ୟର ବିଶ୍ୱବିଦ୍ୟାଳୟ, ବିଇଡି କଲେଜଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କଲେଜରେ ବହୁ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲିପଡ଼ିଛି। ସରକାର ଏଥିପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। କେବିକେ ଜିଲାରେ ଅବସ୍ଥା ଆହୁରି ଖରାପ। ଶିକ୍ଷକ ଓ ଅଣଶିକ୍ଷକ ଖାଲି ପଦବୀକୁ ନେଇ ବିରୋଧୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅଡୁଆରେ ପକାଇଥିଲେ। ବୁଧବାର ପ୍ରଶ୍ନକାଳରେ ବିଧାନସଭାରେ ୯୨ ନମ୍ବର ପ୍ରଶ୍ନର ମୂଳ ପ୍ରଶ୍ନକର୍ତ୍ତା କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପଚାରିଥିଲେ ଯେ ରାଜ୍ୟରେ କେତେ ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ରହିଛି। ସେଥିରେ ମଞ୍ଜୁରୀପ୍ରାପ୍ତ ପଦବୀ କେତେ ଓ କେତେ ପଦବୀ ଖାଲି ପଡ଼ିଛି। ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ରାଜ୍ୟରେ ମୋଟ ୪୮ଟି ସରକାରୀ ଡିଗ୍ରୀ କଲେଜ, ୧୬ଟି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ ୨୯୮ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ରହିଛି। ସରକାରୀ କଲେଜରେ ମୋଟ ୨୩୭୩ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେଥିରୁ ୩୮୫ ପଦବୀ ଖାଲି ପଡ଼ିଛି। ସେହିପରି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ମୋଟ ୭୧୧୦ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେଥିରୁ ୧୦୬୫ ପଦବୀ ଖାଲି ପଡିଛି। ୧୦୬୫ ଅଧ୍ୟାପକ ପଦବୀ ପୂରଣ ପାଇଁ ସରକାର ଏସ୍ଏସ୍‌ବି ଦ୍ୱାରା ବିଜ୍ଞାପନ ପ୍ରକାଶ କରିଛନ୍ତି। ତାରା ଅଭିଯୋଗ କରିଥିଲେ ଯେ କୋରାପୁଟରେ ଥିବା ବିଇଡି କଲେଜ ଗତ ୩ ବର୍ଷ ହେବ ବନ୍ଦ ହୋଇ ପଡ଼ିଛି। ବିକ୍ରମ ଦେବ କଲେଜରେ ବହୁ ପଦବୀ ଖାଲି ରହିଛି। ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର କହିଲେ, ବଲାଙ୍ଗୀର ଜିଲାରେ ଥିବା ରାଜେନ୍ଦ୍ର କଲେଜରେ ୧୨୮ ଅଧ୍ୟାପକ ପଦବୀରୁ ୧୦୮ ଖାଲି ପଡ଼ିଛି। ସେହିପରି ୧୫୮ଟି ଅଣଶିକ୍ଷକ ପଦବୀରୁ ୧୪୫ଟି ପଦବୀ ଖାଲିପଡ଼ିଛି। ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀଙ୍କ ନାଁରେ ସ୍ୱାଧିକାର ଭଙ୍ଗ ନୋଟିସ

ବିରୋଧୀ ଦଳ ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ଏହି ନୋଟିସ ଦେଇଛନ୍ତି। ବିଧାନସଭା ଶୂନ୍ୟକାଳରେ ମୋହନ ସ୍ୱାଧିକାର ଭଙ୍ଗ ପ୍ରସଙ୍ଗ ଉଠାଇ କହିଥିଲେ, ବିରୋଧୀ ଦଳ କିଛି ବିବୃତି ମାଗି ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ଗତ ୨୫ ତାରିଖରେ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ଦେଶକୁ ବୈଶ୍ୱିକ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ କରିବା ହେଉଛି ଲକ୍ଷ୍ୟ। ଭାରତ ଖୁବ୍‌ଶୀଘ୍ର ବିଶ୍ୱ ଅର୍ଥନୀତିର ପାୱାରହାଉସ୍ ପାଲଟିବାକୁ ଯାଉଛି।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଆ, ଶକଟା, ପାରା ରଙ୍ଗ**
**ପଶା, ନ୍ୟାୟବଳ, ବେଶ୍ୟା ସଙ୍ଗ**
**ଏ ଷଡ଼ରସରେ ଯେଉଁ ପୁଅ ଥାଏ**
**ଭୋକେ ମରି ଟାକରା ଖାଏ।**

ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରିଦେଇଥାଏ। ଉପର ବର୍ଣ୍ଣିତ ମନ୍ଦ ବା କୁଅଭ୍ୟାସରେ ଲିପ୍ତ ରହିଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନଥାନ୍ତି। ବ୍ୟଭିଚାର ତଥା ଅନୀତିପୂର୍ଣ୍ଣ କାର୍ଯ୍ୟ କରିବସୁଥିବା ବ୍ୟକ୍ତି ଜୀବଦଶାରେ ଅନେକ ଦୁଃଖକଷ୍ଟ ଭୋଗ କରିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାଆ ଜେଉଳାର ଘର**
**ଶାଶୁ ଥାଉଁ ଥାଉଁ ନଣନ୍ଦ ଗଞ୍ଜିଲା**
**ମଲିଚି ଏଥର।**

ଶାଶୁ ଘରର ସଦସ୍ୟଙ୍କ ସହ ଭଲ ନ ପଡ଼ିଲେ ସ୍ଥଳବିଶେଷରେ ବୋହୂ ଅନେକ ଦୁଃଖକଷ୍ଟ ପାଇଥାଏ। ଏପରିସ୍ଥଳେ ଶାଶୁ ଓ ନଣନ୍ଦଠାରୁ ନିୟମିତ ଗଞ୍ଜଣା ଶୁଣୁଥିବା ବୋହୂ ଶାଶୁଘରେ ଚଳିବାରେ ନିଜକୁ ଅସୁରକ୍ଷିତ ମନେକରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଜିଦ୍‌ରେ ଅଟଳ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା

**ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)**

୧୫ ଦଫା ଦାବି ନେଇ ମଧ୍ୟାହ୍ନଭୋଜନ ପାଚିକା ସହାୟିକାମାନେ ଲୋୟର ପିଏମଜିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ, ଏଚ୍‌ଏମ୍‌ଏସ୍ ସହବନ୍ଧିତ ପାଚିକା ସହାୟିକା ସଂଘ, ସିଆଇଟିୟୁ ସହବନ୍ଧିତ ଅଲ ଓଡ଼ିଶା ପାଚିକା ସହାୟିକା ସଂଘ, ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ, ଏଆଇସିସିଟିୟୁ ସହବନ୍ଧିତ ଓଡ଼ିଶା ପାଚିକା ମହାସଂଘକୁ ନେଇ ଗଠିତ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ମିଳିତ ମଞ୍ଚ ପକ୍ଷରୁ ଏହି ଆନ୍ଦୋଳନ ଜାରି ରହିଛି। ତେବେ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନରୁ ଓହରିବେନି ବୋଲି ଆନ୍ଦୋଳନକାରୀମାନେ ଜିଦରେ ଅଟଳ ରହିଛନ୍ତି। ଶ୍ରମିକ ମାନ୍ୟତା, ଶିକ୍ଷା ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ମାସିକ ୨୬ ହଜାର ଟଙ୍କା ଦରମା, ବେଆଇନ ଛଟେଇ ବନ୍ଦ, ଛଟେଶ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ଅବସର ବୟସ ସୀମା ୬୫ବର୍ଷକୁ ବୃଦ୍ଧି, ସାମାଜିକ ସୁରକ୍ଷା ବ୍ୟବସ୍ଥା, ୧୦ ମାସ ବଦଳରେ ୧୨ ମାସର ଦରମା ପ୍ରଦାନ ଆଦି ଦାବି ନେଇ ଆନ୍ଦୋଳନକାରୀମାନେ ନାରାବାଜି କରିଛନ୍ତି। ମଧ୍ୟାହ୍ନଭୋଜନ ଯୋଜନାକୁ କେନ୍ଦ୍ର ସରକାର ପିଏମ୍ ପୋଷଣରେ ପରିବର୍ତ୍ତନ କରିଥିଲେ ମଧ୍ୟ ବାର୍ଷିକ ବଜେଟରେ ବ୍ୟୟ ବରାଦ ହ୍ରାସ କରାଯିବା, ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମାସକୁ କେବଳ ୧୪୦୦ଟଙ୍କା, ବର୍ଷରେ ୧୦ ମାସ ଭତ୍ତା ମିଳିବାକୁ ବିରୋଧ କରାଯାଇଛି। ନୂତନ ଶିକ୍ଷାନୀତି ୨୦୨୦କୁ ବାତିଲ କରିବା ସହ ଅନ୍ୟାନ୍ୟ ଦାବିରେ ପାଚିକା ସହାୟିକାମାନେ ଅଡ଼ି ବସିଛନ୍ତି।

## ପୁଣି ନୀଳଗିରିରେ ଜାଲନୋଟ୍ କାରବାର, ୨ ଅଟକ

ନୀଳଗିରି, ୨୭।୯(ପ୍ରଶାନ୍ତ ବିଶ୍ୱାଳ)–ମଙ୍ଗଳବାର ସନ୍ଧ୍ୟାରେ ନୀଳଗିରି ବ୍ଲକ୍ ବରହମପୁର ଥାନା ବାଉଁଶପାଳ ଗାଁର ସୁଶାନ୍ତ ପାତ୍ର ଓ ବରହମପୁର ଗାଁର ଟିକନା ବେହେରା ଏକ ସ୍କୁଟିରେ ଧୋବଶିଳା ନିକଟ ଖୁଣ୍ଟୁଣା ଛକରେ ଥିବା ଏକ ଦୋକାନକୁ ଆସିଥିଲେ। ସେଠାରେ ୫୦ ଟଙ୍କାରେ ବିସ୍କୁଟ କିଣି ୫ ଶହ ଟଙ୍କିଆ ନୋଟ ଦେଇଥିଲେ। ଦୋକାନୀଙ୍କ ସନ୍ଦେହ ହେବାରୁ ସେ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଯୁବକଦ୍ୱୟ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକାଇଥିଲେ। ପୋଲିସ ପହଞ୍ଚି ଯୁବକଦ୍ୱୟଙ୍କୁ ଥାନାକୁ ନେଇ ଅଟକ ରଖିଥିବା ବେଳେ ତାଙ୍କ ପକେଟରୁ ଅଢ଼େଇ ହଜାର ଟଙ୍କା ଜାଲ ନୋଟ୍ ସହ ବ୍ୟବହୃତ ସ୍କୁଟି ଜବତ କରିଛି। ଏନେଇ ବୁଧବାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ପ୍ରକାଶ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀଙ୍କ ...

ନିଜଆଡ଼ୁ ଗୃହରେ ବିବୃତି ରଖିଥିଲେ। ପୂର୍ବରୁ ଗୃହରେ କୌଣସି ବିଷୟରେ ବିରୋଧୀ ଦଳ ବିବୃତି ଦାବି କଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଦେଇ ନ ଥାଆନ୍ତି। ୫-ଟି ସଚିବଙ୍କୁ ସୁରକ୍ଷା ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିବୃତି ରଖିଥିଲେ। ଜନସାଧାରଣ ଖୁସି, ଜନପ୍ରତିନିଧି ଖୁସି। ବିରୋଧୀ ଦଳ ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧ କରୁଛନ୍ତି। ବିରୋଧୀମାନଙ୍କୁ ମୁଖ୍ୟମନ୍ତ୍ରୀ ଜନବିରୋଧୀ ବୋଲି କହିଥିଲେ। ଆମେ ଜନପ୍ରତିନିଧିମାନେ ଲକ୍ଷାଧିକ ଭୋଟ ପାଇ ବିଧାନସଭା ଆସିଛୁ। ଆମେ ଲୋକମାନଙ୍କର କାମ କରୁଛୁ। କିଏ ଜନବିରୋଧୀ ବୋଲି ମୋହନ ପ୍ରଶ୍ନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ଏବଂ ଏହି ଶବ୍ଦକୁ ବିଧାନସଭା ବିବରଣୀରୁ ବାଦ୍ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ପୂର୍ତ୍ତ ବିଭାଗ ତଥ୍ୟରେ ବହୁ ଅସତ୍ୟ ତଥ୍ୟ ରହୁଥିବାବେଳେ ଖାମଖିଆଲି ଭାବେ ଉତ୍ତର ଦିଆଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ଖାମଖିଆଲି ଉତ୍ତରକୁ ନେଇ ସେ ସ୍ୱାଧିକାର ଭଙ୍ଗ ନୋଟିସ ଆଣି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ପ୍ରିଭିଲେଜ କମିଟି ଗଠନ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହାର ବିଚାର କରାଯିବ ବୋଲି ବାଚସ୍ପତି କହିଛନ୍ତି। ଏହା ପରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ବାଚସ୍ପତି ସୁଯୋଗ ନ ଦେବାରୁ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ବିରୋଧୀଙ୍କ ହୋହଲ୍ଲାକୁ ଦେଖି ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୪୨ରୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ମଧ୍ୟାହ୍ନ ୧୨ଟାରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ସମାନ ଅଭିଯୋଗ ଆଣି ପୁଣି ଗୃହରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୨ଟା ୪ ମିନିଟରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ଉଭୟ କଂଗ୍ରେସ ଓ ଭାଜପା ନିଜ ନିଜ ପ୍ରସଙ୍ଗକୁ ନେଇ ପୁଣି ହଟ୍ଟଗୋଳ କରିଥିଲେ। ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ବାଚସ୍ପତି ବାଧ୍ୟ ହୋଇ ବିଭିନ୍ନ ସମୟରେ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ଫେଲ୍ ମାରିଥିଲା। ଅପରାହ୍ନ ୫ଟା ୧୭ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହ କାର୍ଯ୍ୟରେ ସହଯୋଗ ନ କରି ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। କହିବାକୁ ସୁଯୋଗ ଦେଉ ନ ଥିବା ଅଭିଯୋଗ ଆଣି କଂଗ୍ରେସ ଦଳର ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ଭାଜପା ସଦସ୍ୟମାନେ ବିଧାନସଭା ବାହାରେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

### ଶୁଟିଂ: ଦିନକରେ...

ଫାଇନାଲ ପୂର୍ବରୁ କ୍ୱାଲିଫିକେଶନରେ ସେ ୬୦୦ରୁ ୫୯୪ ପଏଣ୍ଟ ଶୁଟ୍ କରି ଏକାଧିକ ରେକର୍ଡର ଅଧିକାରିଣୀ ହୋଇଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଆଶି ଚୌକସେ ୪୫୧.୯ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି। ମନୁ ଭାକର, ଇଶା ସିଂ ଓ ରିଦମ ସଙ୍ଗୱାନ ମହିଳା ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ଭାରତ ପାଇଁ ଅନ୍ୟ ସ୍ୱର୍ଣ୍ଣ ପଦକଟି ଜିତିଛନ୍ତି। ଏହି ତିନି ଶୁଟର ମୋଟ ୧୭୫୯ ପଏଣ୍ଟ ଅର୍ଜନ କରି ଭାରତକୁ ଚଳିତ ପ୍ରତିଯୋଗିତାରେ ଶୁଟିଂରୁ ଦ୍ୱିତୀୟ ଏବଂ ଓଭରଅଲ୍ ୪ର୍ଥ ସ୍ୱର୍ଣ୍ଣ ଦେଇଛନ୍ତି। ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି ଇଶା ସିଂ। ସେ ୩୪ ପଏଣ୍ଟ ପାଇଛନ୍ତି। ରୌପ୍ୟ ପଦକ ହାସଲ ପଥରେ ସେ ନିଜ ସିନିୟର ଖେଳାଳି ମନୁ ଭାକରଙ୍କୁ ପଛରେ ପକାଇ ଦେଇଛନ୍ତି। ଭାକର ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଟିମ୍ ଇଭେଣ୍ଟରେ ରୌପ୍ୟ ପାଇଛନ୍ତି ଆଶି ଚୌକସେ, ମାନିନି କୌଶିକ, ସିଫ୍ଟ କୌର ସମ୍ରା। ସେହିପରି ଅନନ୍ତ ଜିତ୍ ସିଂ ନରୁକା ପୁରୁଷ ସ୍କିଟ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଅନ୍ତିମ ରାଉଣ୍ଡରେ ୧୦ରୁ ୧୦ ପଏଣ୍ଟ ପାଇଥିଲେ। ପ୍ରତିଯୋଗିତା ଶେଷରେ ସେ ୬୦ରୁ ୫୮ ପଏଣ୍ଟ ପାଇଥିଲେ। ମାତ୍ର ତାହା ସ୍ୱର୍ଣ୍ଣ ପଦକ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। କୁଏଟର ଅବଦୁଲା ଅଲ୍‌ରଶିଦି ବିଶ୍ୱ ରେକର୍ଡ ସମକକ୍ଷ ୬୦ରୁ ୬୦ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପାଇଛନ୍ତି। ପୁରୁଷ ସ୍କିଟ୍ ଇଭେଣ୍ଟର ଦଳଗତ ବିଭାଗରେ ଭାରତର ଅନନ୍ତ ଜିତ୍ ସିଂ ନରୁକା, ଅଙ୍ଗଦ ବୀର ସିଂ ବାଜୱା ଓ ଗୁରଜୋତ ଖଙ୍ଗୁରା ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଏହି ତିନି ଭାରତୀୟ ମୋଟ ୩୫୫ ପଏଣ୍ଟ ଶୁଟ୍ କରି ତୃତୀୟ ସ୍ଥାନରେ ରହିଥିଲେ। ଏଥିରେ ଚାଇନା ସ୍ୱର୍ଣ୍ଣ ଓ କାତାର ରୌପ୍ୟ ପଦକ ପାଇଥିଲା। ଭାରତୀୟ ମହିଳା ଦଳ ସ୍କିଟ୍ ଇଭେଣ୍ଟରେ ୪ର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲା।

### ୧୦ରୁ ଘରୋଇ ...

ଧର୍ମଘଟ ଚାଲିବ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟକୁ ଯାତ୍ରୀ ପରିବହନ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ବସ୍ ଚଳାଚଳ କଲେ ଘରୋଇ ବସ୍ ମାଲିକଙ୍କୁ ଘୋର କ୍ଷତି ସହିବାକୁ ପଡ଼ିବ। ଏହା ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର କର୍ମଚାରୀ ଜୀବିକା ହରାଇ ବସିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଲକ୍ଷ୍ମୀ ଯୋଜନାରେ ବସ୍ ନ କିଣି ଆମ ବସ୍‌ଗୁଡ଼ିକୁ ଲିଜ୍‌ରେ ନେଇ ଚଲାଇବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲୁ। ଦୀର୍ଘ ୩ ମାସ ହେଲା ସରକାରଙ୍କ ସହିତ ଏହା ଉପରେ ଆଲୋଚନା କରିଥିଲୁ। ହେଲେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ। ଲକ୍ଷ୍ମୀ ଯୋଜନାରେ ସାରା ରାଜ୍ୟରେ ବସ୍ ସେବା ଆରମ୍ଭ ହେଲେ ଘରୋଇ ବସ୍ କେଉଁଠି ଚାଲିବ। ରାଜ୍ୟ ସରକାର ଆମକୁ ବରବାଦ କରିବା ପାଇଁ ଯୋଜନା କରୁଛନ୍ତି। ସମସ୍ୟାର ସମାଧାନ ନ ହେବା ଯାଏ ବସ୍ ଧର୍ମଘଟ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### କଲେଜ, ବିଶ୍ୱବିଦ୍ୟାଳୟ ...

ସରକାର ସେହିସବୁ କଲେଜ ବନ୍ଦ କରି ଦିଅନ୍ତୁ ନଚେତ୍ ଖାଲି ପଦବୀ ପୂରଣ କରନ୍ତୁ । ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ବିଶ୍ୱବିଦ୍ୟାଳୟରେ ଆଇନଗତ ସମସ୍ୟା ଯୋଗୁ ନିଯୁକ୍ତି ହୋଇପାରୁ ନାହିଁ। ଯେଉଁଠି ଆବଶ୍ୟକ ହେଉଛି ସେଠାରେ ଗେଷ୍ଟ ଫାକ୍‌ଲଟି ନିଯୁକ୍ତି ଦିଆଯାଉଛି। ଆଇନଗତ ପ୍ରତିବନ୍ଧକ ହଟାଇବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ୧ ହଜାର ଅଧ୍ୟାପକ ପଦବୀ ପୂରଣ ହୋଇଛି । ଆହୁରି ୧୦୬୫ ଅଧ୍ୟାପକ ପଦବୀ ପୂରଣ ପାଇଁ ବିଜ୍ଞାପନ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

### ଘାଟିରେ ବସ୍...

ସନ୍ଧ୍ୟା ହରିଜନ(୧୪),ଶୀତଲ ପୂଜାରୀ(୧୫) ବବି ହରିଜନ(୧୫), ଶ୍ରଦ୍ଧାଞ୍ଜଳି ପନକା(୧୫), ଚୁମିତା ସାନ୍ତା(୧୪), ଜହନ ସାନ୍ତା(୧୫), ପୂର୍ଣ୍ଣ ସାନ୍ତା (୧୭) ଓ ଟୁନା ସାନ୍ତା (୧୭)ଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ୧୧ ଜଣଙ୍କୁ କୋରାପୁଟ ସ୍ଥାନାନ୍ତର କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀପ୍ରସାଦ ବେହେରା କହିଛନ୍ତି। ଖବର ଲେଖାଯିବା ବେଳକୁ ୩ଜଣଙ୍କୁ କୋରାପୁଟ ପଠାଯାଇଛି। ଆମ୍ବୁଲାନ୍ସ ନ ଥିବାରୁ ଅନ୍ୟମାନଙ୍କୁ ସ୍ଥାନାନ୍ତର କରିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି।

ଘଟଣାସ୍ଥଳରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଏସ୍‌ଡିସି ଉପଦେଷ୍ଟା ପ୍ରଦୀପ ମାଝି, ଏସ୍‌ପି ଏସ୍.ସୁଶ୍ରୀ, ଉଠାଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଡିଇଓ ପ୍ରଦୀପ କୁମାର ନାଗ, ଏଡିଇଓ ରେଶମଲାଲ ନାୟକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ, ବିଭାଶିଷ ଦେ, ଗୋପାଳ ପଟ୍ଟନାୟକ ପହଞ୍ଚି ଆହତ ଛାତ୍ରୀଛାତ୍ର ଏବଂ ଖେଳ ଶିକ୍ଷକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଦୁର୍ଘଟଣାସ୍ଥଳରେ ଏସ୍‌ପି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଘାଟିରେ ପୂର୍ବରୁ ବହୁ ଦୁର୍ଘଟଣା ହେଉଥିବାବେଳେ ରାଜ୍ୟ ସରକାର ନୂତନ ଓସାରିଆ ରାସ୍ତା ନିର୍ମାଣ କରିଛନ୍ତି। ଘାଟିରେ ଲାଗିଥିବା ସମସ୍ତ ସାଇନ୍ ବୋର୍ଡ ଚୋରି ହୋଇସାରିଲାଣି। ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ନୂଆ ଚାଳକ ଘାଟି ସମ୍ପର୍କରେ ଅବଗତ ହୋଇପାରୁ ନ ଥିବା ଏମ୍‌ପି କହିଛନ୍ତି। କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା ସେ ନେଇ ଆର୍‌ଟିଓ ଏବଂ ଏମ୍‌ଭିଆଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ମୃତ ଖେଳ ଶିକ୍ଷକଙ୍କ ପରିବାର ଏବଂ ଆହତଙ୍କୁ କିପରି ସରକାରୀ ସହାୟତା ମିଳିପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

ଚନ୍ଦାହାଣ୍ଡିରେ ହେବାକୁ ଥିବା ୩ ଦିନିଆ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଜିଲାର ୧୦ ବ୍ଲକର ୫୫୦ ଛାତ୍ରୀଛାତ୍ର ଭାଗ ନେଇଥାନ୍ତେ। ଏଥିପାଇଁ ଜିଲାର ବିଭିନ୍ନ ହାଇସ୍କୁଲର ୫୦ ଜଣ କ୍ରୀଡ଼ା ଶିକ୍ଷକଙ୍କୁ କାର୍ଯ୍ୟକ୍ରମ ପରିଚାଳନା ପାଇଁ ନିୟୋଜିତ କରାଯାଇଥିଲା।

**ଆଜି ବିଶ୍ୱ ଜଳାତଙ୍କ ଦିବସ**

# ସଚେତନତା ଜରୁରୀ

ଜଳାତଙ୍କ ହେଉଛି କୁକୁର, ବିରାଡ଼ି, ବିଲୁଆ, ଗଧିଆ ଆଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କଠାରୁ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନଙ୍କୁ ବ୍ୟାପୁଥିବା ଏଭ ଭୂତାଣୁଜନିତ ରୋଗ। ଏହି ରୋଗ ପ୍ରାୟ ୯୦ ପ୍ରତିଶତ ପାଗଳା କୁକୁର କାମୁଡା କିମ୍ବା ସେମାନଙ୍କ ଲାଳ ଦ୍ୱାରା ବ୍ୟାପିଥାଏ। ପୃଥିବୀର ସମସ୍ତ ଦେଶ ଏବଂ ଆଣ୍ଟାର୍କଟିକାକୁ ଛାଡିଦେଲେ ପ୍ରାୟ ସବୁ ଦେଶରେ ଏହି ରୋଗ ଦେଖିବାକୁ ମିଳିଥାଏ। ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ସ୍ଲୋଗାନଟି ହେଲା-'ଅଲ୍ ଫର୍ ୱାନ୍, ୱାନ ହେଲ୍‌ଥ ଫର୍ ଅଲ୍'।

ଆମ ଦେଶରେ ଏହି ରୋଗ ମୁଖ୍ୟତଃ ଛୋଟ ଛୋଟ ପିଲାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ ଭାରତରେ ବର୍ଷକୁ ପ୍ରାୟ ୧୮-୨୦ ହଜାର ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାଆନ୍ତି। ତେଣୁ ଏହି ରୋଗରେ ଆକ୍ରାନ୍ତ ହୋଇ ଥରେ ଲକ୍ଷଣ ପରିପ୍ରକାଶ ପାଇଲେ ଭଲ ହେବା ଅସମ୍ଭବ ଏବଂ ମୃତ୍ୟୁ ସୁନିଶ୍ଚିତ। ଏହାର ଫଳପ୍ରଦ ଚିକିତ୍ସା ଅପେକ୍ଷା ନିୟନ୍ତ୍ରଣ ଏବଂ ନିରାକରଣ ଏକାନ୍ତ ଆବଶ୍ୟକ।

**କିପରି ବ୍ୟାପିଥାଏ:** ଜଳାତଙ୍କ ରୋଗ ଲାଇସା ଭୂତାଣୁ ଦ୍ୱାରା ବ୍ୟାପିଥାଏ। ଏହି ଭୂତାଣୁ ମୁଖ୍ୟତଃ ବୁଲା ପାଗଳା କୁକୁର କାମୁଡିବା କିମ୍ବା ସେମାନଙ୍କ ଲାଳ ଦ୍ୱାରା ସୁସ୍ଥ ମନୁଷ୍ୟ କିମ୍ବା ପ୍ରାଣୀମାନଙ୍କୁ ବ୍ୟାପିଥାଏ।



**ରୋଗର ଲକ୍ଷଣ:** ଏହି ରୋଗରେ ସୁସ୍ଥ ମନୁଷ୍ୟ ଏବଂ ଗୃହପାଳିତ ପ୍ରାଣୀ(ଗାଈ, ଛେଳି, ମେଣ୍ଢା, ମଇଁଷି, କୁକୁର) ଆକ୍ରାନ୍ତ ହୋଇଥାଆନ୍ତି। ମନୁଷ୍ୟଙ୍କଠାରେ ଏହି ରୋଗ ହୋଇଥିଲେ ସେମାନଙ୍କଠାରେ କ୍ଷତ ସ୍ଥାନ ଜଳାପୋଡା ଏବଂ କୁଣ୍ଡେଇ ହେବା, ସ୍ନାୟବିକ ଦୁର୍ବଳତା ଓ ଅକ୍ଷମତା, ପାଣି, ପବନ, ନିଆଁ, ଶବ୍ଦ ଏବଂ ଆଲୋକ ଆଦିକୁ ଭୟ କରିବା, ଅତ୍ୟଧିକ ପରିଶ୍ରମ ସହ୍ୟ କରି ନ ପାରିବା, ଖାଦ୍ୟ ଢୋକିବାରେ କଷ୍ଟ ଅନୁଭବ କରିବା ଏବଂ ବାନ୍ତି ହେବା ଆଦି ଲକ୍ଷଣ ଦେଖାଦେଇଥାଏ। ଅନ୍ୟପକ୍ଷରେ ଗୃହପାଳିତ ପ୍ରାଣୀମାନେ ଏହି ରୋଗରେ ଆକ୍ରାନ୍ତ ହେଲେ ସେମାନଙ୍କଠାରେ ଉଗ୍ରରୂପ (ଫ୍ୟୁରିୟସ ଫର୍ମ) ଦେଖିବାକୁ ମିଳିଥାଏ। ପ୍ରଥମେ ଆକ୍ରାନ୍ତ ପ୍ରାଣୀର ଶାରୀରିକ ତାପମାତ୍ରା ବଢ଼ିଯାଇଥାଏ। ଖାଇବା-ପିଇବା କମିଯାଏ ଏବଂ ପାଟିରୁ ଲାଳ ଗଡ଼େ। ଆକ୍ରାନ୍ତ ପ୍ରାଣୀଟି ଗଛ, କାନ୍ଥ ଆଦି କଠିନ ସ୍ଥାନରେ ନିଜର ମୁଣ୍ଡକୁ ବାଡେଇଥାଏ। ଦାନ୍ତ କଡ଼ମଡ଼ କରିଥାଏ। ଆଖି ତରାଟି, କାନ ଟେକି ଅନ୍ୟ ପ୍ରାଣୀ ତଥା ମନୁଷ୍ୟମାନଙ୍କୁ ଅନାଇବା ସହ ମାରିବାକୁ ଗୋଡ଼ାଇଥାଏ। ବେଳେବେଳେ ନିଜ ଶରୀରର ଗୋଡ଼, ବନ୍ଧା ଯାଇଥିବା ଖୁଣ୍ଟ କିମ୍ବା ଚୌକିକୁ କାମୁଡିଥାଏ। ଯଦି ଖୋଲା ଛାଡିଦିଆଯାଏ, ତେବେ ପାଗଳ ପରି ଏଣେତେଣେ ଦୌଡିଥାଏ। ଏହି ରୋଗରେ ଆକ୍ରନ୍ତ ପଶୁଟି ଥକି ଯାଇ ନୀରବ ହୋଇ ଗୋଟିଏ ଜାଗାରେ ଠିଆ ହୋଇ ରହେ। ପଶୁଟି ଜୋର୍‌ରେ ବୋବାଇ ଥାଏ। ଖାଦ୍ୟପାନୀୟ ଢୋକି ପାରି ନ ଥାଏ। ଶେଷରେ ପଡି ପଡି ମୃତ୍ୟୁବରଣ କରିଥାଏ।

**କୁକୁର କାମୁଡ଼ିବା ପରେ:** ଯଦି ଗୋଟିଏ ସୁସ୍ଥ ପ୍ରାଣୀ କିମ୍ବା ମନୁଷ୍ୟକୁ ଏକ ବୁଲାକୁକୁର କାମୁଡି ଦେଲା, ତେବେ ଡାକ୍ତରୀ ପରାମର୍ଶ କରି ଟିକା ନେବା ପୂର୍ବରୁ ଉକ୍ତ କାମୁଡା ଜାଗାଟିକୁ ଭଲ ଭାବରେ ସାବୁନ୍‌ରେ ଅତିକମ୍‌ରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ଧୋଇ ସାରିବା ପରେ ଉକ୍ତ ଜାଗାଟିକୁ ଚଳନ୍ତା ପାଣି ସ୍ରୋତ କିମ୍ବା ଟ୍ୟାପ୍ ପାଣିରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ତା'ପରେ ଉକ୍ତ ସ୍ଥାନଟିରେ ଆଣ୍ଟିସେପ୍ଟିକ ମଲମ କିମ୍ବା ଲୋଶନ ଲଗାନ୍ତୁ। କୌଣସି ପରିସ୍ଥିତିରେ ଉକ୍ତ ଜାଗାକୁ ବ୍ୟାଣ୍ଡେଜ କରନ୍ତୁ ନାହିଁ। ଉପରୋକ୍ତ ପ୍ରାଥମିକ ଚିକିତ୍ସା କରିସାରିବା ପରେ ଡାକ୍ତରୀ ପରାମର୍ଶ ଅନୁସାରେ ଟିକା ନିଅନ୍ତୁ।

**ଜାଣିରଖନ୍ତୁ:** ଏହି ରୋଗ ଭୂତାଣୁ ଆକ୍ରାନ୍ତ ପ୍ରାଣୀର କ୍ଷୀର ଖାଇବା ଦ୍ୱାରା ମନୁଷ୍ୟଙ୍କୁ ବ୍ୟାପିବାର କୌଣସି ବୈଜ୍ଞାନିକ ପ୍ରମାଣ ଏ ପର୍ଯ୍ୟନ୍ତ ମିଳିନାହିଁ। ତେଣୁ କୁକୁର କାମୁଡିଥିବା ଗାଈର କ୍ଷୀରକୁ ତାହାର ବାଛୁରୀ ପିଇବା ଦ୍ୱାରା କିମ୍ବା ମନୁଷ୍ୟ ପିଇବା ଦ୍ୱାରା କୌଣସି ବିପଦ ନାହିଁ। ସେହିପରି କଞ୍ଚାକ୍ଷୀରକୁ ଗରମ କରି ପିଇଲେ ଏହା ଅଧିକ ନିରାପଦ। କୁକୁର କାମୁଡିଥିବା ଛେଳିମାଂସକୁ ଆମ ଭାରତୀୟ ପଦ୍ଧତିରେ ରୋଷେଇ କରି ଖାଇଲେ ମଧ୍ୟ କୌଣସି ଅସୁବିଧା ହୋଇ ନ ଥାଏ। ଯେହେତୁ ଏହି ରୋଗର କୌଣସି ଫଳପ୍ରଦ ଚିକିତ୍ସା ନାହିଁ, ତେଣୁ ଏହାର ନିୟନ୍ତ୍ରଣ ଏବଂ ନିରାକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏ ରୋଗ ସମ୍ପର୍କରେ ସାମଗ୍ରିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ।

–ଡା. ନିରାକାର ଜେନା
ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡି
ମୋ: ୯୪୩୯୮୯୦୦୨୬

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ସତ୍ତ୍ୱେ ଆତ୍ମୀୟଙ୍କ ବିରୋଧରୁ ମାନସିକ ଶାନ୍ତି ବ୍ୟାହତ ହେବ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ସମସ୍ୟା ବୃଦ୍ଧି ପାଇପାରେ। ପାରିବାରିକ ସମସ୍ୟାକୁ ସରଳଭାବେ ସମାଧାନ କରିବେ।

**ବୃଷ**
ଆନୁଷ୍ଠାନିକ କ୍ଷେତ୍ରରେ ମିତ୍ର ବନ୍ଧୁରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଦୀର୍ଘଦିନର ଆଶା ମଉଳି ଯିବ, କିନ୍ତୁ ଆର୍ଥିକ ଦିଗରୁ ଦିନଟି ପ୍ରାୟତଃ ଭଲ ରହିବ।

**ମିଥୁନ**
କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସମସ୍ୟା ସମାଧାନର ସମ୍ମୁଖୀନ ହେବେ। ସହକର୍ମୀଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ସହକର୍ମୀମାନଙ୍କର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**କର୍କଟ**
କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବନ୍ଧୁଙ୍କ ପରାମର୍ଶରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି।

**ସିଂହ**
ଆଜି ସକାଳୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ ମାତ୍ର ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା**
ବନ୍ଧୁଙ୍କ ସମ୍ବନ୍ଧରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସହ ଓଲଟା କଥା ବାର୍ତ୍ତାକରି ଅପଦସ୍ତ ହେବେ। କଠୋର ପରିଶ୍ରମଜନିତ କ୍ଳାନ୍ତି ଓ ଅବସାଦ ଅନୁଭବ କରିପାରନ୍ତି।

**ତୁଳା**
ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠିକ୍ ହୋଇଯିବ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଶ୍ରୁତିରୋଧକ ମନ୍ତବ୍ୟ ଦେଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଜିଦ୍‌ଖୋର ସ୍ୱଭାବ ତ୍ୟାଗ କଲେ କେତେକାଂଶରେ ଉପକୃତ ହେବେ।

**ବିଛା**
ଆଜିର କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ବନ୍ଧୁମାନଙ୍କ ଜରିଆରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ, ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ବହୁତ ଭଲ।

**ଧନୁ**
ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁକ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିବେ।

**ମକର**
ଆଜି କାମ ଆରମ୍ଭ ପୂର୍ବରୁ ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ଚିନ୍ତାକୁଳ ହୋଇପାରନ୍ତି। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ଜଣାଶୁଣା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ କିନ୍ତୁ ଭାବୁଥିବା କଥାଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନକ ଦୁଃଖ ଅନୁଭବ କରିବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ଗୁରୁବାର, ଅନନ୍ତବ୍ରତ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଶ୍ରୀଲିଙ୍ଗରାଜଦେବଙ୍କ ପାର୍ଶ୍ୱପରିବର୍ତ୍ତନ ଉତ୍ସବ, ଶକ୍ର ବିସର୍ଜନ ଓ ଇନ୍ଦ୍ରଧ୍ୱଜ ପୂଜା ସମାପ୍ତ, ପୂର୍ଣ୍ଣମୀ ବିହିତ ଚନ୍ଦ୍ରୋପବାସ, ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ, ଶହୀଦ ଭଗତ ସିଂ ଜୟନ୍ତୀ, କବିବର ରାଧାନାଥ ଜୟନ୍ତୀ, ମହାପୁରୁଷ ମହମ୍ମଦ ଜୟନ୍ତୀ (ମିଲଦ୍-ଉନ୍-ନବି), ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୦ ଗତେ ଘ.୦୭।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୦୬ ଗତେ ଘ.୦୨।୩୫ ମଧ୍ୟେ ରାହୁକାଳ।

# ଆଟେଣ୍ଡାଣ୍ଟ ସସ୍‌ପେଣ୍ଡ, ଡିଏନ୍‌ଏ ଟେଷ୍ଟ ଜିଦ୍‌ରେ ପ୍ରାଣକୃଷ୍ଣ

ଭୁବନେଶ୍ୱର, ୨୭।୯
(ଅସମାପିକା ସାହୁ)

## କ୍ୟାପିଟାଲ ହସ୍ପିଟାଲରେ ଶିଶୁ ବଦଳ ଅଭିଯୋଗ ଘଟଣା

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଶିଶୁ ଅଦଳବଦଳ ଅଭିଯୋଗ ଘଟଣାରେ ଲେବର ରୁମ୍‌ର ଆଟେଣ୍ଡାଣ୍ଟଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ସସ୍‌ପେଣ୍ଡ କରିଛନ୍ତି। ଦାୟିତ୍ୱରେ ଅବହେଳା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତଦନ୍ତ ପାଇଁ ଗଠନ ହୋଇଥିବା କମିଟିର ରିପୋର୍ଟ ଅନୁସାରେ ନବଜାତ ଶିଶୁର ବାପାଙ୍କୁ ଖବର ଦେଇଥିବା ଆଟେଣ୍ଡାଣ୍ଟଙ୍କୁ ସସ୍‌ପେଣ୍ଡ କରାଯାଇଛି। ଭୁଲ୍ ବୁଝାମଣା ଯୋଗୁ ଏପରି ହୋଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଶିଶୁ ଜନ୍ମ ହେବା ପରେ ରଖାଯାଇଥିବା ସମସ୍ତ ପ୍ରମାଣ ଝିଅ ଦର୍ଶାଉଛି। ଶିଶୁ ଜନ୍ମ ହେବା କ୍ଷଣି ଶିଶୁର ମାଆଙ୍କୁ ସୂଚନା ଦିଆଯାଇଥିଲା। ଶିଶୁର ପିତା ଝିଅ ଗ୍ରହଣ କରିବାକୁ ରାଜି ନ ଥିବାରୁ ପୋଲିସ ପଦକ୍ଷେପ ନେବ। ଏଥିସହ ହସ୍ପିଟାଲ କମିଟି ତଦନ୍ତ ଜାରି ରଖିବ। ଏଥିସହିତ ଯଦି ତାଙ୍କ ପରିବାର ଡିଏନ୍‌ଏ ଟେଷ୍ଟ ପାଇଁ ବାଧ୍ୟ କରିବେ, ତେବେ ଆମେ ଟେଷ୍ଟ କରିବାକୁ ରାଜି ଅଛୁ ବୋଲି କ୍ୟାପିଟାଲ ନିର୍ଦ୍ଦେଶକ କହିଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ନବଜାତ ଶିଶୁ ଅଦଳବଦଳ ହୋଇଥିବା ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ପ୍ରାଣକୃଷ୍ଣ ବିଶ୍ୱାଳ ଅଭିଯୋଗ ଆଣିଥିଲେ। ପ୍ରଥମେ ପୁଅ ଜନ୍ମ ହୋଇଥିବା କହି ପରେ ଝିଅ ଦିଆଯାଇଥିବା ନେଇ ସେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଓ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଏହାସହ ଶିଶୁର ଡିଏନ୍‌ଏ ଟେଷ୍ଟ ପାଇଁ ଦାବି କରିଥିଲେ। ଏପରିକି ଡିଏନ୍‌ଏ ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପିଲାକୁ ନେବେ ନାହିଁ ବୋଲି କହି ପ୍ରାଣକୃଷ୍ଣ ଅଡି ବସିଥିଲେ। ଅଭିଯୋଗ ଆସିବା ପରେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଏହାର ତଦନ୍ତ କରିଥିଲା। ତେବେ ପ୍ରାଣକୃଷ୍ଣଙ୍କ ସ୍ତ୍ରୀ ଝିଅ ଜନ୍ମ ଦେଇଥିବା ପ୍ରାଥମିକ ପର୍ଯ୍ୟାୟ ତଦନ୍ତରୁ ସ୍ପଷ୍ଟ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଉଛି। ଏହାସତ୍ତ୍ୱେ ପ୍ରାଣକୃଷ୍ଣ ଡିଏନ୍‌ଏ ଟେଷ୍ଟ ନ ହେବା ପର୍ଯ୍ୟନ୍ତ ଶିଶୁକୁ ନେବେ ନାହିଁ ବୋଲି ରୋକ୍‌ଠୋକ୍ କହିଛନ୍ତି। ଡିଏନ୍‌ଏ ରିପୋର୍ଟ ଯାହା ଆସିବ ତାହାକୁ ସେ ଗ୍ରହଣ କରିବେ ବୋଲି କହିଛନ୍ତି।



ରାଜ୍ୟରେ ୫୦୦ ସରକାରୀ ଆୟୁର୍ବେଦିକ ଓ ୫୦୦ ସରକାରୀ ହୋମିଓପାଥିକ ଡିସ୍‌ପେନ୍‌ସାରୀ ଖୋଲି ନିଯୁକ୍ତି ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନରତ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ବୁଧବାର ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଆଡକୁ ଯିବାକୁ ଉଦ୍ୟମବେଳେ ପୋଲିସ ଅଟକାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

# ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ

ପୁରୀ, ୨୭।୯(ଅଜିତ ମହାନ୍ତି)

ପୁରୀ ସମୁଦ୍ରରେ ବୁଡ଼ିଯାଇ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ବିଶାଲ ଓରାମ। ସମୁଦ୍ରରେ ଲହଡ଼ି ମାଡ଼ ତଥା କରେଣ୍ଟ ସଂସ୍ପର୍ଶରେ ଆସି ବିଶାଲଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଞ୍ଚି ଅଞ୍ଚଳରୁ ବିଶାଲ ଓ ତାଙ୍କର ୨୦ ଜଣ ସାଙ୍ଗ ପୁରୀ ବୁଲିବାକୁ ଆସିଥିଲେ। ବୁଧବାର ଅପରାହ୍ନରେ ସେମାନେ ସିଟି ରୋଡ୍‌ସ୍ଥିତ ଶଙ୍କର ଇଣ୍ଟରନ୍ୟାଶନାଲ ସମ୍ମୁଖ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ କରେଣ୍ଟରେ ପଡ଼ି ବିଶାଲ ଭାସିଯାଇଥିଲେ। ଲାଇଫଗାର୍ଡ ଏବଂ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଋଣବୋଝ ନେଲା ଚାଷୀଙ୍କ ଜୀବନ

## ମୃତଦେହ ରଖି ରାସ୍ତା ଅବରୋଧ

ବରଗଡ଼, ୨୭।୯
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ୍ ଥାନା ରାଇସଲପଦର ପଞ୍ଚାୟତର ଉମରାଡ ଗ୍ରାମରେ କୀଟନାଶକ ଖାଇ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ଉକ୍ତ ଗ୍ରାମର ପଦ୍ମନ ଭୁଏ(୩୪)। ଋଣବୋଝ ତଥା ଋଣ ଅସୁଲିରେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କ ତାଗିଦା ଯୋଗୁ ମାନସିକ ଭାରସାମ୍ୟ ହରାଇ ପଦ୍ମନ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ସନ୍ତୋଷିନୀ ଗାଇସିଲେଟ୍ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଗାଇସିଲେଟ୍ ବ୍ଲକ ଅଧୀନ ଶରଧାପାଲି ଛକରେ ଅଞ୍ଚଳବାସୀ ଚାଷୀଙ୍କ ମୃତଦେହ ରଖି ଲୋଇସିଂହା-ପଦ୍ମପୁର ରାସ୍ତାକୁ ଅବରୋଧ କରିଥିଲେ। ମୃତ ଚାଷୀଙ୍କୁ ଦୁର୍ବ୍ୟବହାର କରିଥିବା ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଗିରଫ, ପରିବାର ଲୋକଙ୍କୁ ଇନ୍ଦିରା ଆବାସ ଏବଂ ୫ଲକ୍ଷ ଟଙ୍କାର ବୀମା କ୍ଷତିପୂରଣ ଦେବା ପାଇଁ ସେମାନେ ଦାବି କରିଥିଲେ। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ରାସ୍ତା ଅବରୋଧ ଆନ୍ଦୋଳନ ଜାରି ରହିଥିଲା।



ମୃତ ଚାଷୀଙ୍କ ଶୋକାକୁଳ ପରିବାର।

ସୂଚନା ଅନୁସାରେ, ମୃତ ଚାଷୀ ପଦ୍ମନ ୩ ଏକର ଜମିରେ ଧାନଚାଷ କରିଛନ୍ତି। ଚାଷକାର୍ଯ୍ୟ, ସାର, କୀଟନାଶକ ପାଇଁ ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ସେ ଋଣ ଆଣିଥିଲେ। ତେବେ ମଙ୍ଗଳବାର ଉକ୍ତ ମାଇକ୍ରୋ ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ତାଙ୍କ ଘରକୁ ଆସି ଋଣ ପରିଶୋଧ ପାଇଁ କଟୁ ଭାଷାରେ ତାଗିଦା କରିଥିଲେ। ଅନ୍ୟପକ୍ଷେ ଋଣ ପରିଶୋଧ ପାଇଁ ଟଙ୍କା ନ ଥିବାରୁ ସେ ପରିଶୋଧ କରି ପାରି ନ ଥିଲେ ଏବଂ ପଦ୍ମନଙ୍କ ସ୍ତ୍ରୀ ସନ୍ତୋଷିନୀ ଋଣ ପରିଶୋଧ ସକାଶେ ଆବଶ୍ୟକ ଟଙ୍କା ଯୋଗାଡ଼ ପାଇଁ ତାଙ୍କ ବାପଘର ପତରାପାଲି ଗ୍ରାମକୁ ଯାଇଥିଲେ। ସେ ଫେରିବା ବେଳକୁ ପଦ୍ମନ କୀଟନାଶକ ଖାଇଦେଇଥିଲେ ବୋଲି ସନ୍ତୋଷିନୀ କହିଛନ୍ତି। ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର-ପୋଲିସ ଧସ୍ତାଧସ୍ତି

ଭୁବନେଶ୍ୱର, ୨୭।୯
(ଅସମାପିକା ସାହୁ)

## ଅଧିକାର ପାଇଁ ଅଧିଆ ପଡ଼ିଲେ, ବ୍ୟାରିକେଡ୍ ଭାଙ୍ଗିଲେ

ରାଜ୍ୟରେ ଗତ ୨୧ବର୍ଷ ହେବ ଆୟୁଷ ଡାକ୍ତରଙ୍କ ପାଇଁ ନିଯୁକ୍ତି ବାହାରିନି। ଫଳରେ ବହୁ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଶେଷରେ ନିଜ ଅଧିକାର ପାଇବାକୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟରେ ୫୦୦ ସରକାରୀ ଆୟୁର୍ବେଦିକ ଓ ୫୦୦ ସରକାରୀ ହୋମିଓପାଥିକ ଡିସ୍‌ପେନ୍‌ସାରି ଖୋଲି ନିଯୁକ୍ତି ଦାବିରେ ଲୋୟର ପିଏମ୍‌ଜିରେ ଚାଲିଥିବା ଏହି ଆନ୍ଦୋଳନ ବୁଧବାର ତିନିଦିନରେ ପହଞ୍ଚିଥିଲା। ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରମାନେ ଗାନ୍ଧୀମାର୍ଗରେ ଅଧିଆ ପଡ଼ି ଦାବି ପୂରଣ ପାଇଁ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆମେ ଭିକାରୀ ନୁହେଁ, ଡାକ୍ତରୀ ଛାତ୍ର ବୋଲି କାନ୍ଦି କାନ୍ଦି କହିଥିଲେ। ସରକାର ସେମାନଙ୍କ ଦାବି ସମ୍ପର୍କରେ ଶୁଣୁ ନ ଥିବାରୁ ଶେଷରେ ସେମାନେ ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଆଡକୁ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଅଟକାଇଥିଲା। ଫଳରେ ପୋଲିସ ଓ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସନ୍ଧ୍ୟାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ସେମାନଙ୍କୁ ଡାକି ଆଲୋଚନା କରିଥିଲେ। ଦାବି ସମ୍ପର୍କରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଆଲୋଚନା କରାଯାଇ ସମାଧାନ ପାଇଁ ଚିନ୍ତା କରାଯିବ ବୋଲି ସଚିବ କହିଥିବା ଅଲ୍ ଓଡ଼ିଶା ଆୟୁଷ ଛାତ୍ର ସଂଘର ସାଧାରଣ ସମ୍ପାଦକ ଡା. ଲୋପାମୁଦ୍ରା ଖଟୋଇ କହିଛନ୍ତି। ସଂଘ ପକ୍ଷରୁ ଗତ ୩୧ ତାରିଖରୁ ରାଜ୍ୟର ୭ଟି ଆୟୁଷ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିଲେ। ଏଥିସହ ରୋଗୀ ସେବା ମଧ୍ୟ ନିରନ୍ତର ଭାବେ ଜାରି ରଖିଥିଲେ। ଦୀର୍ଘ ୨୧ବର୍ଷ ହେବ ନିଯୁକ୍ତି ବାହାରି ନ ଥିବାରୁ ଶତାଧିକ ଡାକ୍ତରୀ ଛାତ୍ରୀଛାତ୍ର ଏବେ ବେକାର ହୋଇ ବସିଛନ୍ତି। ତେଣୁ ସରକାର ତୁରନ୍ତ ଡିସ୍‌ପେନ୍‌ସାରି ଖୋଲିବା ସହିତ ପ୍ରତିବର୍ଷ ୧୦୦ ଏଏମ୍‌ଓ ଏବଂ ୧୦୦ ଏଚ୍‌ଏମ୍‌ଓ ପଦବୀ ପାଇଁ ନିଯୁକ୍ତି ଦିଅନ୍ତୁ ବୋଲି ସେମାନେ ଦାବି କରି ଆସୁଛନ୍ତି।

# ରେଳଧାରଣାକୁ ଚଢ଼ିଗଲା କଣ୍ଟେନର

ବାଲେଶ୍ୱର, ୨୭।୯
(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ୧୬ ନଂ. ଜାତୀୟ ରାଜପଥର ବାମପଦା ଛକ ନିକଟରେ କାର୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ରେଳ ଟ୍ରାକ୍ ଉପରକୁ ଚଢ଼ିଗଲା ଏକ କଣ୍ଟେନର। ଫଳରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ସ୍ଥାନୀୟ ପୋଲିସ, ରେଳ ବିଭାଗ କର୍ମଚାରୀ ପହଞ୍ଚି କଣ୍ଟେନରକୁ କ୍ରେନ ସାହାଯ୍ୟରେ ଉଠାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବାମପଦା ଛକ ନିକଟରେ ଗୋଟିଏ କମ୍ପାନୀର କାର୍ ଟେଷ୍ଟ ଡ୍ରାଇଭ କରୁଥିବା ସମୟରେ ଦିଲ୍ଲୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କଣ୍ଟେନରଟି ସାମ୍ନାକୁ ଆସିଯାଇଥିଲା। କାର୍‌କୁ ବଞ୍ଚାଇବାକୁ ଯାଇ କଣ୍ଟେନରଟି ଭାରସାମ୍ୟ ହରାଇ ରେଳଧାରଣାକୁ ଚଢ଼ି ଯାଇଥିଲା। କାର୍‌ରେ ଥିବା ୨ ଜଣ ଓ କଣ୍ଟେନର ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଟ୍ରାକ୍ ପାର୍ଶ୍ୱରେ କାମ କରୁଥିବା ଶ୍ରମିକମାନେ ଜୀବନ ବିକଳରେ ପଳାଇଯିବାରୁ ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। କାର୍‌ର କ୍ଷତି ହେବା ସହ କଣ୍ଟେନର ମଧ୍ୟ କ୍ଷତି ହୋଇଛି।




ରେଳଧାରଣାରେ ଫସି ରହିଥିବା କଣ୍ଟେନର।

# ରଘୁରାଜପୁରକୁ ଭାରତର ସର୍ବୋତ୍ତମ ପର୍ଯ୍ୟଟନ ଗ୍ରାମ ସମ୍ମାନ



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବୁଧବାର ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ଆୟୋଜିତ 'ଟ୍ରାଭେଲ୍ ଫର୍ ଲାଇଭ୍' କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସଚିବ ଓଡ଼ିଶାର ରଘୁରାଜପୁରକୁ ରୌପ୍ୟ ବର୍ଗରେ ସର୍ବୋତ୍ତମ ଗ୍ରାମ ପୁରସ୍କାର ପ୍ରଦାନ କରୁଛନ୍ତି। (ଫଟୋ: ଚମନ ଗୌତମ)

ଭୁବନେଶ୍ୱର,୨୭।୯
(ଶର୍ମିଷ୍ଠା ପାଣିଗ୍ରାହୀ)

ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଶିଳ୍ପୀଗ୍ରାମ ପୁରୀର ରଘୁରାଜପୁରକୁ ଭାରତର ସର୍ବୋତ୍ତମ ପର୍ଯ୍ୟଟନ ଗ୍ରାମ ୨୦୨୩ ସମ୍ମାନ ମିଳିଛି। ବୁଧବାର ଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସଚିବ ଭି.ବିଦ୍ୟାଭାତି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଏ ନେଇ ଟୁଇଟ୍ କରି ସୂଚନା ଦିଆଯାଇଛି। ପଟ୍ଟଚିତ୍ର କଳା ପାଇଁ ରଘୁରାଜପୁର ପୂର୍ବରୁ ଅନେକ ସମ୍ମାନ, ପୁରସ୍କାର ହାସଲ କରିଛି। ପୁଣି ଥରେ ପର୍ଯ୍ୟଟନ ଦିବସରେ ଏହି ସମ୍ମାନ ଆଣି ଓଡ଼ିଶାକୁ ଗର୍ବିତ କରିଛି ରଘୁରାଜପୁର। ଗ୍ରାମୀଣ ପର୍ଯ୍ୟଟନ କ୍ଷେତ୍ରରେ ଏହି ଜାତୀୟ ସମ୍ମାନ ମିଳିଛି। ଗ୍ରାମୀଣ ପର୍ଯ୍ୟଟନର ସଂରକ୍ଷଣ, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଏବଂ ପର୍ଯ୍ୟଟନର ନିରନ୍ତର ବିକାଶ କ୍ଷେତ୍ରରେ ରଘୁରାଜପୁର ଦେଶରେ ଶୀର୍ଷ ସ୍ଥାନରେ ରହିଛି। ରଘୁରାଜପୁର ସହ ଅନ୍ୟ ୩୫ ଗ୍ରାମକୁ ମଧ୍ୟ ଏହି ସମ୍ମାନ ଦିଆଯାଇଛି। ଗୋଲ୍ଡ, ସିଲଭର୍, ବ୍ରୋଞ୍ଜ ଆଦି ୩ ବିଭାଗରେ ସମ୍ମାନ ଦିଆଯାଇଥିବାବେଳେ ରଘୁରାଜପୁରକୁ ସିଲଭର୍ ବିଭାଗରେ ସମ୍ମାନିତ କରାଯାଇଛି।

# ସର୍ଭିସ୍ ବନ୍ଧୁକରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

ସୁନାବେଡା, ୨୭।୯
(କୃତ୍ତିବାସ ପ୍ରଧାନ)

ସୁନାବେଡ଼ାସ୍ଥିତ ୨୦୨ କୋବ୍ରା ବାଟାଲିୟନର ଜଣେ ଯବାନ ବୁଧବାର ନିଜ ସର୍ଭିସ୍ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ସୁନାବେଡ଼ା ଥାନାରେ ଏତଲା ହୋଇଛି। ତାଙ୍କ ନାମ ସେର ଦିଲୀପ (୨୬)। ସେ ଗୁଜରାଟର ଦ୍ୱାରକା ଜିଲା ଭାରିଆ ଦେବଗଡ଼ ଥାନା ଜରେରା ଗ୍ରାମର ଗୋବ ଭାଇଙ୍କ ପୁଅ। ବୁଧବାର ଭୋର ୩ଟା ୪୦ରେ ଡ୍ୟୁଟି କରୁଥିବା ବେଳେ ଦିଲୀପ ନିଜ ସର୍ଭିସ୍ ବନ୍ଧୁକ ଏକେ-୪୭କୁ ନିଜ ଗଳାରେ ଲଗାଇ ଫୁଟାଇ ଦେଇଥିଲେ। ଏ ସମ୍ପର୍କରେ ବାଟାଲିୟନର ରାଜେଶ ସୁନାବେଡ଼ା ଥାନାକୁ ଜଣାଇଥିଲେ। ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ, ଏସ୍‌ଡିପିଓ ମନୋଜ ବେହେରା, ଏସ୍‌ଆଇ ସଞ୍ଜୀବ ବେହେରା ପ୍ରମୁଖ ପହଞ୍ଚି ମୃତଦେହ ଜବତ କରିଥିଲେ। ସୁନାବେଡ଼ା ଥାନାରେ କେସ୍ ନଂ. ୨୪/୨୩ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।

# ନିଶାସକ୍ତ ଅବସ୍ଥାରେ ତଳେ ଗଡ଼ିଲେ ପ୍ରଧାନ ଶିକ୍ଷକ

କେନ୍ଦୁଝର,୨୭।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ଗରଗଡ଼ ବାହାଳ ପ୍ରାଥମିକ ବିଦ୍ୟାଳୟ

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ବଡ଼ପଳାଶପାଳ ପଞ୍ଚାୟତ ଗରଗଡ଼ ବାହାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଲଜ୍ଜାଜନକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସ୍କୁଲର ପ୍ରଧାନ ଶିକ୍ଷକ ନିଶାସକ୍ତ ଅବସ୍ଥାରେ ସ୍କୁଲ ଆସିଥିବା ବେଳେ ଚାଲି ନ ପାରି ବିଦ୍ୟାଳୟ ପରିସରରେ ପଡ଼ିଥିଲେ। ଅଭିଭାବକମାନେ ଘଟଣା ସମ୍ପର୍କରେ ଶିକ୍ଷା ଅଧିକାରୀଙ୍କ ନଜରକୁ ଆଣିଛନ୍ତି। ଏହାର ତଦନ୍ତ ହେଉଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ପିଲା ପଢୁଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୨ ଜଣ ଶିକ୍ଷକ ଥିବା ବେଳେ ପୂର୍ବାହ୍ନ ୯.୩୦ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମୁଣ୍ଡା ନିଶାସକ୍ତ ଅବସ୍ଥାରେ ସ୍କୁଲ ଆସିଥିଲେ। ନିଶାରେ ଟଳମଳ ହୋଇ ବହୁ କଷ୍ଟରେ ଗେଟ୍ ଖୋଲି ଭିତରକୁ ପଶିଥିବା ବେଳେ ସ୍କୁଲ ବାରଣ୍ଡାରେ ପହଞ୍ଚିବା ପୂର୍ବରୁ ତଳେ ଗଡି ପଡ଼ିଥିଲେ। ପ୍ରଧାନ ଶିକ୍ଷକଙ୍କ ଏଭଳି ଅବସ୍ଥା ଦେଖି ପିଲାମାନେ ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ପ୍ରଧାନ ଶିକ୍ଷକ ବିଦ୍ୟାଳୟ ପରିସରରେ ଏକ ଗଛମୂଳରେ ଗଡୁଥିବା ଦେଖି ପାଣି ଛିଞ୍ଚି ଉଠାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଦୀର୍ଘ ଘଣ୍ଟା ଧରି ଉଠିପାରି ନ ଥିଲେ। କେତେଜଣ ଏହାର ଭିଡିଓ ରେକର୍ଡ କରି ଭାଇରାଲ କରିଦେଇଥିଲେ। ଭିଡିଓ ଭାଇରାଲ ପରେ ଅଭିଭାବକମାନେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ମଦ୍ୟପାନ କରି ଶିକ୍ଷକ ବିଦ୍ୟାଳୟକୁ ଆସିବା ଫଳରେ ପିଲାମାନଙ୍କ ଉପରେ ଖରାପ ପ୍ରଭାବ ପଡୁଛି। ଏଣୁ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛନ୍ତି। ଏ ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ତଦନ୍ତ କରିବାକୁ ସ୍ଥାନୀୟ ସିଆର୍‌ସିଙ୍କୁ ପଠାଇଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ବିଦ୍ୟାଳୟରେ ପାଠପଢ଼ା ହୋଇଥିଲା ଏବଂ ପିଲାମାନଙ୍କୁ ମିଡ୍ ଡେ ମିଲ୍ ଦିଆଯାଇଥିବା ସେ କହିଛନ୍ତି।



ବିଦ୍ୟାଳୟ ପରିସରରେ ପଡ଼ିଥିବା ପ୍ରଧାନ ଶିକ୍ଷକ।






"ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**

# ବିଶ୍ୱ ଜଳ ସଙ୍କଟ



ଜୋଶୁଆ କାଷ୍ଟେଲିନୋ

ମାର୍ଚ୍ଚ ୧୯୭୭ରେ ଜାତିସଂଘ ଜଳ ସମ୍ମିଳନୀରେ ଆର୍ଜେଣ୍ଟିନାର ମାର୍ ଡେଲ ପ୍ଲାଟାରେ ୧୧୬ଟି ଦେଶର ପ୍ରତିନିଧି ଏକାଠି ହୋଇଥିଲେ। ସେହି ସମୟରେ ଏହି ସମ୍ମିଳନୀ ଉପରେ ଖୁବ୍ କମ୍ ଧ୍ୟାନ ଦିଆଯାଇଥିଲା। କାରଣ ବିଶ୍ୱ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଥିବା ହାତଗଣତି କେତେକ ଶକ୍ତିଶାଳୀ ଦେଶଗୁଡ଼ିକ ମଧ୍ୟରେ ଥିବା ଅଧିକାଂଶ ନାତିଶୀତୋଷ୍ଣ ଦେଶରେ ଜଳାଭାବ, ଅତ୍ୟଧିକ ପ୍ରଦୂଷଣ ଏବଂ ବନ୍ୟାସ୍ଥିତିକୁ ପ୍ରମୁଖ ପ୍ରସଙ୍ଗ ଭାବରେ ବିବେଚନା କରାଯାଇ ନ ଥିଲା। କିନ୍ତୁ ଚଳିତବର୍ଷ ମାର୍ଚ୍ଚରେ ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘର ଜଳ ସମ୍ମିଳନୀରେ ବାତାବରଣ ପୂରା ଅଲଗା ଥିଲା ଓ ଜଳ ସଙ୍କଟ ଏକ ବିଶ୍ୱସ୍ତରୀୟ ସମସ୍ୟା ବୋଲି ସ୍ପଷ୍ଟ ଅନୁଭବ କରାଯାଇଥିଲା। ଏବେ ପୃଥିବୀର ପ୍ରତ୍ୟେକ ଦେଶ ଜଳ ସମ୍ବନ୍ଧୀୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏହା ଆମ ସାମୂହିକ ଦୁର୍ବଳତାକୁ ଦର୍ଶାଉଛି, କାରଣ ଗ୍ରହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ ଜଳ ଦିନକୁଦିନ ବିପଦ ମଧ୍ୟକୁ ଚାଲିଯାଉଛି। ବୈଜ୍ଞାନିକସମୂହ ଏବଂ ନାଗରିକ ସମାଜର ଦୃଢ଼ ଯୋଗଦାନ ଏହି ସଙ୍କଟର ସୁଦୂରପ୍ରସାରୀ ପରିଣାମ ଉପରେ ଆଲୋକପାତ କରିବାରେ ପ୍ରମୁଖ ଭୂମିକା ନେଇଛି।

ଆଶ୍ଚର୍ଯ୍ୟଜନକ ଭାବେ ୧୯୭୭ରେ ଯେଉଁ ଦେଶଗୁଡ଼ିକ ଅଧିକ ବିପଦରେ ଥିଲେ, ସେମାନେ ଏବେ ବି ଅସୁରକ୍ଷିତ। ପୃଥିବୀରେ ପ୍ରାକୃତିକ ସମ୍ପଦର ବେପରୁଆ ଶୋଷଣ ମାନବିକତାର ସୀମା ଉଲ୍ଲଂଘନକୁ ଦର୍ଶାଇଛି। ସମୁଦ୍ର ପତ୍ତନ ବୃଦ୍ଧି ପାଇ ବିସ୍ତୃତ ଅଞ୍ଚଳକୁ ଜଳମଗ୍ନ କରୁଛି। ଜଳ ଉତ୍ସ ହ୍ରାସ ପାଇବା ଏବଂ ଭୂତଳ ଜଳସ୍ତର କମିବା ଯୋଗୁ ଶୁଷ୍କ ଅଞ୍ଚଳ ଉଦ୍‌ବେଗଜନକ ହାରରେ ବଢୁଛି। ଏହି ସମୟରେ ମାନବ ଦ୍ୱାରା ସୃଷ୍ଟ ବର୍ଜ୍ୟବସ୍ତୁରୁ ପ୍ରଦୂଷଣ ବଢୁଛି, ଶିଳ୍ପ କାର୍ଯ୍ୟକଳାପରୁ ଜାତ ଉପଉତ୍ପାଦ ଯୋଗୁ ନଦୀ, ହ୍ରଦ ଏବଂ ମହାସାଗର ଦୂଷିତ ହେଉଛି । ଜଳାଭାବ ବଢୁଥିବାବେଳେ ଏହାର ଅତ୍ୟଧିକ ଉପଯୋଗ ଲାଗି ଅଧିକ ତୃଷ୍ଣା ସଙ୍କଟକୁ ଆହୁରି ବିଗାଡ଼ି ଦେଇଛି। ବାସ୍ତବତା ହେଉଛି, ଏହି ସଙ୍କଟରେ କେତେକେ ପ୍ରଭାବିତ ନ ହେବା ସେମାନଙ୍କ ବିଶେଷାଧିକାରକୁ ପ୍ରମାଣିତ କରୁଛି। ଅନେକେ ପରିବେଶଗତ ଅବକ୍ଷୟକୁ ଅନୁଭବ କରୁଥିବାବେଳେ ଦୁନିଆର କେତେକ ଗରିବ ଦେଶ ଶୀଘ୍ର ବଦଳୁଥିବା ଅବସ୍ଥା ସହିତ ଖାପ ଖୁଆଇବାକୁ ଚେଷ୍ଟା କରୁଛନ୍ତି। ହେଲେ ଏଥିପାଇଁ ସେମାନେ ଦୃଷ୍ଟାନ୍ତମୂଳକ ପରିଣାମର ସମ୍ମୁଖୀନ ହେଉଛନ୍ତି।

ଜଳବାୟୁ ସଙ୍କଟର ପ୍ରତିକ୍ରିୟା ଭଳି ଜଳ ସଙ୍କଟର ପଦକ୍ଷେପରେ ବୈଶ୍ୱିକ ସମନ୍ୱୟର ଅଭାବ ରହିଛି। ଗୁରୁତ୍ୱପୂର୍ଣ୍ଣ ସଂସ୍କାରରେ ବାଧା ଦେବାକୁ ଚେଷ୍ଟା କରୁଥିବା ଗୋଷ୍ଠୀ ବା ସଂସ୍ଥାକୁ ବିରୋଧ କରାଯାଉନାହିଁ। ଭାରତୀୟ ପରିବେଶ କାର୍ଯ୍ୟକର୍ତ୍ତା ବନ୍ଦନା ଶିବ କହିଛନ୍ତି ; ସମାଜର ଧନୀ, ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଅର୍ଥନୈତିକ ଶକ୍ତି ପୃଥିବୀର ସମ୍ବଳର ଯଥାର୍ଥ ଅଂଶରୁ ଅଧିକ ଉପଯୋଗ କରୁଥିବାବେଳେ ଆଦିବାସୀ ସମ୍ପ୍ରଦାୟ ଏବଂ ସଂଖ୍ୟାଲଘୁ ଗୋଷ୍ଠୀ ଜୀବନ ଏବଂ ଜୀବିକା ପାଇଁ ଜଳର ପ୍ରାପ୍ୟ ଭାଗରୁ ବଞ୍ଚିତ ହେଉଛନ୍ତି। ସେ ଲେଖିଛନ୍ତି, ଏହା ସମଗ୍ର ସମୁଦାୟକୁ ଜଳାଭାବର ଚାପ ବହନ କରିବାକୁ ବାଧ କରିଛି। ନିକଟରେ ବିଶିଷ୍ଟ ଜଳ ଅଧିକାର କର୍ମୀ ରାଜେନ୍ଦ୍ର ସିଂଙ୍କ ଏକ ଆବେଦନ ଆଗକୁ ସମ୍ଭାବ୍ୟ ପଥ ଦେଖାଇଛି। ମରୁଡ଼ି ଏବଂ ବନ୍ୟାର ପିପୁଲ୍ସ ୱାର୍ଲ୍ଡ କମିଶନର ଅଧ୍ୟକ୍ଷ ସିଂ ଜଳ ସମନ୍ୱୟକୁ ପୁନଃସ୍ଥାପିତ କରିବା ପାଇଁ ଆବଶ୍ୟକ ଦଶଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରିଛନ୍ତି। ତାଙ୍କର ପ୍ରସ୍ତାବିତ ପ୍ରତିଶ୍ରୁତି ବିଶ୍ୱର ଜଳଚକ୍ରକୁ ନବୀକରଣ କରିବା ଏବଂ ସମସ୍ତ ଜୀବଜନ୍ତୁଙ୍କ ଉନ୍ନତି ପାଇଁ ଏହାର ଅପାର ଶକ୍ତି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ସିଂଙ୍କ ପ୍ରତିଶ୍ରୁତିର ଜଳବାୟୁଭିତ୍ତିକ ବିଚାରଧାରାରେ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଡ଼ିବାର ନୀତି ରହିଛି। ଏହି ନୀତିର ସମ୍ଭାବ୍ୟ ଦୃଷ୍ଟିକୋଣ ମାନବତାକୁ ବୃହତ୍ ସାମଗ୍ରିକତାର ଏକ ଅଂଶ ଭାବେ ବିଚାର କରେ ଓ ଆମ ସହିତ ପୃଥିବୀରେ ରହୁଥିବା ବିଭିନ୍ନ ଜୀବଙ୍କୁ ଅନ୍ତର୍ଭୁକ୍ତ କରେ। ଲାଭ ଏବଂ ନିରନ୍ତର ବ୍ୟବହାର ପାଇଁ ପ୍ରାକୃତିକ ସମ୍ପଦକୁ ଏକ ଉପଯୋଗୀ ବସ୍ତୁ ଭାବେ ବିବେଚନା କରିବା ବଦଳରେ ଏହି ନୀତି ଲୋକଙ୍କୁ ସେମାନଙ୍କ କାର୍ଯ୍ୟକଳାପର ସମ୍ଭାବ୍ୟ ପରିଣାମ ବିଷୟରେ ଚିନ୍ତା କରିବାକୁ ଏବଂ ସେମାନେ କରିଥିବା କୌଣସି କ୍ଷତିକୁ ସୁଧାରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଲାଗି ପ୍ରେରିତ କରେ। ଏହା ତିନୋଟି ମୌଳିକ ପ୍ରଶ୍ନ ସାମ୍ନାକୁ ଆଣିଛି। ପ୍ରଥମେ, ବିଶ୍ୱ ଜଳ ସଙ୍କଟ ଦୂର କରିବା ପାଇଁ କେଉଁସବୁ ପଦକ୍ଷେପ ଆବଶ୍ୟକ ? ଦ୍ୱିତୀୟତଃ, କେଉଁ ପ୍ରମୁଖ ହିତାଧିକାରୀମାନଙ୍କୁ ଆଗକୁ ଆସିବାକୁ ହେବ ? ତୃତୀୟରେ, ଏହି ହିତାଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥିତ ପରିବର୍ତ୍ତନଗୁଡ଼ିକୁ କାର୍ଯ୍ୟକାରୀ କରନ୍ତି ବୋଲି ଆମେ କିପରି ସୁନିଶ୍ଚିତ ହେବା ?



ଦୀର୍ଘ ଦିନ ଧରି ନୀତି ନିର୍ଦ୍ଧାରକମାନେ ଘରେ ଜଳ ବ୍ୟବହାର ଅଭ୍ୟାସରେ ସାମାନ୍ୟ ପରିବର୍ତ୍ତନ କରିବାକୁ ଗୁରୁତ୍ୱ ଦେଇ ଆସିଛନ୍ତି। ତେବେ ଜଳ ସଙ୍କଟ କ୍ଷେତ୍ରରେ ଏହାର ଖୁବ୍ କମ୍ ଅବଦାନ ରହିଛି। ହେଲେ ଅନୈତିକ ଭାବେ ପରିବାର ଏବଂ ସମାଜକୁ ଦାୟୀ କରି ସେମାନଙ୍କ ଉପରେ ଅଯଥା ଚାପ ପକାଯାଉଛି। ଜଳାଭାବର ମୂଳ କାରଣ ହେଉଛି ବୃହତ୍ ଶିଳ୍ପ ଉତ୍ପାଦନ, ଜଳର ମାନକୁ ଅଣଦେଖା ଏବଂ ବ୍ୟାପକ ପ୍ରଦୂଷଣ ଦୂର କରିବାରେ ବିଫଳତା। ଉତ୍ପାଦନକାରୀ ଶିଳ୍ପ ଏବଂ ଅଧିକ ଲାଭଭିତ୍ତିକ ଏକ ଅର୍ଥନୈତିକ ବ୍ୟବସ୍ଥା ବିଶ୍ୱର ତାପମାତ୍ରାକୁ ବଢ଼ାଇବା ସହ ଜଳଚକ୍ରରେ ବାଧା ସୃଷ୍ଟି କରୁଛି। ଜଳର ଘରୋଇ ବ୍ୟବହାର ହ୍ରାସ ଉପରେ ଜୋର ଦିଆଯାଉଥିବାବେଳେ ସମ୍ଭାବ୍ୟ ପ୍ରଭାବ ହ୍ରାସ କରିବା ଲାଗି କର୍ପୋରେଟ୍‌ଗୁଡ଼ିକୁ ପରିବେଶ ଉପଯୋଗୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବାଧ କରାଯାଇ ପାରୁନାହିଁ। ରାଜନୀତି ଏବଂ ବଡ଼ ବ୍ୟବସାୟ ମଧ୍ୟରେ ବଢୁଥିବା ପାରସ୍ପରିକ ସମ୍ପର୍କ ଏହି କାର୍ଯ୍ୟକୁ ଜଟିଳ କରିଛି।

ନିକଟରେ ଅନୁଷ୍ଠିତ ମିଳିତ ଜାତିସଂଘର ଜଳ ସମ୍ମିଳନୀ ଆଜିର ସଙ୍କଟ ସମାଧାନର ଆବଶ୍ୟକତାକୁ ଦର୍ଶାଇଛି। ଯଦି ସରକାରଗୁଡ଼ିକ ଗଠନମୂଳକ ସଂସ୍କାର ଆଣିବାକୁ ଅନିଚ୍ଛା ପ୍ରକାଶ କରନ୍ତି କିମ୍ବା ଅସମର୍ଥ ହୁଅନ୍ତି, ତେବେ ସେମାନଙ୍କ ସ୍ଥାନରେ ଅନ୍ୟ ରାଜନୈତିକ ନେତାଙ୍କୁ ଆଣିବାକୁ ପଡ଼ିବ । ପୃଥିବୀର ସମସ୍ତ ଜୀବନକୁ ବଞ୍ଚାଇ ରଖିଥିବା ପ୍ରାକୃତିକ ସମ୍ପଦ ଜଳକୁ ବିପଦରେ ପକାଉଥିବା ବ୍ୟବସ୍ଥାକୁ ସୁଧାରିବା ଲାଗି ଦୃଷ୍ଟିକୋଣ ଓ ପ୍ରତିବଦ୍ଧତା ଏମାନଙ୍କର ଥିବା ଦରକାର। ମୁଁ ଭାରତରେ ବଢ଼ିଛି ଓ ଅନୁଭବ କରିଛି ଯେ, ଭାରତ ସବୁବେଳେ ଧନୀ ଅର୍ଥ ବ୍ୟବସ୍ଥାଗୁଡ଼ିକ ସହ ସମାନ ହେବା ଲାଗି ଆଗକୁ ବଢୁଛି। ଉଚ୍ଚଶିକ୍ଷାରେ ବିନିଯୋଗ, ରାସ୍ତା ଏବଂ ଡାକ୍ତରଖାନା ନିର୍ମାଣ ଏବଂ ବ୍ୟୟ ଓ ଉତ୍ପାଦନ ବୃଦ୍ଧି ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ବଢ଼ାଇବା ଦ୍ୱାରା ଏକ ବିଚାର ସାମ୍ନାକୁ ଆସିଛି ଯେ, ଭାରତ ଅଧିକ ଧନୀ ହୋଇ ଦାରିଦ୍ର୍ୟ ଦୂର କରିପାରିବ। ମୁଖ୍ୟଧାରାର ଶିକ୍ଷା ବ୍ୟବସ୍ଥା ଲଗାତର ପ୍ରାକୃତିକ ସମ୍ପଦକୁ ଏକ ଦ୍ରବ୍ୟ ଭାବେ ଅତ୍ୟଧିକ ଉତ୍ତୋଳନକୁ ସମର୍ଥନ କରିଛି। ଏହା ଆମର ତ୍ରୁଟିପୂର୍ଣ୍ଣ ଅର୍ଥନୈତିକ ବ୍ୟବସ୍ଥାର ସ୍ଥପତିମାନଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ କଥାକୁ ମହତ୍ତ୍ୱପୂର୍ଣ୍ଣ ମନେକରିଛି।

ଏହିପରି ପ୍ରଗତି ମାର୍ଗ ଭୁଲ୍ ବୋଲି ଆଦିବାସୀ ସମୁଦାୟ ଦୀର୍ଘ ଦିନରୁ ଚେତାବନୀ ଦେଇଆସୁଥିଲେ। କିନ୍ତୁ ସେମାନଙ୍କୁ ପରମ୍ପରାବାଦୀ ଓ ବାସ୍ତବତା ସହ କୌଣସି ସମ୍ପର୍କ ନାହିଁ ବୋଲି କହି ସେମାନଙ୍କ ଚେତବାନୀକୁ ଅଗ୍ରାହ୍ୟ କରିଦିଆଗଲା। ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱରେ ଜଳ ଏବଂ ଖାଦ୍ୟ ପ୍ରଣାଳୀରେ ବାଧା ସୃଷ୍ଟି କରୁଥିବାରୁ ଅନେକେ ଏବେ ଏହି ଚେତାବନୀଗୁଡ଼ିକର ଦୂରଦର୍ଶିତାକୁ ବୁଝିଛନ୍ତି। ସେହି ଦୃଷ୍ଟିରୁ ଶେଷ ପିଢ଼ି ଭାବେ ଆମେ ଜଳସଙ୍କଟର ସବୁଠୁ ଖରାପ ପ୍ରଭାବକୁ ହ୍ରାସ କରିବାରେ ସକ୍ଷମ ହୋଇପାରିବା। ଯେଉଁମାନେ ବ୍ୟକ୍ତିଗତ ଲାଭ ପାଇଁ ପୃଥିବୀକୁ ଶୋଷଣ କରୁଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରିବା ଆମର ଦାୟିତ୍ୱ।

**ଅନ୍ତଃରାଷ୍ଟ୍ରୀୟ ସଂଖ୍ୟାଲଘୁ ଅଧିକାର ଗୋଷ୍ଠୀର ସହ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ**

# ଆଲୋକବର୍ତ୍ତିକା



ଆରତି ମହାନ୍ତି

ତୁମେ ଯେତେବେଳେ ନିଜ ଭିତରେ ଆଲୋକ ପ୍ରଜ୍ୱଳିତ କର ସେତେବେଳେ ତୁମେ ସାରା ଜଗତର ଆଲୋକ ହୋଇଉଠ। ଏକଥାଟି କହିବାର ଆବଶ୍ୟକତା ବହୁତ ବେଶି। ତା'ର କାରଣ ଯାହା ହେଉ ନା କାହିଁକି ଯଦି ସେ ନିଜକୁ ଉପଲବ୍ଧି କରିଛି ତେବେ ତା'ର କଥାଗୁଡ଼ିକ ଆପଣାଛାଏଁ ଅନ୍ୟମାନଙ୍କ ଭିତରେ ଉପଲବ୍ଧ କରାଇହବ। ସେଥିପାଇଁ ସେମାନଙ୍କୁ କୌଣସି ପ୍ରକାରର ସଂସ୍ଥା, ସଂଘଟନ କରିବାର ଆବଶ୍ୟକତା ନ ଥାଏ। ସୂର୍ଯ୍ୟର ଆଲୋକ ପରି ସେହି ଆଲୋକର ସଂସ୍ପର୍ଶରେ ଆସିଲେ ଏପରି କି ସାଧାରଣ କଥା ଭିତରେ ବି ତାଙ୍କ ଉପଲବ୍ଧିର ଝଙ୍କାର ଥାଏ। ସେମାନଙ୍କୁ 'ମୁଁ ଅମୁକ କି ସମକ' କିବା ''ମୁଁ ସବୁ ଜାଣେ ତମକୁ ବତେଇ ଦେବି କି ତମେ ତମର ଶିଖରରେ ପହଞ୍ଚିଯିବ'' ସେପରି ପ୍ରଚାର କରିବାର ଆବଶ୍ୟକତା ନ ଥାଏ। କାରଣ ଗୋଟାଏ ବିରାଟ ସମୁଦ୍ରକୁ ଯଦି ଜଣେ ନିଜର ଆଞ୍ଜୁଳି ଭିତରେ ଧରି କହେ ଯେ ଏଇ ହେଉଛି ସମୁଦ୍ର ତେବେ ସେଇ ରକମର ଧୃଷ୍ଟତା ସେଇ ବ୍ୟକ୍ତିମାନେ କରନ୍ତି, ଯେଉଁମାନେ ନିଜକୁ ସର୍ବେସର୍ବା ବୋଲି କହି ହୁଅନ୍ତି। ସେମାନଙ୍କ ମନ ଭିତରେ ଥିବା ଅହଂର ଗର୍ବ ସେମାନଙ୍କୁ ନିର୍ଦ୍ଦୟ ଓ ବ୍ୟଭିଚାରୀ କରି ଦେଇଥାଏ। ଅବଶ୍ୟ ତା' ଭିତରୁ କେହି ଜଣେ ଅଧେ ଅଛନ୍ତି ଯେଉଁମାନେ ସାଧାରଣ ଜନତାଙ୍କୁ ଦୁଃଖର କାରଣ ବିଷୟରେ ଅବଗତ କରାନ୍ତି। ସେମାନେ କେବଳ ଏତିକି କହନ୍ତି ଯେ ସେମାନେ କେବେହେଲେ କାହାରିକୁ ସେଇ ଶୀର୍ଷ ସ୍ଥାନରେ ନେଇ ପହଞ୍ଚେଇ ଦେଇପାରିବେ ନାହିଁ। ଯେ ପର୍ଯ୍ୟନ୍ତ ଜଣେ ଦୁନିଆ ଯାକର ନାନା ପ୍ରକାରର କୁସଂସ୍କାର, ପ୍ରଥା ପରମ୍ପରା ଭିତରେ ଦିନ କଟାଇ ଚାଲିଥିବ ତା 'ଅନ୍ତରରେ କଦାପି ସେଇ ଜ୍ଞାନର ପ୍ରଦୀପ ଜଳିପାରିବ ନାହିଁ।

ମଣିଷ ହିଁ ଭଲମନ୍ଦର ବିଚାର କରିପାରେ ଯେଉଁଟା ପଶୁମାନଙ୍କଠାରେ ନ ଥାଏ। ହେଲେ ସେଇ ପଶୁ ପ୍ରବୃତ୍ତିଗୁଡ଼ିକ ଆମେ ଛାଡ଼ି ପାରିନାହୁଁ। ଯଦିଓ ପଶୁଟିଏ ଗୋଟିଏ ଶିକାର କରି ତାକୁ ଖାଇସାରିବା ପରେ ବି ଅନ୍ୟ ଇତର ପଶୁମାନଙ୍କ ପାଇଁ ଅର୍ଥାତ୍ ଯେଉଁଗୁଡ଼ିକ ତା'ର ଆହାରର ବଳକା ଅଂଶଗୁଡ଼ିକ ଖାଇବାକୁ ଅପେକ୍ଷା କରି ଚାହିଁ ବସିଥାନ୍ତି ତାଙ୍କ ପାଇଁ ସ୍ଥାନ ଛାଡ଼ି ଚାଲିଯାଏ। ଅଥଚ ମଣିଷ ମନର ଲୋଭ ତାକୁ ସେପରି କରିବାକୁ ବାଟ ଛାଡ଼େନାହିଁ। ତା'ର ପିଲା ପରିବାରଙ୍କ ପାଇଁ ସାଇତି ରଖିଦିଏ। ଏପରି କି ଯାହା ବଳିଯାଏ ତାକୁ ଭବିଷ୍ୟତ ପାଇଁ ସାଇତିଦିଏ। ସେଇ ଦୃଷ୍ଟିରୁ ଦେଖିଲେ ମଣିଷର ବିବେକ ଥାଇ ନ ଥିବା ପରି ମନେହୁଏ। ତେବେ ତମେ କୁହ କୋଉ ଗୁଣରେ ମଣିଷ ପଶୁଠାରୁ ଉନ୍ନତ ? ଆହୁରି ପୁଣି ମଣିଷ କେତେ ଆସୁରିକ ପ୍ରବୃତ୍ତି ଧରି ରଖିଛି ତାହା ତ ବିଭିନ୍ନ ଖବରକାଗଜ ଦେଖିଲେ କି ଟିଭିର ଖବରଗୁଡ଼ିକ ଶୁଣିଲେ ସହଜରେ ବୁଝି ହୋଇଯାଏ। ଏଠି ଗୋଟିଏ ଉଦାହରଣ ଦେଉଛି ସେପରି ଉଦାହରଣଠାରୁ ଆହୁରି ବୀଭତ୍ସ ଉଦାହରଣରେ ଆମ ସମାଜ ଭରପୂର, ଯାହାକୁ ପୁଣି ସଭ୍ୟ ସମାଜ ବୋଲି କୁହାଯାଏ ! ତା'ର ରେଖରୂପ ଦେଖିଲେ ଆମେ ମଣିଷମାନେ ଯେ କେତେ ବୀଭତ୍ସ, କେତେ ବିଶୃଙ୍ଖଳ ଓ ନୃଶଂସ ହୋଇପଡ଼ିଛେ ସହଜରେ ବୁଝିହୋଇଯିବ। ପୁଅଟିଏ ଝିଅକୁ ପ୍ରେମ କରି ଏକାଠି ରହିଲେ। ତା'ପରେ ଦିନେ ସେ ପୁଅଟିର ମୁଣ୍ଡରେ କ'ଣ ପଶିଲା ସେ ଗୋଟିଏ ଧାରୁଆ ଛୁରି ସାହାଯ୍ୟରେ ତାକୁ ହାଣି ଟିକି ଟିକି କରି ଲୁଚାଇବାକୁ ବାଟ ନ ପାଇ ତା ଫ୍ରିଜ୍ ଭିତରେ ପୂରେଇ ରଖିଲା। ଆଉ ଅଳ୍ପ ଅଳ୍ପ କରି କୌଣସି ଦୂର ଜାଗାରେ ନଷ୍ଟ କରିବାକୁ ଯାଉଥିଲା। ଧରା ତ ପଡ଼ିଲା ହେଲେ ଯେତେ ଯାହା କଲେ ବି କ'ଣ ସେଇ ପୂର୍ବ ଅବସ୍ଥାକୁ ଫେରି ପାରିଲା ? କୌଣସି କାରଣରୁ ଯଦି କେହି ଗୋରୁନେଇ ରାସ୍ତାରେ ଗଲା ତେବେ ଟଙ୍କା ପାଇବା ଆଶାରେ ତାକୁ ଧରି ଆଣି ଗୋଟାଏ ଖୁଣ୍ଟରେ ବାନ୍ଧି ଦୁଇତିନି ଜଣ ମିଶି ବାଡ଼ାଇ ମାରିଦେଉଛନ୍ତି। ଏଇ ହେଉଛି ଆମ ଧାର୍ମିକପଣିଆର ପୃଷ୍ଠପୋଷକତା। ଏମାନେ ସମସ୍ତେ ଭୁଲିଯାଇଛନ୍ତି ଯେ ଧର୍ମ ଅଧର୍ମର ନ୍ୟାୟନିକିତି ସଦାବେଳେ ଜାଗ୍ରତ। ତେଣୁ ନିଜ ଭିତରେ ନିଜ ବିବେକକୁ ଜାଗ୍ରତ କର। ତା' ଭିତର ଦେଇ ନିଜ ଜୀବନର ଟିକିନିଖି ଦେଖିନିଅ-ଭାବନା ଓ କର୍ମକୁ ନେଇ ଜୀବନ ପରିଚାଳିତ ହୋଇଥାଏ। ପ୍ରତି ମୁହୂର୍ତ୍ତରେ ଦେଖ, ତମ ଭିତରେ ନିଜ ବିବେକର ଆଲୋକ ବର୍ତ୍ତିକା ସଦୃଶ ଜାରି ରଖ, ଅଖଣ୍ଡ ପ୍ରଦୀପ ଜାଳିଲା ପରି ତାକୁ ବି ସଦାସର୍ବଦା ଜଳାଇ ରଖ ଯେତେ ଯାହା ହେଉପଛକେ ତାକୁ ଲିଭାଇ ଦିଅ ନାହିଁ।

**ଶ୍ରୀରାମ ନଗର, ଭୁବନେଶ୍ୱର**

**ମୋ : ୯୬୯୨୦୯୮୦୫୪**

## ଏଇ ଭାରତରେ

ହରିୟାଣାର ଦୌଡ଼ପରୀ ଜେଜେମା' ଭାବରେ ଜଣାଶୁଣା ୧୦୬ ବର୍ଷୀୟା ରାମବାଈଙ୍କ ଦୌଡ଼ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଚରଖି ଦାଦ୍ରି ଗାଁ ନିବାସୀ ରାମବାଈ ବିଦେଶ ମାଟିରେ ଚାରିଟିପଦକ ଜିତିବିଶ୍ୱ ରେକର୍ଡ କରିଛନ୍ତି। ଗତବର୍ଷ ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼କୁ ୪୫.୪୦ ସେକେଣ୍ଡରେ ପୂରଣ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ପରେ ରାମବାଈ ବିଦେଶ ମାଟିରେ ଖେଳି ଦେଶ ପାଇଁ ପଦକ ଜିତିବାର ସ୍ୱପ୍ନ ଦେଖିଥିଲେ। ମାଲେସିଆରେ ୧୬ ଓ ୧୭ ସେପ୍ଟେମ୍ବରରେ ଅନୁଷ୍ଠିତ ବିଶ୍ୱ ମାଷ୍ଟର ଚାମ୍ପିୟନଶିପରେ ତାଙ୍କ ସ୍ୱପ୍ନ ପୂରଣ ହୋଇଛି। ରାମବାଈ ୧୦୦, ୨୦୦ ମିଟର ଦୌଡ଼, ସଟ୍‌ପୁଟ ଏବଂ ଡିସ୍କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୦୦ ମିଟର ଦୌଡ଼ରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ରାମବାଈଙ୍କୁ ଉତ୍ସାହିତ କରୁଥିବା ନାତୁଣୀ ଶର୍ମିଳା କହିଛନ୍ତି, ଜେଜେମା'ଙ୍କ ଉତ୍ସାହ ଦେଖି ସେ ତାଙ୍କୁ ଗାଁ ପଡ଼ିଆରେ ଅଭ୍ୟାସ କରାଇଥିଲେ। ସ୍ଥାନୀୟ ଖାଦ୍ୟ ଖାଇବା ଏବଂ ମାଟିରାସ୍ତାରେ ଦୌଡ଼ି ସେ ନିଜକୁ ପ୍ରସ୍ତୁତ କରିଥିଲେ। ସରକାରଙ୍କଠାରୁ ଆର୍ଥିକ ସହାୟତା ନ ପାଇବାରୁ ରାମବାଈଙ୍କ ମନରେ କଷ୍ଟ ହୋଇଛି। ଏହା ସତ୍ତ୍ୱେ ପଦକ ଜିତିବା ପାଇଁ ତାଙ୍କର ସଂକଳ୍ପ ଜାରି ରହିବ ବୋଲି ସେ କହିଛନ୍ତି। ତାଙ୍କର ଖେଳ ପ୍ରତି ଉତ୍ସାହ ବଢ଼ିବାରେ ଲାଗିଛି। ସେ କ୍ରମାଗତ ଭାବେ ଦେଶ ପାଇଁ ପଦକ ଜିତିବାକୁ ଚାହୁଁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୯୮

- ବିହାରର ଭୋଜପୁର ଜିଲାରେ ଲଗାତର ନୌକା ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ।
- ଗ୍ରାମି-ଆୱାର୍ଡ ବିଜେତା ତଥା ଜ୍ୟାଜର ଗଡ଼ମଦର ରୂପେ ପରିଚିତ ବିଶିଷ୍ଟ ଗାୟିକା ବେଟି କାର୍ଟରଙ୍କ ୬୯ ବର୍ଷ ବୟସରେ ପରଲୋକ।
- ଜର୍ମାନୀରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ସୋସିଆଲ୍ ଡେମୋକ୍ରାଟିକ ପାର୍ଟି (ଏସ୍‌ପିଡି)ର ପ୍ରାର୍ଥୀ ଗେରହାର୍ଡ ସ୍ରୋଏଡର ବିଜୟୀ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 4 | | | 1 |
| 2 | 4 | | | 6 | | | | |
| | | | | | 5 | | | |
| | | 5 | | | | | | 3 |
| 9 | 6 | | | | | | 2 | |
| | | | 8 | 9 | | | | 7 |
| | | | | | | | 7 | 6 |
| 4 | 7 | | | | | 5 | 3 | |
| 1 | | | 6 | | | 4 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 1 | 5 | 2 | 7 | 4 | 3 |
| 7 | 2 | 5 | 4 | 9 | 3 | 1 | 6 | 8 |
| 4 | 1 | 3 | 8 | 7 | 6 | 2 | 9 | 5 |
| 2 | 9 | 1 | 5 | 8 | 4 | 6 | 3 | 7 |
| 3 | 4 | 7 | 6 | 2 | 1 | 5 | 8 | 9 |
| 5 | 8 | 6 | 9 | 3 | 7 | 4 | 1 | 2 |
| 1 | 5 | 2 | 3 | 6 | 8 | 9 | 7 | 4 |
| 6 | 7 | 8 | 2 | 4 | 9 | 3 | 5 | 1 |
| 9 | 3 | 4 | 7 | 1 | 5 | 8 | 2 | 6 |

ଗତକାଲିର ଉତ୍ତର

# ନିଶର ଦମ୍



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଉତ୍ତରପ୍ରଦେଶରେ ପ୍ରଭିନ୍‌ସିଆଲ ଆର୍ମଡ କନ୍‌ଷ୍ଟେବୁଲେରି (ପି.ଏ.ସି.) ନାମକ ସଶସ୍ତ୍ର ପୋଲିସ ବାହିନୀ ଅଛି। ସେମାନେ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ କାର୍ଯ୍ୟ କରନ୍ତି। ଡେପୁଟି ଇନ୍ସପେକ୍ଟର ଜେନେରାଲ କିମ୍ବା ତଦୂର୍ଦ୍ଧ୍ୱ ଅଫିସରଙ୍କ ଆଦେଶ ଦ୍ୱାରା ସେମାନେ ପରିଚାଳିତ। ଅନେକ ସମୟରେ ଆଇନଶୃଙ୍ଖଳାରେ ବିଭ୍ରାଟ ଗୁରୁତର ହେଲେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେମାନେ ପ୍ରେରିତ ହୋଇଥା'ନ୍ତି।

ଉତ୍ତେଜନାପୂର୍ଣ୍ଣ ଜନତାର ସମ୍ମୁଖୀନ ହେବା ବେଳେ ଅନେକ ସମୟରେ ପୋଲିସ ବାହିନୀର ଚେହେରା ଆପାତତଃ ପ୍ରଭାବ ପକାଇଥାଏ । ତେଣୁ ଉଚ୍ଛୃଙ୍ଖଳ ବ୍ୟକ୍ତିମାନଙ୍କ ମନରେ ପ୍ରାରମ୍ଭିକ ସ୍ତରରୁ ଭୀତି ସଞ୍ଚାର କରିବା ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷ ଉକ୍ତ ପୋଲିସ ଫୌଜର ସଦସ୍ୟମାନଙ୍କୁ ନିଶ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରିଟିଶ୍ ସରକାରଙ୍କ ଅମଳରୁ ଏମିତି ଉପାଦେୟ ନିଶର ରକ୍ଷଣାବେକ୍ଷଣ ପାଇଁ ମାସିକ ପଚାଶ ଟଙ୍କା ଭତ୍ତା ଦିଆଯାଉଥିଲା। ଏହା 'ମୁଷ୍ଟାକ୍ ମେଣ୍ଟେନାନ୍‌ସ' ଭାବେ ଅଭିହିତ। କିନ୍ତୁ ୧୯୮୦ ଦଶକରେ ନୂତନ ଭାବେ ପୋଲିସ ପୋଷାକ ଆଇନ (୧୯୮୬) ପ୍ରଚଳିତ ହେଲା । ଏଥିରେ ନିଶକୁ ବାଧ୍ୟତାମୂଳକ କରାଯାଇ ନ ଥିଲା । ତେଣୁ ଫୌଜରେ ନିଶୁଆମାନେ କ୍ରମଶଃ ହ୍ରାସ ପାଇଲେ।

ନିଶ ପୋଲିସଙ୍କ ମନରେ ଉତ୍ସାହ ଓ ଜୋଶ୍ ଜାଗରିତ କରେ। ସେମାନେ ନିଜକୁ ବଳିଷ୍ଠ ପରି ଅନୁଭବ କରିଥା'ନ୍ତି। ଉପଦ୍ରବକାରୀଙ୍କୁ ଯଥାଶୀଘ୍ର ସାବାଡ଼ କରିଦିଅନ୍ତି। ଏତାଦୃଶ କାରଣରୁ ଉକ୍ତ ବାହିନୀରେ ନିଶର ପୁନଃ ପ୍ରଚଳନ ସମ୍ପ୍ରତି ଗୃହୀତ ହୋଇଛି। ବିନୋଦ କୁମାର ସିଂ ପି.ଏ.ସି.ର ଏ.ଡି.ଜେ. ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିଶର ଗୁରୁତ୍ୱ ଉପଲବ୍ଧି କରି ପୋଲିସମାନଙ୍କୁ ନିଶ ନ କାଟିବା ପାଇଁ ପରାମର୍ଶ ଦେଲେ। ସମ୍ପ୍ରତି ଏହି 'ମୁଛ ଭତ୍ତା'କୁ ୫୦ ଟଙ୍କାରୁ ବଢ଼ାଇ ୨୫୦ ଟଙ୍କାରେ ନିର୍ଦ୍ଧାରଣ କରିବା ସକାଶେ ସରକାରଙ୍କୁ ପ୍ରସ୍ତାବ ଦିଆଗଲାଣି ।

ପ୍ରସଙ୍ଗକ୍ରମେ ସ୍ପେନୀୟ ଚିତ୍ରକର ସାଲଭାଡର ଡାଲି (୧୯୦୪-୧୯୮୯)ଙ୍କ ଜୀବନୀ ପ୍ରତି ଦୃଷ୍ଟି ଦିଆଯାଇପାରେ। ସେ ଜଣେ ଅବୋଲକରା ଥିଲେ ଛାତ୍ରାବସ୍ଥାରେ। ତେଣୁ ସ୍କୁଲରୁ ଦୁଇ ଥର ତଡ଼ା ଖାଇ ପରବର୍ତ୍ତୀ କାଳରେ ୧୯୧୭ରେ ଆରମ୍ଭ ହୋଇଥିବା ସରିଆଲିଜମ୍ ଚିତ୍ରକଳାର ସେ ଜଣେ ଅଗ୍ରଣୀ ଶିଳ୍ପୀ ଭାବେ ଆଦୃତ ହେଲେ। ଏହି ବିଶିଷ୍ଟ ଶିଳ୍ପୀଙ୍କ ଅନ୍ୟ ଏକ ବିଶେଷତ୍ୱ ହେଉଛି ତାଙ୍କର ଦର୍ଶନୀୟ ନିଶ। ସେ ଓ ତାଙ୍କ ଫଟୋଗ୍ରାଫର ଫିଲିପ୍ ହାଲ୍ସମ୍ୟାନ ମିଶି 'ଡାଲିସ୍ ମୁଷ୍ଟାକ୍' ନାମକ ଏକ ହାସ୍ୟ ରସାତ୍ମକ ପୁସ୍ତକ ୧୯୫୪ରେ ପ୍ରକାଶ କରିଥିଲେ। ସେଥିରେ ମୁଖମଣ୍ଡଳର କେଶକୁ ସମ୍ବେଦନଶୀଳ 'ଆଣ୍ଟେନା' ଭାବେ ଅଭିହିତ କରାଯାଇଛି ଏବଂ ଦର୍ଶାଯାଇଛି ଯେ, ଏହା ସୃଜନାତ୍ମକ ପ୍ରେରଣାର କାରକ। 'ଡାଲିସ୍ ମୁଷ୍ଟାକ୍' ବହିଟିକୁ ଏହି ପ୍ରକାରେ ଲେଖକ ଡାଲି ଉତ୍ସର୍ଗ କରିଛନ୍ତି ଗାଲାଙ୍କୁ । ''ଗାଲା, ଯିଏକି ମୋ ନିଶର ରକ୍ଷାକାରୀ କଳ୍ପିତ ଦେବଦୂତ''। ପ୍ରକାଶଥାଉ କି, ଗାଲା ହେଉଛନ୍ତି ଡାଲିଙ୍କ ପତ୍ନୀ । ସେମିତି ବହିର ଫଟୋଗ୍ରାଫର- ଲେଖକ ଜଣଙ୍କ ନିଜ ସ୍ତ୍ରୀଙ୍କୁ ଉତ୍ସର୍ଗ କରି ଲେଖିଛନ୍ତି ଯେ, ତାଙ୍କ (ପତ୍ନୀ) ପାଇଁ ମୁଁ ଦୈନିକ ଖିଅର ହୁଏ। ଉଲ୍ଲେଖନୀୟ , ଡାଲି ନିଶୁଆ,



ମାତ୍ର ତାଙ୍କ ଫଟୋଗ୍ରାଫରଙ୍କ ଗାଲ ଚିକ୍କଣ। ଡାଲିଙ୍କ ମୃତ୍ୟୁର ୨୮ବର୍ଷ ପରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଲା । ମାରିଆ ପିଲାର ନାମ୍ନୀ ଜଣେ ଯୁବତୀ ଦାବି କଲା ଯେ, ସେ ହେଉଛି ଡାଲିଙ୍କ ସନ୍ତାନ । ତେଣୁ ସେ ତାଙ୍କ ସମ୍ପତ୍ତିର ଏକ-ଚତୁର୍ଥାଂଶ ପାଇଁ ହକ୍‌ଦାର। ଏହି ମାମଲା ଅଦାଲତକୁ ଗଲା। କୋର୍ଟ ନିର୍ଦ୍ଦେଶାନୁସାରେ ଡାଲିଙ୍କ କବର ଖୋଲିବା ଦାୟିତ୍ୱ ନାର୍ସିସ ବ୍ରାଡଲେଟ୍‌ଙ୍କୁ ଦିଆଗଲା, ଯିଏକି କବର ଦେବା ଆଗରୁ ଡାଲିଙ୍କ ଶବକୁ ସଂରକ୍ଷିତ ରଖିବାକୁ ବ୍ୟବସ୍ଥା କରିଥିଲେ। ବ୍ରାଡଲେଟ୍ ଏହି ଖନନ ପାଇଁ କୌତୂହଳୀ ହୋଇଥିଲେ ; କାରଣ ସେ ଜାଣିବାକୁ ଚାହିଁଥିଲେ ଡାଲିଙ୍କ ଶବର ନିଶ ପୂର୍ବବତ୍ ରହିଛି ନା ବିଲୁପ୍ତ ହୋଇଛି । ଆଶ୍ଚର୍ଯ୍ୟର ବିଷୟ ଯେ, ଏହା କାନ୍ଥଘଡ଼ିର ଦଶଟା ବାଜି ଦଶ ମିନିଟ୍ ପରି ଅବସ୍ଥାରେ ଅକ୍ଷତ ଭାବେ ରହିଛି । ଏହା ହେଉଛି ଡାଲିଙ୍କ ଜୀବିତାବସ୍ଥାରେ ମୁଖମଣ୍ଡଳର ମହାର୍ଘ ପ୍ରତୀକ । ମଲା ମଣିଷର ଚିରକାଳ ସାକ୍ଷୀ। ସାକ୍ଷ୍ୟ-ପ୍ରମାଣ ଆଧାରରେ କୋର୍ଟ ଉକ୍ତ ଯୁବତୀଙ୍କ ମାମଲା ଖାରଜ କରି ଦେଇଥିଲା। ଏହି ଘଟଣା ସତେ ଯେମିତି ସୂଚାଉଛି ଏକ ପ୍ରକାର ଅକାଟ (ହୁଏତ ଅମରତ୍ୱ)ର ବାହକ ହେଉଛି ନିଶ-ଦାଢ଼ି। ତେଣୁ ବ୍ରିଟିଶ୍ ଅମଳର ନିଶ-ଭତ୍ତା ଏବେ ଯଦି ଉତ୍ତରପ୍ରଦେଶକୁ ଫେରିବ, ଆମେ ଏଥିରେ ବିସ୍ମିତ ହେବାର କାରଣ ନାହିଁ।

ଆମେ ଯଦି କୌଣସି ଅତ୍ୟାଧୁନିକ ସେଲୁନକୁ ନିଶ ବନାଇବାକୁ ଯାଉ, ତେବେ ହୁଏତ ସେଠାରେ ପରିଚାଳକ ଆମକୁ ବିଭିନ୍ନ ବିକଳ୍ପ ଥିବା ନିଶମାନଙ୍କର ଛବି ଦେଖାଇ ବୁଝାଇବେ ସେମାନଙ୍କ ପୃଷ୍ଠଭୂମି ସମ୍ପର୍କରେ। ଯଦି ଦୈବାତ ସେଇ ତାଲିକାଟି ବା ଟ୍ରେଣ୍ଡସ୍ପଟର୍ ଡଟ୍ ନେଟ୍ ଡଟ୍ ଇପିଆଇରୁ ଅବିକଳ ନକଲ ହୋଇଥିବ, ତାହାହେଲେ ନିମ୍ନ ନଅ ପ୍ରକାର ନିଶ ଆମ ନଜରକୁ ଆସିବ। ଯଥା ଅଭିନେତା ଟମ୍ ସେଲକଙ୍କ ଚେଭ୍ରନ ନିଶ, ୱାଲରସ (ଲମ୍ବା ଦୁଇଟି ଆଗ ଦାନ୍ତ ଥିବା ସିଲ୍ ଜାତୀୟ ଜନ୍ତୁ ବିଶେଷ) ନିଶ, କ୍ରିକେଟ୍ ଖେଳାଳି ଶିଖର ଧାୱନଙ୍କ ପରି ହ୍ୟାଣ୍ଡଲ ବାର୍ ନିଶ, କ୍ଲାର୍କ ଗବଲ, ଏରୋଲ ଫ୍ଲାଇନଙ୍କ ପରି ଷ୍ଟାରମାନେ ବଢ଼ାଇଥିବା ପେନ୍‌ସିଲ ନିଶ, ଆମେରିକୀୟ ମୁଷ୍ଟିଯୋଦ୍ଧା ହଲକ ହୋଗାନ ଓ ଫୁଟବଲ ଖେଳାଳି ଆରନ ରୋଡ଼ଜରସ ରଖିଥିବା ଘୋଡ଼ାପାଦର ନାଲ ପରି ନିଶ, ଟୟ ଷ୍ଟୋରିର କାଳ୍ପନିକ ଚରିତ୍ର ସେରିଫ ଉଡିଙ୍କ ନିଶ (ଯାହାକି ଆମେରିକାର କିଛି ଅଞ୍ଚଳର ଗୋପାଳକ କାଓବୟ ରଖିଥା'ନ୍ତି), କମିକ୍ ବହି ଫୁ ମାଞ୍ଚୁଙ୍କ ଅବାଗିଆ ବିକୃତ ନିଶ, ଅପରିଷ୍କାର (ସ୍କ୍ରାପିଂ) ନିଶ, ଯାହାର ଚାହିଦା ବହୁ ନାମଜାଦା ଅଭିନେତାଙ୍କ ସହଜସାଧ୍ୟ ଷ୍ଟାଇଲିଷ୍ଟ ନିଶ) ଏବଂ ପରିଶେଷରେ ଚିତ୍ରକର ଡାଲିଙ୍କ ନିଶ।

ଆମେ ଡାଲିଙ୍କ ଏକ ଅନାଲୋଚିତ ଚରିତ୍ରର ଦିଗ ଉପରେ ଆଲୋକପାତ କରିପାରୁ। ସେ ଏକଦା ମତବ୍ୟକ୍ତ କରିଥିଲେ, ''ସାଧାରଣତଃ ପୁରୁଷମାନେ ନାରୀମାନଙ୍କୁ (ସୁନ୍ଦରୀ ?) ସ୍ୱପ୍ନରେ ଦେଖିଥା'ନ୍ତି। କିନ୍ତୁ ମୁଁ (ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ) ହିଟ୍‌ଲରଙ୍କୁ ସ୍ୱପ୍ନରେ ଦେଖେ।'' ଏଥିରୁ ସ୍ପଷ୍ଟ ଯେ, ସେ ନାଜି ବା ଫାଶୀବାଦର ବିଶ୍ୱାସୀ। ଏହି କାରଣରୁ ତାଙ୍କୁ ଅର୍ନେଷ୍ଟ, ମାଗ୍ରିଟ୍, ବ୍ରେଟନଙ୍କ ପରି ସର୍‌ରିଆଲିଷ୍ଟଙ୍କ ଦଳରୁ ବହିଷ୍କୃତ କରାଯାଇଥିଲା। ଡାଲିଙ୍କ ମନୋଭାବରୁ ଆଭାସ ମିଳେଯେ, ଜନ୍ମଗତ ପ୍ରକୃତିବଶତଃ ସେ ବଳିଷ୍ଠ ପୁରୁଷଙ୍କଠାରେ ପରିଲକ୍ଷିତ ବଳ, ବୀର୍ଯ୍ୟ, ଶୌର୍ଯ୍ୟର ପରିପ୍ରକାଶକୁ ଆନନ୍ଦଦାୟକ ମନେକରନ୍ତି। ହୁଏତ କେତେକାଂଶରେ ତାଙ୍କ ସ୍ୱତନ୍ତ୍ର ନିଶ ଏହାର ପରିଚାୟକ।

**ମୋ:୯୦୭୮୭୪୩୮୪୩**

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରର ସୀମା ଉଲ୍ଲଂଘନ

ମହାଶୟ,

ସାରା ଦେଶରେ ଯେ ଆଉ ଗଣତନ୍ତ୍ର ଶାସନ ଅଛି ବୋଲି କେହି ଅନୁଭବ କରୁ ନାହାନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ସମ୍ବିଧାନରେ ଗଣତନ୍ତ୍ର ଶାସନ ରଖାଯାଇଥିଲା ତାହା ଆଜି ଲୋପ ହେବାକୁ ବସିଲାଣି। କେନ୍ଦ୍ରରେ ସଂଖ୍ୟାଗରିଷ୍ଠ ସରକାର ଅଛି। ସରକାରଙ୍କର ବିମୁଦ୍ରୀକରଣଠାରୁ ଆରମ୍ଭ କରି ଦୁଇହଜାର ଟଙ୍କା ପ୍ରଚଳନ ଖୁବ କମ୍ ଅବଧି ମଧ୍ୟରେ ବନ୍ଦ ହେବାର କାରଣ କ'ଣ ? ଗ୍ୟାସ୍‌ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ଦରବୃଦ୍ଧି କରି ଦେବାରେ ଶିଳ୍ପପତି ଆଦାନି, ଅମ୍ବାନୀଙ୍କୁ ଯେଭିଳ ଉତ୍ସାହିତ କରାଯାଇଛି ତାହା ଶାସନର ସଂଖ୍ୟା ଗିରଷ୍ଟର ଫଳ ନୁହେଁ କି ? ଯିଏ ସତ କହିବ ତାକୁ ଦଣ୍ଡ ଓ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ବିନା କାରଣରେ ବିରୋଧୀ ଦଳ ଓ ବ୍ୟକ୍ତି ବିଶେଷ ବିରୁଦ୍ଧରେ ଇଡି ଓ ସିବିଆଇକକୁ ବ୍ୟବହାର କରାଯାଉଛି। ଏହା ଗଣତନ୍ତ୍ରର ସୀମା ଉଲ୍ଲଂଘନ ନୁହେଁ କି ? ଆଲୋ ସଖୀ, ଆପଣା ମହତ ଆପେ ରଖି। ବର୍ତ୍ତମାନ ସାରା ଦେଶରେ ଆଉ ଗଣତନ୍ତ୍ର ଶାସନ ନାହିଁ । ଓଡ଼ିଶାକୁ ସମାଲୋଚନା ନ କରି ଦେଶର ଶାସନକୁ ଚିନ୍ତା କରନ୍ତୁ।

**- ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କହେ ଡାକି ସେ ଶବଦ
''ଶୁଣ ଶୁଣ
ହେ ଜଗତବାସି !
''ଜୀବନ ବିଜୟ ଦୀପ
ଅସୀମ ଆକାଶେ ଜଳେ ଭାସି।
-(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଉପବାସରେ ପାଠପଢିଲେ ୫୪ ଛାତ୍ରୀଛାତ୍ର**

ଲାଠୋର,(ଭୁବନେଶ୍ୱର ବାରିକ):ଖପ୍ରାଖୋଲ ବ୍ଲକ ଜାମଚୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରନ୍ଧନ ହୋଇ ନଥିବା ହେତୁ ଅଧ୍ୟୟନରତ ୫୪ଜଣ ଛାତ୍ରୀଛାତ୍ର ବୁଧବାର ଉପବାସରେ ରହିଥିବା ଅଭିଯୋଗ ହେଉଛି। ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାରଠାରୁ ଆରମ୍ଭ କରିଛନ୍ତି। ଲାଠୋର ଅଞ୍ଚଳରେ ଥିବା ବିଦ୍ୟାଳୟମାନଙ୍କରେ ଶିକ୍ଷକମାନେ ଯେନତେନ ମଧ୍ୟାହ୍ନଭୋଜନ ରାନ୍ଧି ପିଲାଙ୍କୁ ଦେଉଥିବା ବେଳେ ଜାମଚୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରନ୍ଧନ ହୋଇ ନ ଥିଲା। ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖପ୍ରାଖୋଲ ବିଇଓ ପ୍ରବୀଣ କୁମାର ପଣ୍ଡା କହିଛନ୍ତି।

# ଡକାୟତି ଉଦ୍ୟମ ପଣ୍ଡ: ୬ ଗିରଫ

କୁଚିଣ୍ଡା,୨୭।୯(ବିରଞ୍ଚି ଦର୍କା)

ଗୋବିନ୍ଦପୁର ଥାନା ଗଡପୋଷ ଫୁଟ୍‌ବଲ ପଡିଆରେ ଡକାୟତି ଯୋଜନା କରୁଥିବା ୬ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଗୋବିନ୍ଦପୁର ଥାନାରେ ଆଇପିସି ଧାରା ୩୯୮/୪୦୨ରେ ଏକ ମାମଲା (ନଂ.୧୩୯/୨୩) ରୁଜୁ ହୋଇଛି। ପୋଲିସ ସେମାନଙ୍କଠାରୁ ଏକ ଟ୍ରଲି ଅଟୋରିକ୍ସା (ନଂ.ଜେଏଚ ୨୦ଏଫ୨୧୪୦), ୨ଟି ଲୁହା ଛଡ, ୧୫ଗୋଟି ପ୍ଲାସ ଓ ବିଭିନ୍ନ କିସମର ପାନା, ପ୍ୟାକେଟ ଲଙ୍କା ଗୁଣ୍ଡ ଓ ୫ଟି ମୋବାଇଲ ଫୋନ ଜବତ କରି ଅଧିକ ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ ଜିଲା ବଡଗାଁ ଥାନା ମହପଡାର ରଞ୍ଜିତ ଟପୋ (୩୫), ରାଜଗାଙ୍ଗପୁର ଥାନା ବଡଗୁଡିଆଳିର ଦିଲିପ ମାଝି (୨୦), ସୁରଜ ଲାକ୍ରା (୨୦), ବିଜୟ ଲାକ୍ରା (୨୧), ରୁମାବାହାଲର ଗହମାଏ ମାଝି (୩୧) ଓ ନବୀନ ମାଝି (୨୨)। ସୂଚନାରୁ ଅନୁଯାୟୀ, ସୋମବାର ରାତିରେ ଗଡପୋଷ ଫାଣ୍ଡି ପୋଲିସ ପକ୍ଷରୁ ଏଏସଆଇ ଦେବରାଜ ସାହୁଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିଲା। ଗଡପୋଷ ଫୁଟ୍‌ବଲ ପଡିଆରେ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାତି ୧ଟାରେ ପୋଲିସ ଅତର୍କିତ ଚଢାଉ କରିଥିଲା। ୬ଜଣଙ୍କୁ ଗିରଫ କରି ପଚରାଉଚୁରା କରିବାରେ ସେମାନେ ଡକାୟତି ପାଇଁ ଆସିଥିବା ସ୍ୱୀକାର କରିଥିଲେ। ପରେ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ବାସୁଦେବ ସେଠ ମାମଲାର ତଦନ୍ତ କରୁଛନ୍ତି।


ଗିରଫ ଅଭିଯୁକ୍ତ ।

## ଗଛରେ ପିଟିହେଲା ହାଇୱା, ଚାଳକ ଗୁରୁତର

ନାକଟିଦେଉଳ,୨୭।୯(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ପାରଧିଆମୁଣ୍ଡା ଗ୍ରାମ ନିକଟ ରାସ୍ତାପାର୍ଶ୍ୱ ଗଛରେ ପିଟିହୋଇ ହାଇୱା ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଦେବଗଡ଼ ଜିଲା କଂସର ଥାନା ଚରେଇଚୁର ଗ୍ରାମର ସଞ୍ଜୟ କୁଜୁର। ସୂଚନା ଅନୁସାରେ ଗୋଧିଡିପ–ସମ୍ବଲପୁର ରାସ୍ତାର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଏକ ଠିକା ସଂସ୍ଥା ଦ୍ୱାରା ଚାଲୁଛି। ଏହି ଠିକା ସଂସ୍ଥାର ଓଡ଼ି୧୫ଏ–୫୪୬୧ ନମ୍ବର ବିଶିଷ୍ଟ ହାଇୱା ବୁଧବାର ସକାଳୁ ସମ୍ବଲପୁର ପଟକୁ ଯାଉଥିବାବେଳେ ପାରଧିଆମୁଣ୍ଡାଠାରେ ରାସ୍ତା ପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଗାଡ଼ିର ସମ୍ମୁଖ ଭାଗ ଭାଙ୍ଗିଯାଇଥିବାବେଳେ ସଞ୍ଜୟ ଚାପିହୋଇ ରହିଯାଇଥିଲେ। ନାକଟିଦେଉଳ ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁର୍ଲା ମେଡିକାଲକୁ ପଠାଇଥିଲେ। କିସିଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସ୍କୁଲ ଗେମ୍ ଆଣ୍ଡ ସ୍ପୋର୍ଟ୍ସ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୨୭।୯(ଶଶାଙ୍କ ଶେଖର ଝାଙ୍କର)


ସ୍କୁଲ ଗେମ୍ ଏଣ୍ଡ ସ୍ପୋର୍ଟ୍ସ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଇ ନୋଡାଲ ହାଇସ୍କୁଲ ଖେଳପଡିଆରେ ଆରମ୍ଭ ହୋଇଥିବା ୨ଦିନିଆ ସ୍କୁଲ ଗେମ୍ ଏଣ୍ଡ ସ୍ପୋର୍ଟ୍ସ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ଭୋଲେଶ୍ୱର ସାହୁଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ଓ ଅଭିନ୍ନ କୁମାର ପାଇକରାୟ, କଣ୍ଢେଇ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗୁଣନିଧି ନାୟକ, କଣ୍ଢେଇ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କନ୍ତାରୁ ପ୍ରଧାନ ଓ କଣ୍ଢେଇ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ତପନ କୁମାର ଗଡନାୟକ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବାରକୋଟ ବ୍ଲକର ବିଭିନ୍ନ ସ୍କୁଲର ୧୪୭ ଜଣ ଛାତ୍ରୀଙ୍କ ମଧ୍ୟରେ ଫୁଟବଲ, କବାଡ଼ି, ଖୋଖୋ, ଯୋଗ ଓ ଦୌଡ଼କୁଦ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଝରାକଣ୍ଢେଇ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଜୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାକୁ ବାରକୋଟ ବ୍ଲକର ବହୁ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## କୁଚିଣ୍ଡାରେ ବ୍ଲକସ୍ତରୀୟ ଖେଳକୁଦ ଚୟନ ଶିବିର

**କୁଚିଣ୍ଡା,୨୭।୯(ବିରଞ୍ଚି ଦର୍କା):** କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକ ସ୍ତରୀୟ ଫୁଟବଲ, ଖୋଖୋ, କବାଡି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବ୍ଲକର ୧୯ ହାଇସ୍କୁଲରୁ ୧୪ରୁ ୧୬ବର୍ଷର ୨୨୧ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେଥି ମଧ୍ୟରୁ ୬୮ ଜଣ ପିଲା ୩୦ତାରିଖରେ ହେବାକୁ ଥିବା ଜିଲା ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସ୍ପୋର୍ଟ୍ସ ସଂଘ ଉପଦେଷ୍ଟା ପ୍ରଧାନଶିକ୍ଷକ କମଳ ଲୋଚନ ବେହେରା, କୁଚିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଣଜିତ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଚିଣ୍ଡା ହାଇସ୍କୁଲ କ୍ରୀଡା ଶିକ୍ଷକ ଶ୍ରୀକାନ୍ତ ପଟେଲଙ୍କ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ହୋଇଥିଲା। ଏଥିରେ କ୍ରୀଡା ଶିକ୍ଷକ ଚନ୍ଦନ କୁମାର ମାକର, ପ୍ରକାଶ ପଟେଲ, ପ୍ରଦୀପ ପଟେଲ, ସୌଭାଗ୍ୟ ନାୟକ, ହିମାଂଶୁ ପଟେଲ, ପ୍ରତିମା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଫୁଟବଲ ପ୍ରତିଯୋଗିତା : ବୁଟିଆଡିହି ଚାମ୍ପିୟନ

ଦେବଗଡ଼, ୨୭।୯(ଶଶାଙ୍କ ଶେଖର ଝାଙ୍କର)



ବାରକୋଟ ବ୍ଲକ ମଧ୍ୟପୁର ଗ୍ରାମ ପଞ୍ଚାୟତର ରଘୁନାଥପୁର ଲାଣ୍ଡିଝରୀ ଖେଳ ପଡିଆଠାରେ ଡି.ବ୍ରଦର୍ସ ଆନୁକୂଲ୍ୟରେ ଗତ ୨୫ ତାରିଖ ଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଯାଇଛି । ବମ୍ପରଡା ଫୁଟବଲ ଦଳ ଓ ବୁଟିଆଡିହୀ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବମ୍ପରଡା ଫୁଟବଲ ଦଳକୁ ପରାସ୍ତ କରି ବୁଟିଆଡିହୀ ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା । ଫାଇନାଲ ମ୍ୟାଚକୁ ରେଫରୀ ଭାବେ ସରୋଜ କୁମାର ଗଡନାୟକ, ପ୍ରଶାନ୍ତ ସାନି ଓ ସରୋଜ କୁମାର ପ୍ରଧାନ ପରିଚାଳନା କରିଥିଲେ । ଉଦଘୋଷକ ଭାବେ ଫକୀର ମୋହନ ଦଳବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ, ସମ୍ମାନିତ ଅତିଥି ଭାବେ ମଧ୍ୟପୁର ଗ୍ରାମ ପଂଚାୟତର ପୂର୍ବତନ ସରପଞ୍ଚ ଦୀକ୍ଷିତ କୁମାର ନାୟକ ଓ ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ ଚମ୍ପିୟାନ ବୁଟିଆଡିହୀ ଫୁଟବଲ ଦଳ ଓ ରନର୍ସ ଅପ ବମ୍ପରଡା ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଧନଞ୍ଜୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଗଣେଶ ମେଳା ଆହୁରି ଆଗକୁ ଯାଉ'

ଦେବଗଡ଼, ୨୭।୯
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଗଣେଶ ମେଳାର ନବମ ଦିନ ବୁଧବାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି। ସେ ତାଙ୍କ ବକ୍ତବ୍ୟରେ ଏଡି ମେଳା ଆହୁରି ଆଗକୁଯାଉ ବୋଲି ଶୁଭମନାସୀ ଥିଲେ। ସମ୍ମାନୀତ ଅତିଥି ଭାବେ ବାରକୋଟ ବ୍ଲକ ୩ନଂ ଜୋନ ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣି ଯୋଗଦାନ କରି ଉପସ୍ଥିତ ଦର୍ଶକଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ମେଳା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଲୋକେ ମୀନାବଜାର, ଖାଦ୍ୟଷ୍ଟଲରେ ଭିଡ ଜମିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୨୭।୯(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଦେବଗଡ଼ ଜିଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଏସିଡ୍ ଆକ୍ରମଣ ପୀଡିତାଙ୍କ ନିମନ୍ତେ ଥିବା ଯୋଜନା ତଥା ଏଥିନିମନ୍ତେ ଥିବା ଆଇନ୍ ସବୁ ବିଷୟରେ ଏବଂ ସାଇବର ଆଇନ୍ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଆଇନ୍ ସେବା ପ୍ରାଧିକରଣର ସଚିବ ଅପୂର୍ବା ଚୌଧୁରୀ, ଡାକ୍ତର ଧନଞ୍ଜୟ ମହାନ୍ତ, ଉପଖଣ୍ଡୀୟ ପୋଲିସ ଅଧିକାରୀ ସୌମ୍ୟରଞ୍ଜନ ମଲ୍ଲିକ, ବରିଷ୍ଠ ଓକିଲ ଦିଲ୍ଲୀପ କୁମାର ଗୁରୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ନମିତା ଶ୍ରୀବାସ୍ତବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ଅଭିଯାନ



ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ

ଦେବଗଡ଼,୨୭।୯(ଶଶାଙ୍କ ଶେଖର ଝାଙ୍କର )

'କୈଳାଶ ସତ୍ୟାର୍ଥୀ ଚିଲ୍ଡ୍ରେନ ଫାଉଣ୍ଡେସନ' ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା'ର ମିଳିତ ଆନୁକୂଲ୍ୟରେ ଗତ ୧୬ରୁ ଚାଲୁଥିବା ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ଅଭିଯାନ ଆଗାମୀ ଅକ୍ଟୋବର ୧୬ ତାରିଖ ସମାପ୍ତ ହେବ। ଏହି ପରିପ୍ରେକ୍ଷୀରେ 'ଜିତା'ର ସଦସ୍ୟ ସଦସ୍ୟାମାନେ ଗାଁ ଓ ସ୍କୁଲରେ ଜାତି ସମାଜ, ଯୁବକ ସଂଘ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ଶପଥପାଠ କରାଉଛନ୍ତି। ଏହି କ୍ରମରେ ବାରକୋଟ ବ୍ଲକ ଶିରୋଡିହୀ ଗ୍ରାମରେ ମୁଣ୍ଡା ସମାଜର ଲୋକମାନଙ୍କୁ ନେଇ ଏକ ବାଲ୍ୟବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଫୁଲମନ ଟେଟେ ଓ ଉପସଭାପତି ଜ୍ୟୋତି କାଡାଙ୍ଗିଙ୍କ ନେତୃତ୍ୱରେ ୫ଟି ଗ୍ରାମର ମୁଣ୍ଡା ସମାଜର ଲୋକେ ଏକତ୍ରିତ ହୋଇଥିବା ବେଳେ ସେମାନଙ୍କୁ 'ଜିତା'ର ତରୁଣ କୁମାର ସାମଲ ଉପରୋକ୍ତ ପ୍ରସଙ୍ଗରେ ସଚେତନ କରାଇଥିଲେ। ଶେଷରେ ଅରବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକଳ୍ପ ବୁଲିଦେଖିଲେ ଜୀବିକା ମିଶନ ଅଧିକାରୀ

ଜମନକିରା,୨୭।୯(ରବୀନ୍ଦ୍ର ପ୍ରସାଦ ଦାନି)

ଓଡ଼ିଶା ଜୀବିକା ମିଶନର ୨ ଅଧିକାରୀ ଜୟନ୍ତୀ ସୁତାର ଓ ଯୁବ ନିରୀକ୍ଷିକା ଖୁସବୁ ଗୁପ୍ତା ବୁଧବାର ଜମନକିରା ବ୍ଲକ ଗୁଣ୍ଡୁରୁଛୁଆଁ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପଞ୍ଚାୟତସ୍ତରୀୟ ଫେଡେରେଶନ କାର୍ଯ୍ୟାଳୟର ଏକକ ସୁବିଧା କେନ୍ଦ୍ର ଓ ପରେ ମା' ସୁଭଦ୍ରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ନର୍ସରୀ ବୁଲି ଦେଖିଥିଲେ। ଏଥିରେ ବ୍ଲକ ଓଡ଼ିଶା ଜୀବିକା ମିଶନର ଭାରପ୍ରାପ୍ତ ଗୋଷ୍ଠୀ ଅଧିକାରୀ ସରୋଜ ମିଶ୍ର, ବୈଷୟିକ ସଂଯୋଜିକ ସୁନନ୍ଦା ମହାନ୍ତି, ଏମ୍‌ବିକେ ବବିତା ଦେହୁରି, ରଞ୍ଜିତା ପଟେଲ, ପୁଷ୍ପିତ ବେହେରା ପ୍ରମୁଖଙ୍କ ସମେତ ଫେଡରେଶନ ସଭ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

जिला अभियंता का कार्यालय,
जिला परिषद, सिमडेगा
सूचना
एतद् द्वारा सूचित किया जाता है कि इस कार्यालय द्वारा निर्गत निविदा संख्या – DOPT/DE/SIMDEGA/04/2023-24 (PR No. –307297 Rural Development (23 -24)_D) को अपरिहार्य कारणवश अगले आदेश तक स्थगित किया जाता है।
जिला अभियंता,
जिला परिषद सिमडेगा
PR.NO.307896 Rural Development(23-24):D

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.14-KUR-TRD-OT-2023-24
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ସ୍କିମ୍ ଅଧୀନସ୍ଥ ବ୍ରହ୍ମପୁର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ଼ ଏବଂ ଖୋର୍ଦ୍ଧା ରୋଡ଼ ଷ୍ଟେସନଗୁଡ଼ିକ ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB) ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ ।
ବିଜ୍ଞାପିତ ମୂଲ୍ୟ: ₹ 98,75,005.40, EMD: ₹1,97,500/-, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.29.09.2023ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.10.2023 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-613/O/23-24

STATE SELECTION BOARD
DEPARTMENT OF HIGHER EDUCATION, GOVT. OF ODISHA
BHUBANESWAR - 09
NOTICE
No. 1127/SSB Date: 26.09.2023
No. N-76: It is for information of all candidates who have applied for the Post of Post Graduate Teachers in pursuance of Advt. No.01/2023 that the portal of State Selection Board shall remain open from 28.09.2023(11.00 A.M.) to 02.10.2023(5.00 P.M) in order to enable them to enter their percentage of marks secured in B.Ed. and P.G. Examinations by effecting necessary conversion.
Similarly, candidates who have committed minor mistakes in their online application form can also rectify the same by following the instructions given in the notice in the official website of the State Selection Board: www.ssbodisha.ac.in within the same period.
OIPR-11015/11/0010/2324 Sd./- Secretary

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.40/ET/SBP/ENGG/2023-24, ତା.23.09.2023ରିଖ
ଇ-ଟେଣ୍ଡର ସଂ.25-eT-SDENS-SBP-23
କାର୍ଯ୍ୟର ନାମ : ଝାରସୁଗୁଡ଼ା ରୋଡ଼-ଟିଟିଲାଗଡ଼ ସେକ୍ସନରେ TSR(P)-33.546 TKm ସମ୍ବନ୍ଧୀୟ ସିକିର ୟାର୍ଡ଼ ଠାରେ PQRS ଡିପୋ ନିମନ୍ତେ ସିଭିଲ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 4,25,19,301.93, ବିଡ୍ ସିକ୍ୟୁରିଟି (₹): 3,62,600/- ।
କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.10.2023ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡର ଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-619/O/23-24

ଡାକ ବିଭାଗ (ସିଭିଲ ୱିଙ୍ଗ୍)
ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:
୧. ଏନ୍‌ଆଇଟି ନଂ.୨୩/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ଶ୍ରେଣୀଗୃହ ସ୍ଥାପନ ପାଇଁ ସିଭିଲ କାର୍ଯ୍ୟ । ଅଟକଳ ମୂଲ୍ୟ: ଟ.୫୯,୯୭,୬୧୭.୦୦ । ଅମାନତ ରାଶି: ଟ.୧,୧୯,୯୫୨.୦୦ । ସମାପ୍ତି ଅବଧି: ୧୯୫ (ଏକଶହ ପଞ୍ଚାନବେ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୦୯।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୨. ଏନ୍‌ଆଇଟି ନଂ.୨୪/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ବିଦ୍ୟମାନ ମହିଳା ଓ ପୁରୁଷ ଛାତ୍ରାବାସର ନବୀକରଣ । ଅଟକଳ ମୂଲ୍ୟ: ଟ.୪୮,୯୦,୬୮୭.୦୦ । ଅମାନତ ରାଶି: ଟ.୯୭,୮୧୪.୦୦ । ସମାପ୍ତି ଅବଧି: ୧୨୦ (ଏକଶହ କୋଡ଼ିଏ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୦୯।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୩. ଏନ୍‌ଆଇଟି ନଂ.୨୫/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ମଲ୍ଟି ଆକ୍ଟିଭିଟି ହଲ୍ ଏବଂ ୩ୟ କମ୍ପ୍ୟୁଟର ଲାବ୍ ସ୍ଥାପନ ପାଇଁ ସିଭିଲ କାର୍ଯ୍ୟ । ଅଟକଳ ମୂଲ୍ୟ: ଟ.୩୪,୬୩,୮୬୬.୦୦ । ଅମାନତ ରାଶି: ଟ.୬୯,୨୭୭.୦୦ । ସମାପ୍ତି ଅବଧି: ୨୧୦ (ଦୁଇଶହ ଦଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୦୯।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।
ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

ପୂର୍ବ ତଟ ରେଳପଥ
ଫାଇଲ୍ ନଂ.DRM/Engg/KUR/23-24/E-Tender/82, ତା.21.09.2023ରିଖ
(1) ଟେଣ୍ଡର ସଂ.e-Tender-CENTKUR-264-2023, ତା.15.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଢେଙ୍କାନାଳ ପରିସୀମା ଅଧୀନରେ ପଙ୍କ ଉଠାଇବା, ବ୍ରିକ୍ ଫ୍ଲୋରିଙ୍ଗ୍, କର୍ଟେନ୍ ୱାଲ, ଡ୍ରପ୍ ୱାଲର ନିର୍ମାଣ, ପେଣ୍ଟିଙ୍ଗ୍ ଏବଂ HFL, DL ଚିହ୍ନଟ, ପୋଲ ପ୍ରବେଶ ପଥଗୁଡ଼ିକର ସୁଦୃଢ଼ୀକରଣ, ଇପୋକ୍ସି ପ୍ଲାଷ୍ଟର, ଗ୍ରାଉଟିଙ୍ଗ୍, ଜଙ୍ଗଲ ସଫେଇ ଇତ୍ୟାଦି ଭଳି ବିବିଧ ପୋଲ ମରାମତି କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 286.10 ଲକ୍ଷ, EMD: ₹2,93,100/- ।
(2) ଟେଣ୍ଡର ସଂ.e-Tender-CENTKUR-268-2023, ତା.15.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ (ଭୁବନେଶ୍ୱର) ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡ଼ର ଲୁପ୍ ଲାଇନଗୁଡ଼ିକରେ 6.56 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 189.27 ଲକ୍ଷ, EMD: ₹2,44,600/- ।
(3) ଟେଣ୍ଡର ସଂ.e-Tender-CenKUR-269-2023, ତା.15.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିର୍ଗୁଣ୍ଡି-ତାଳଚେର ସେକ୍ସନ ମଧ୍ୟରେ ବିଭିନ୍ନ ପ୍ୟାଚଗୁଡ଼ିକରେ 35.12 କି.ମି. ଲମ୍ବ ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 542.20 ଲକ୍ଷ, EMD: ₹4,21,100/- ।
(4) ଟେଣ୍ଡର ସଂ.etenderestatekur-265-2023, ତା.15.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ମୁଖ୍ୟାଳୟ/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ରେଳ ସଦନ, ରେଳ ଅଡିଟୋରିୟମ୍, ଇନ୍‌ଡୋର ଷ୍ଟାଡିୟମ୍, ମଞ୍ଚେଶ୍ୱର କଲୋନୀ ଷ୍ଟାଡିୟମ୍, ରେଳ ସୁରକ୍ଷା ବଳ (RPF) ବାରାକ୍ ଏବଂ ଜୋନାଲ ମୁଖ୍ୟାଳୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ସ୍ଥିତ ଅନ୍ୟ କାର୍ଯ୍ୟାଳୟ ଇତ୍ୟାଦି ଭଳି ବିଭିନ୍ନ ସେବା ଭବନଗୁଡ଼ିକର ବିବିଧ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 261.84 ଲକ୍ଷ, EMD: ₹2,80,900/- ।
ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 3 ପାଇଁ), 08 ମାସ (କ୍ରମ ସଂ.2 ପାଇଁ) ଏବଂ 14 ମାସ (କ୍ରମ ସଂ.4 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.06.10.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-615/O/23-24

STATE MEDICINAL PLANTS BOARD, ODISHA
(Forest, Environment & Climate Change, Deptt. Govt. of Odisha)
Aranya Bhawan, Chandrasekharpur, Bhubaneswar - 7510023
E-mail: smpborissa@gmail.com, Tel.: +91674-2954911
NOTICE
No. MM-185: SMPB, Odisha is going to organise the 16th State Level Kalinga Herbal Fair, Bhubaneswar from 05.12.2023 to 11.12.2023. Interested Event Management agencies having adequate eligibility are requested to apply latest by 16.00 Hrs. of 18.10.2023.
For details & tender documents, please visit the following website: www.odisha.gov.in (tenders.gov.in) OR odishaforest.in, smpbodisha.in.
OIPR-08117/11/0003/2324 Chief Executive, SMPB, Odisha

OFFICE OF THE DIVISIONAL FOREST OFFICER, JEYPORE FOREST DIVISION
Phone/Fax: 06854-251147, Cell: 9437055034, email: dfo.jeypore@odisha.gov.in
No. 96/1F (Accts)/2023, Dated, Jeypore, the 22nd September' 2023
INVITATION FOR BIDS
Bid Identification No. Online
No. MM-184: The Divisional Forest Officer, Jeypore on behalf of Governor of Odisha invites percentage rate bids in Single Cover System in Online Mode.

| | | |
|---|---|---|
| 1 | Nature of Work | Building Works (Civil + EI + PH) |
| 2 | No. of Works | 3 (Three) Nos. |
| 3 | Bid Cost | Rs.6000/- |
| 4 | Class of Contractor | "B", "C" & "D" Class |
| 5 | Date & time of availability of the tender documents | 25.09.2023 to 07.10.2023 |
| 6 | Last date & time of receipt of bids in portal | 07.10.2023 at 4.00 P.M. |
| 7 | Date of opening of Bid | 09.10.2023 at 11.00 A.M. |
| 8 | The bidders have to participate in Online bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

Sd./- Divisional Forest Officer
Jeypore Forest Division
OIPR-08039/11/0001/2324

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, BHUBANESWAR
GOVERNMENT OF ODISHA
"e" PROCUREMENT NOTICE
WORKS DEPARTMENT
No. B-953 E-mail: ceroads.bbsr@gmail.com
Bid Identification No. CE-DPI&R-24/2023-24
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road works
3. No. of Work : 41 Nos.
4. Tender Paper Cost : Rs.10,000.00
5. Class of Contractor : A Class/Special Class/Super Class
6. Available of bid document in the website : From 10.00 A.M. of 30.09.2023 to 5.30 P.M. of 16.10.2023
7. Date of opening of Bid : Dt.17.10.2023 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.
Sd./- Chief Engineer (DPI & Roads), Odisha (I/C)
OIPR-34111/11/0039/2324

WATCO
OFFICE OF THE GENERAL MANAGER
WATCO DIVISION-II, BHUBANESWAR
Near Rajiv Bhawan, Unit-V, Bhubaneswar-751001,Odisha, India
Telefax: - +91-674-2390322, E-mail - gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
Dtd.25.09.2023
No.C-1507: 01.Name of the work : Supply, Installation, Testing Wiring & Commissioning of salient type stand along DG set of 625 KVA capacity with synchronization panel for implementation of Drink from Tap with 24x7 water supply to different DMA under Bhuasuni Command areas at Bhuasuni Treatment Plant, Samantarapur, Old Town, Bhubaneswar.
02. Estimate cost : Rs.62.02 Lakhs
03. Period of completion : 2 (Two Months)
04. Class of contractor : Manufacturers / Authorized Dealer / Distributor joint venture with Electrical license holder
05. Date & Time of availability of bid document in the portal : From 11.00 AM of Dt.28.09.23 to 5.00 PM of 12.10.2023
06. Last date / time of receipt of bids in the portal : 5.00 PM of 12.10.2023
07. Last date & time of seeking clarification : 5.00 PM of 03.10.2023
08. Date & Time of opening of bids : At 12.30 PM of 13.10.2023
09. Name and Address of the Officer Inviting Bid : General Manager WATCO Division-II, BBSR
Further details can be seen from the e-Procurement portal "https://www.tendersorissa.gov.in."
Sd./- General Manager
OIPR-13089/11/0017/2324 WATCO DIVISION-II, BHUBANESWAR

## କୁତୁର୍ଲା କୃଷି ସେବା ସମବାୟ ସମିତି ବୈଠକ

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ଦେଓଗାଁ ବ୍ଲକ କୁତୁର୍ଲା କୃଷି ସେବା ସମବାୟ ସମିତିର ବାର୍ଷିକ ବୈଠକ ପାକ୍ସ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ପରିଷଦ ସଭାପତି ନିଳାମ୍ବର ପାଣିଗ୍ରାହୀଙ୍କ ସଭାପତିତ୍ୱ, ସମ୍ପାଦକ ଜିତେନ୍ଦ୍ର କୁମାର ନାଗଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରାଯାଇଥିଲା । ସେହିପରି ୨୦୨୨-୨୩ ବର୍ଷର ଆୟବ୍ୟୟ ତଥା ସମୀକ୍ଷା ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ବୈଠକରେ କୃଷି ସେବା ସମବାୟ ସମିତି ପରିଚାଳନା କମିଟି ନିର୍ଦ୍ଦେଶକ, ସଭ୍ୟମାନେ ଉପସ୍ଥିତ ଥିଲେ ।

### ସଂକ୍ଷେପରେ

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଖପ୍ରାଖୋଲ,୨୭।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ ସାଲେପାଲିଠାରେ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୀନିତା ବରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଭାନପୁର ସମିତିସଭ୍ୟ ପ୍ରତିନିଧି ଅମିତ ତାଣ୍ଡି, ସମ୍ମାନିତ ଅତିଥି ପାଟଣାଗଡ ଏଡିଏଚ ପ୍ରମୋଦ କୁମାର ସେଠୀ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଏଏଓ ସୁମନ୍ତ କୁମାର ଖମାରୀ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ବିକଳ୍ପ ବ୍ଲକ ସଂଯୋଜକ ସମୀର ସାହୁ, ତପନ କଲାରୀ ପ୍ରମୁଖ ଯୋଗଦେଇ ଉଦ୍ୟାନ କୃଷି ବିଭାଗର ସରକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ ମାଟିଆଭଟା, ଭାନପୁର, ଧଣ୍ଡାମୁଣ୍ଡା ଓ ପଡ଼ିଆବାହାଲ ପଞ୍ଚାୟତର ଶତାଧିକ ଆଗୁଆ ଚାଷୀ ଉପସ୍ଥିତ ଥିଲେ।

## ହାଟପଦାପଡ଼ା ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

ଟିଟିଲାଗଡ,୨୭।୯(ଶରତ ମିଶ୍ର)

ଟିଟିଲାଗଡ ହାଟପାପଡା ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ ବରିଷ୍ଠ ସଦସ୍ୟ ଶୁଭ୍ରାଂଶୁ ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ଦୁର୍ଗା ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଇଁ ସଭାପତଭାବେ ଗିରିଜାକାନ୍ତ ରଥ, ଉପସଭାପତି ଅଭିଳାଷ ଦାସ, ସମ୍ପାଦକ ଅନୁପ ଦାସ, କୋଷାଧ୍ୟକ୍ଷ ପ୍ରଭାକର ସରାଫ, ସହସମ୍ପାଦକ ନୀଳ କଟା ଚୟନ ହୋଇଥିଲେ। ଉପଦେଷ୍ଟା କମିଟିରେ ଶୁଭ୍ରାଂଶୁ ଦାସ, ସୁବୋଧ ଦାସ, ନୀଳାମ୍ବର ମିଶ୍ର, ସୁଶାନ୍ତ ଆଚାର୍ଯ୍ୟ , କୃଷ୍ଣଚନ୍ଦ୍ର ସରାଫ, ଶ୍ରୀପତି ସାହୁ ରହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଚନ୍ଦନ, ସଞ୍ଜୀବ ପାଣିଗ୍ରାହୀ, ସୁନିଲ ଆଚାର୍ଯ୍ୟ, ସୂର୍ଯ୍ୟ ଚୌଧୁରୀ, ସଞ୍ଜୟ ନାୟକ, ରାକେଶ ଷଡଙ୍ଗୀ, ମନୋଜ ବରଗ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନପଡା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

ଟିଟିଲାଗଡ,୨୭।୯(ଶରତ ମିଶ୍ର)

ଟିଟିଲାଗଡ଼ ସ୍ୱାଧୀନପଡା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ପୂର୍ବତନ ସଭାପତି ଗୋପାଲୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ସମ୍ପାଦକ ସୁରଜ କୁମାର ବେହେରା ଗତବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ ପରେ ଏହାକୁ ସର୍ବସମ୍ମତକ୍ରମେ ଗୃହୀତ କରାଯାଇଥିଲା। ଏହା ପରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି କୃଷ୍ଣଚନ୍ଦ୍ର ପୃଷ୍ଟି, ଉପସଭାପତି ତିଳକରାମ ସାହୁ, ସମ୍ପାଦକ ରିଙ୍କୁ ସେଠ, ସହସମ୍ପାଦକ ବଣ୍ଟି ସେଠ ଓ କୋଷାଧ୍ୟକ୍ଷଭାବେ ସତ୍ୟନାରାୟଣ ଗୁପ୍ତାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ବୈଠକରେ ସତ୍ୟବ୍ରତ ପଣ୍ଡା, ରମେଶ ବେହେରା, ରାଜେଶ ବେହେରା, ବୁଲୁ ସେଠ, ସୁରେଶ ଭୋଇ, ଅଶୋକ ବେହେରା ଜୟ ବେହେରା ଓ ଆଶିଷ ବେହେରା ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

ବେଲପଡା,୨୭।୯(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅଫିସ ସମ୍ମୁଖରେ ଗୁରୁବାର ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିଭିନ୍ନ ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ୧୧ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ହେଲା ଗମ୍ଭାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସହିତ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି, ଗମ୍ଭାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ବ୍ଲକର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, ନର୍ସ ଓ ଷ୍ଟାଫ ଯୋଗାଇଦେବା, ବ୍ଲକର ସମସ୍ତ ଗ୍ରାମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ବ୍ଲକ ଅଞ୍ଚଳରେ ସୂତାକଳ ସ୍ଥାପନ, ଶୀତଳ ଭଣ୍ଡାର ନିର୍ମାଣ, ଗମ୍ଭାରୀ ଓ କଂସାପାଲା ମଝିରେ ଥିବା ମଦଭାଟି ବନ୍ଦ, ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ କରିବା। ଏହି ବିକ୍ଷୋଭ ସଭାରେ ଜିଲା ସାଙ୍ଗଠନିକ କମିଟି ସଭ୍ୟ କମ୍ରେଡ ମଧୁସୂଦନ ବାଗ, ଗୌରୀ ରାଉତ, ଶିବ ସାହୁ, କିଶୋରି ବାଗ, ସିନ୍ଧୁ ବନଗୁଲା, ରେଣୁଧର ମଲ୍ଲିକ, ମୁକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଗୀଙ୍କ ଜୀବନ ସହ ଖେଳ

ବଲାଙ୍ଗୀର,୨୭।୯(ବୀରେନ୍ଦ୍ର କୁମାର ଝାଙ୍କର)

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଡାଇଲିସିସ୍ ୱାର୍ଡ**

- ରୋଗୀଙ୍କ ସହ ଜିଲାପାଳଙ୍କୁ ଭେଟିଲେ ଏମ୍‌ପି ସଙ୍ଗୀତା ସିଂଦେଓ
- ହସ୍ପିଟାଲ ଅଧୀକ୍ଷକଙ୍କ ବିରୋଧରେ ରୋଗୀ ଆଣିଲେ ଗୁରୁତର ଅଭିଯୋଗ
- ଅଭିଯୋଗ କଲେ ମିଳୁଛି ଚିକିତ୍ସା ବନ୍ଦ ଧମକ, ମିଳୁନି ଔଷଧ
- ଜିଲାପାଳ କହିଲେ, ସମସ୍ୟାର ସ୍ଥାୟୀ ସମାଧାନ ବ୍ୟବସ୍ଥା ହେବ


ଜିଲାପାଳଙ୍କ ଅଫିସ ଭିତରେ ଏମ୍‌ପି ସଙ୍ଗୀତା ସିଂଦେଓ ଜିଲାପାଳ ଚଞ୍ଚଳ ରାଣା ଓ ହସ୍ପିଟାଲ ଷ୍ଟାଫଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ରୋଗୀ ଚିକିତ୍ସା ସେବା ଏବେ ପ୍ରହସନରେ ପରିଣତ ହୋଇଛି। ବିଶେଷକରି ହସ୍ପିଟାଲର ଡାଇଲିସିସ୍ ୱାର୍ଡରେ ରୋଗୀଙ୍କ ଜୀବନ ସହ ଖେଳ ଖେଳାଯାଉଛି ଓ ଚିକିତ୍ସା ନାଁରେ ମାନସିକ ଏବଂ ଆର୍ଥିକ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଚିକିତ୍ସା ସେବାଜନିତ ଅସୁବିଧା ଓ ହସ୍ପିଟାଲ ଷ୍ଟାଫ୍‌ଙ୍କ ଦୁର୍ବ୍ୟବହାର ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ସମାଧାନ ବ୍ୟବସ୍ଥା କରା ନ ଯାଇ ରୋଗୀଙ୍କ ଚିକିତ୍ସା ବନ୍ଦ କରିଦିଆଯିବ ବୋଲି ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଏଭଳି ଗୁରୁତର ଅଭିଯୋଗ ହେବା ପରେ ବୁଧବାର ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଡାଇଲିସିସ୍ ୱାର୍ଡର କେତେଜଣ ରୋଗୀଙ୍କ ଉପସ୍ଥିତିରେ ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ଜିଲାପାଳଙ୍କ ଅଫିସରେ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ହସ୍ପିଟାଲ ଅଧୀକ୍ଷକ ଡା ମାନସୀ ପଣ୍ଡା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ହସ୍ପିଟାଲ ଡାଇଲିସିସ୍ ୱାର୍ଡରେ କିଡନୀ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା କରାଯାଉନଥିବା, ଠିକ୍ ଭାବେ ଡାଇଲିସିସ୍ କରାଯାଉ, ରୋଗୀଙ୍କୁ ରକ୍ତ ଚଢ଼ାଇବା ବେଳେ ହଇରାଣ କରାଯାଉଥିବା ଏବଂ କିଛି କହିଲେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ନେଇ ରୋଗୀମାନେ କିଛିଦିନ ପୂର୍ବରୁ ସିଂଦେଓଙ୍କଠାରେ ଅଭିଯୋଗ କରିଥିଲେ। ରୋଗୀମାନେ ସିଧାସଳଖ ହସ୍ପିଟାଲ ଅଧୀକ୍ଷକ ଡା ପଣ୍ଡାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ରୋଗୀମାନେ କୌଣସି ପ୍ରକାର ଅସୁବିଧାକୁ ନେଇ ଅଭିଯୋଗ କଲେ ସେ ରୋଗୀମାନଙ୍କୁ ଚିକିତ୍ସା ବନ୍ଦ କରିଦେବେ ବୋଲି ଧମକ ଦେଉଥିବା ଅଭିଯୋଗ କରିଥିଲେ। ହସ୍ପିଟାଲରେ ଡାଇଲିସିସ୍ ପରିଚାଳନା ଦାୟିତ୍ୱ ଦେଇଥିବା ରାହି କେୟାର ସଂସ୍ଥା ପକ୍ଷରୁ ଯେଭଳି ଅବହେଳା ଏବଂ ନିମ୍ନମାନର ଚିକିତ୍ସା ସେବା ଯୋଗାଯାଉଛି ସେଥିରେ ରୋଗୀଙ୍କ ଜୀବନ ଚାଲିଯିବା ବିପଦ ଦେଖାଯାଇଛି ବୋଲି କହିଥିଲେ। ଡାଇଲିସିସ୍ ମେଶିନ୍‌ର ଉପଯୁକ୍ତ ସର୍ଭିସିଂ କରାଯାଉ ନ ଥିବା, ନିର୍ଦ୍ଧାରିତ ବ୍ୟବଧାନରେ ଏଥିରେ ଉପକରଣ ପରିବର୍ତ୍ତନ କରାଯାଉନାହିଁ। ଏହାଫଳରେ ରୋଗୀମାନେ ଆରୋଗ୍ୟ ହେବା ପରିବର୍ତ୍ତେ ଅଧିକ ସଂକ୍ରମିତ ଏବଂ କଷ୍ଟ ପାଉଥିବା କହିଥିଲେ। ରାହି କେୟାର ସଂସ୍ଥାର କର୍ମଚାରୀ ଏବଂ ଅଧିକାରୀଙ୍କ ଦୁର୍ବ୍ୟବହାର ସମ୍ପର୍କରେ କହିଥିଲେ। ସମସ୍ତ ଅଭିଯୋଗ ଶୁଣିବା ପରେ ଏମ୍‌ପି ସିଂଦେଓ ଜିଲାପାଳ ରାଣାଙ୍କ ଉପସ୍ଥିତିରେ ଅଧୀକ୍ଷକଙ୍କୁ ରୋଗୀ ଓ ପରିଜନ କାହିଁକି ଗୁରୁତର ଅଭିଯୋଗ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଜିଲାପାଳଙ୍କୁ ସମାଧାନ ପନ୍ଥା କ'ଣ ବୋଲି ପଚାରିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାର ଲୋକଙ୍କ ଉତ୍ତମ ଚିକିତ୍ସା ସେବା ଏବଂ ହସ୍ପିଟାଲ ପରିଚାଳନା ପାଇଁ ଅନୁଦାନ, ଉନ୍ନତ ବୈଷୟିକ ଉପକରଣ ଯୋଗାଇ ଦେଉଥିଲେ ମଧ୍ୟ କାହିଁକି ଲୋକଙ୍କୁ ଚିକିତ୍ସାସେବା ଯୋଗାଇବା ପରିବର୍ତ୍ତେ ହଇରାଣ କରାଯାଉଛି ବୋଲି କହିଥିଲେ। ଜିଲାପାଳ ରାଣା ହସ୍ପିଟାଲ ଅଧୀକ୍ଷକ ଡା ପଣ୍ଡାଙ୍କ ସମେତ ଡାଇଲିସିସ ୱାର୍ଡର କର୍ମଚାରୀଙ୍କୁ ରୋଗୀଙ୍କ ପ୍ରତି ସଦୟ ହେବା, ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଏବଂ ଉପଯୁକ୍ତ ଚିକିତ୍ସା ଯୋଗାଇବା ଉପରେ ଦୀର୍ଘ ସମୟ ଧରି କହିଥିଲେ। ଜିଲାପାଳ ରାଣାଙ୍କୁ ପଚରାଯିବାରୁ ରୋଗୀଙ୍କ ଅଭିଯୋଗକୁ ଶୁଣିବା ପରେ ଆଗାମୀ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସ୍ଥାୟୀ ସମାଧାନ ବାଟ ବାରା କରାଯିବ। ଏଦିଗରେ ସରକାରଙ୍କୁ ମଧ୍ୟ ଜଣାଇବେ ବୋଲି ସେ କହିଥିଲେ।

## ଭାଇଚାରା ସୃଷ୍ଟି କରେ ନୂଆଁଖାଇ

କଣ୍ଟାବାଞ୍ଜି,୨୭।୯(ଗୁରୁଦୟାଲ ହଂସ)

- ଶ୍ରୀଜଗନ୍ନାଥ ଗଣେଶ ପୂଜା କମିଟିର ନୂଆଁଖାଇ ଭେଟ୍‌ଘାଟ୍
- ସମ୍ବଲପୁରୀ, ଡାଲଖାଇ ନୃତ୍ୟରେ ବିଭୋର ହେଲେ ଦର୍ଶକ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଶ୍ରୀଜଗନ୍ନାଥ ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ମଙ୍ଗଳବାର ରାତିରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ହଂସରାଜ ଜୈନ, ମୁଖ୍ୟବକ୍ତା ପଦ୍ମଶ୍ରୀ ହଲଧର ନାଗ, ବିଶିଷ୍ଟ ଅତିଥିଭାବେ ଚାଉଳସୁଖା ପଞ୍ଚାୟତ ସମିତି ସଭ୍ୟ ଗିରିରାଜ ମାଝି, ଜିଲା ସଂଘର୍ଷ କମିଟି ସଭାପତି ଶେଷଦେବ ପୁଟେଲ, ସମ୍ପାଦକ ବେଦବ୍ୟାସ ନାଗ ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ବେହେରା ସଭାରେ ଅଧ୍ୟକ୍ଷତା କରିଥିଲେ। ନୂଆଁଖାଇ ବସୁଧୈବ କୁଟୁମ୍ବକମ ବାର୍ତ୍ତା ପ୍ରଦାନ କରେ, ସମାଜରେ ଭାଇଚାର ସୃଷ୍ଟି କରେ ବୋଲି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ।

ପଦ୍ମଶ୍ରୀ ନାଗ ତାଙ୍କ ବକ୍ତବ୍ୟରେ କହିଥିଲେ, ନୂଆଁଖାଇ ମାଟି ଓ ମଣିଷର ଅତୁଟ ସମ୍ପର୍କକୁ ସୂଚେଇ ଥାଏ। କୃଷକର ପ୍ରଥମ ଅମଳ ଆଟଧାନକୁ କାହିଁକି ନୂଆଁଖାଇରେ ଭକ୍ଷଣ କରାଯାଇଥାଏ ତାହାର ବ୍ୟାଖ୍ୟା ସେ କରିଥିଲେ। ଭେଟ୍‌ଘାଟରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅୟୁବ ଖାନ, ଭାଜପା ନେତା ଲକ୍ଷ୍ମଣ ବାଗ, ବଙ୍ଗୋମୁଣ୍ଡା ବ୍ଲକ ସଦର ପଞ୍ଚାୟତ ସରପଞ୍ଚ ଅଜିତ ଯୋଷୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଉଦ୍ଧବ ବେହେରା, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକ ଉପସ୍ଥିତ ଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ସମ୍ବଲପୁରୀ, ଡାଲଖାଇ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ।


ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି।




ଆହତ ଛାତ୍ରୀ ଆୟାଶା ଖଟୁଆଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଉଛି(ବାମ)। ଦୁର୍ଘଟଣା ଘଟାଇଥିବା ଗାଡି ଓ ଛାତ୍ରୀଙ୍କ ସାଇକେଲ।

# ଛାତ୍ରୀଙ୍କ ଉପରେ ଚଢ଼ିଗଲା ମିନିଟ୍ରକ୍

ବଲାଙ୍ଗୀର,୨୭।୯(ବୀରେନ୍ଦ୍ର କୁମାର ଝାଙ୍କର)

- ଗୁରୁତର ଆଘାତ ଛାତ୍ରୀ ମେଡିକାଲରେ ଭର୍ତ୍ତି
- ଦୁର୍ଘଟଣାକୁ ନେଇ ଉତ୍ତେଜନା, ଡ୍ରାଇଭରଙ୍କୁ ପିଟିଲେ
- ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟରକୁ ଯାଉଥିଲା ଗାଡି

କୋଚିଂ ସେଣ୍ଟରକୁ ସାଇକେଲରେ ପଢିବାକୁ ଯାଉଥିବା ବଲାଙ୍ଗୀରର ଜଣେ ଯୁକ୍ତ୨ ଛାତ୍ରୀଙ୍କ ଉପରକୁ ମାଡିଯାଇଛି ବଡମାଳ ଗୋଳାବାରୁଦ କାରଖାନାର ଏକ ମିନିଟ୍ରକ୍ (ଓଡି୦୩ଡି୯୮୭୧)। ଏହି ଦୁର୍ଘଟଣାରେ ଛାତ୍ରୀ ଆୟାଶା ଖଟୁଆ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ ଉପରେ ଟ୍ରକ୍ ଚଢ଼ିଯାଇଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭୀମ ଭୋଇ ମେଡିକାଲ ହସ୍ପିଟାଲ ପଠାଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଭିଡ ଜମିଥିଲା। ବେପରୁଆ ଗାଡି ଚାଳନାକୁ ନେଇ ଗାଡି ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ମାଡ ମାରିଥିଲେ। ଖବର ପାଇବା ପରେ ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟର ଭିତରୁ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ରିଜର୍ଭ ପୋଲିସ ବାରାକକୁ ନେଇଥିଲେ।

ବୁଧବାର ଅପରାହ୍ନରେ ଇଂ. ଦୁର୍ଯ୍ୟୋଧନ ଖଟୁଆଙ୍କ ଝିଅ ଆଶାୟା ମହିଳା କଲେଜ ନିକଟ ତାଙ୍କ ଘରୁ ସାଇକଲରେ ବାହାରି ତୁଳସୀନଗରର ଏକ କୋଚିଂ ସେଣ୍ଟର ଯାଉଥିଲେ। ଏତିକିବେଳେ ପଛପଟରୁ ସର୍କିଟ ହାଉସ ରୋଡ ସ୍ଥିତ ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟରକୁ ଯାଉଥିବା ଗୋଳାବାରୁଦ କାରଖାନାର ଏକ ମିନିଟ୍ରକ୍ ଦୁର୍ଘଟଣା ଘଟାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡି ଡ୍ରାଇଭରଙ୍କୁ ଅଟକ ରଖାଯାଇଥିବା ଟାଉନ୍ ଥାନା ଆଇଆଇସି ମନବୋଧ କହିଛନ୍ତି। କେଉଁ କାରଣରୁ ଡ୍ରାଇଭିଂ ସେଣ୍ଟରକୁ ଗାଡି ଯାଉଥିଲା ସେନେଇ ପରିବହନ ଆଞ୍ଚଳିକ ଅଧିକାରୀ ରାକେଶ ମରାଣ୍ଡିଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନାହିଁ।

## ସ୍କୁଲ ତାଲାବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

ପାଟଣାଗଡ ୨୭।୯(ପ୍ରହଲ୍ଲାଦ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଦେଉଲଗାଁ ପଞ୍ଚାୟତ ବରପିଟା ଗାଁରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ରହିଛି। ହେଲେ ଶ୍ରେଣୀ ଗୃହ ନଥିବାରୁ ଜରାଜୀର୍ଣ୍ଣ କୋଠରୀରେ ପିଲା ପାଠ ପଢୁଛନ୍ତି। ୨ବର୍ଷ ହେଲା ଶ୍ରେଣୀ ଗୃହ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି। ଏ ବିଷୟରେ ପାଟଣାଗଡ଼ ଉପଜିଲାପାଳଙ୍କୁ ଗତ ଶୁକ୍ରବାର ବରପିଟା ଗ୍ରାମବାସୀ ଲିଖିତଭାବେ ଅଭିଯୋଗ କରିଥିଲେ। ତିନି ଦିନ ମଧ୍ୟରେ ସମସ୍ୟାର ସମାଧାନ ନ କଲେ ସ୍କୁଲରେ ତାଲା ପକାଇବେ ବୋଲି ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାରଠାରୁ ଗ୍ରାମର ବହୁ ଲୋକେ ଓ ଛାତ୍ରୀଛାତ୍ର ସ୍କୁଲରେ ତାଲା ପକାଇ ଧାରଣାରେ ବସିଥଲେ । ଖବର ପାଇ ବୁଧବାର ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ବରପିଟା ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାରଠାରୁ ୨ଟି ଅତିରିକ୍ତ ଶ୍ରେଣୀ ଗୃହ ଓ ଅଙ୍ଗନୱାଡି କକ୍ଷ ନିର୍ମାଣ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ। ଏତାପରେ ସ୍କୁଲରେ ପାଠ ପଢା ଆରମ୍ଭ ହୋଇଥିଲା। ସାଂସଦ ବିଶି ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ ।

## ବନ ସୁରକ୍ଷା ସମିତି କୋଠା ଉଦ୍‌ଘାଟିତ

ଖପ୍ରାଖୋଲ,୨୭।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହାରାପଦର ପଞ୍ଚାୟତ ଚାଉଳବାଞ୍ଜି ଗାଁରେ ବନବିଭାଗ ତରଫରୁ ବୁଧବାର ବନ ସୁରକ୍ଷା ସମିତ(ଭିଏସଏସ) କୋଠା ଉଦ୍‌ଘାଟିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ହରିଶଙ୍କର ବାନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅଶିନୀ କୁମାର କର, ସମ୍ମାନୀତ ଅତିଥି ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାର ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ କାର୍ଯ୍ୟକ୍ରମରେ ବନବିଭାଗ, ବନ ସୁରକ୍ଷା ସମିତି(ଭିଏସଏସ) ଓ ଜନସାଧାରଣ ମିଳିତ ଭାବେ ଜଙ୍ଗଲ ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ପରେ ରେଞ୍ଜ ଅଞ୍ଚଳର ୧୦ଟି ଭିଏସ୍ଏସ୍‌କୁ ସିଲେଇ ମେଶିନ, ବିରିବଟା ଛୋଟ ମିଲର, ଖଳିଦାନ ପ୍ରସ୍ତୁତ ମେଶିନ, ଚୌକି ଆଦି ପ୍ରଦାନ କରିଥିଲେ। ପରେ ଅତିଥିମାନେ ମହିଳାଙ୍କ ଦ୍ୱାରା ଚାଲିଥିବା ଜୈବିକ ଖତ ପ୍ରସ୍ତୁତ ପାଇଁ ନିର୍ମିତ ଜିଆ ଖତ ପ୍ରସ୍ତୁତ ୟୁନିଟ ବୁଲି ଦେଖିଥିଲେ। ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ସନ୍ଧ୍ୟାରାଣୀ ସେଠ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ, ରାଜେନ୍ଦ୍ର ଧରୁଆ, ତୁଳସୀରାମ ଛତ୍ରିଆ, ଉମାବତି ଭୋଇ, ସଞ୍ଜୀବ ପ୍ରଧାନ, ଆମଜଙ୍ଗଲ ଯୋଜନା ଡିଓ ତହସିଲ ବାଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଏଫଏଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ।


ଅତିଥିମାନେ ବନ ସୁରକ୍ଷା ସମିତି ଗୃହ ଉଦ୍‌ଘାଟନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଘରିଆ ସମାଜର ଦାବିପତ୍ର

ବଲାଙ୍ଗୀର,୨୭।୯(ବୀରେନ୍ଦ୍ର କୁମାର ଝାଙ୍କର)

- ଜିଲାପାଳଙ୍କ ଜରିଆରେ ଦେଲେ ଦାବିପତ୍ର
- ଅଘରିଆ ସମାଜ ଓଡ଼ିଶା ପ୍ରଦେଶ ଟ୍ରଷ୍ଟ ନାମରେ ଜମି, ଅନୁଦାନ ଦିଅ

ଅଖିଳ ଭାରତୀୟ ଅଘରିଆ ସମାଜ ଆଞ୍ଚଳିକ କମିଟି ବଲାଙ୍ଗୀର ଜିଲା ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ପଦଯାତ୍ରାରେ ଆସି ଅଘରିଆ ସମାଜ ସଦସ୍ୟମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପଶ୍ଚିମ ଓଡ଼ିଶାରେ ବାସ କରୁଥିବା ଅଘରିଆ ସମାଜର ଜନସାଧାରଣଙ୍କ ପାଇଁ ରାଜ୍ୟ ସରକାର ଘୋଷଣ କରିଥିବା ଭୁବନେଶ୍ୱରଠାରେ ଅଧ ଏକର ଜମି ଓ ୩ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବାକୁ ଦାବି କରିଥିଲେ। ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶ ଟ୍ରଷ୍ଟ ନାମରେ ଏହି ଜମି ଓ ଅନୁଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଉକ୍ତ ଘୋଷିତ ଜମିକୁ ଭୁବନେଶ୍ୱରର ଅଗ୍ରଗାମୀ ନାମକ ଗୋଟିଏ କ୍ଲବ ବା ଅନୁଷ୍ଠାନକୁ ଅଗ୍ରୀମ ଦଖଲ ସରକାରଙ୍କ ପକ୍ଷରୁ ଦିଆଯାଇଛି। ଯାହାକୁ ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶ ତୀବ୍ର ବିରୋଧ କରିଆସୁଛି। ସରକାରଙ୍କ ପାଖରେ ଦାବି ପରେ ମଧ୍ୟ ଶୁଣୁ ନଥିବାରୁ ଜିଲାପାଳଙ୍କ ଜରିଆରେ ପୁଣି ଏକ ଦାବିପତ୍ର ଦିଆଯାଇଥିଲା। ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶ ଆଞ୍ଚଳିକ କମିଟି ବଲାଙ୍ଗୀର ଜିଲା ସଭାପତି ଶୁଭ୍ରାଂଶୁ ଶେଖର ପଟେଲ, ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ, ରାଜ୍ୟ ସଭାପତି ଦୀନବନ୍ଧୁ ନାଏକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।


ଅଘରିଆ ସମାଜ ସଦସ୍ୟମାନେ ଦାବିପତ୍ର ଦେବାକୁ ଜିଲାପାଳ କାର୍ଯ୍ୟାଳୟ ଆସିଛନ୍ତି।

# ପାଚିକା ସଂଘ ଆନ୍ଦୋଳନ, ମଧ୍ୟାହ୍ନଭୋଜନରେ ବିଭ୍ରାଟ



ଦେଓଗା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକ ମିଶି ମଧ୍ୟାହ୍ନ ଭୋଜନ ରାନ୍ଧୁଛନ୍ତି। । ପିଲାମାନେ ଖାଇବା ପାଇଁ ଅପେକ୍ଷା କରିଛନ୍ତି।

ଦେଓଗାଁ,୨୭।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

- ରାନ୍ଧୁଣିଆ ସାଜିଲେ ଶିକ୍ଷୟିତ୍ରୀ
- କେତେକ ସ୍କୁଲରେ ପିଲାଙ୍କୁ ବିସ୍କୁଟ ବଣ୍ଟନ

ସାରା ରାଜ୍ୟରେ ପାଚିକା ସଂଘ ମଙ୍ଗଳବାରଠାରୁ ପାରିଶ୍ରମିକ ବୃଦ୍ଧି ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହାର ପ୍ରଭାବରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ବୁଧବାର ମଧ୍ୟାହ୍ନ ଭୋଜନ ପ୍ରଦାନରେ ବ୍ୟାପକ ଅବ୍ୟବସ୍ଥା ନଜରକୁ ଆସିଛି। ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନ ୧ଟା୩୦ରେ ୩ଜଣ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ମଧ୍ୟାହ୍ନଭୋଜନ ରାନ୍ଧୁଥିବା ବେଳେ ଛାତ୍ରୀଛାତ୍ରମାନେ ଖାଇବା ଅପେକ୍ଷାରେ ରହିଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ଶିକ୍ଷୟିତ୍ରୀମାନଙ୍କୁ ପଚାରିବାରୁ ହଠାତ ପ୍ରଧାନଶିକ୍ଷକ ରାନ୍ଧିବା ପାଇଁ କହିବାରୁ ଆମେ ଭାତ ଓ ତରକାରୀ ରାନ୍ଧିବା ଆରମ୍ଭ କରିଛୁ ବୋଲି କହିଥିଲେ। କଛାରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରିବର୍ତ୍ତେ ପିଲାଙ୍କୁ ବିସ୍କୁଟ ଦିଆଯାଇଥିଲା। ସେହିପରି ବ୍ଲକର ଅନେକ ବିଦ୍ୟାଳୟରେ ପିଲାଙ୍କୁ ଭୋଜନ ଦିଆଯାଇ ନ ଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ପାଚିକା ସଂଘ ଆହ୍ୱାନ କ୍ରମେ ପାଚିକାମାନେ ଆନ୍ଦୋଳନକୁ ଯିବା ପୂର୍ବରୁ ପତ୍ର ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ । ତେବେ ଉପରିସ୍ଥ ଅଧିକାରୀ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ମାତୃ କମିଟି, ସ୍ୱୟଂ ସହାୟକ ଦଳର ସଦସ୍ୟାଙ୍କୁ ନେଇ ଯେକୌଣସି ପ୍ରକାରେ ମଧ୍ୟାହ୍ନ ଭୋଜନ ଚାଲୁ ରଖିବା ପାଇଁ କଡା ନିର୍ଦ୍ଦେଶ ଦେଇଥିଲେ। ହେଲେ ଅନେକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକମାନେ ଏ ଦିଗରେ ତତ୍ପରତା ପ୍ରକାଶ ନକରି ହାତବାନ୍ଧି ବସିବାରୁ ବୁଧବାର ବ୍ଲକର ମୁଖ୍ୟାଳୟସ୍ଥିତ ୨ଟି ବିଦ୍ୟାଳୟ ପରି ଅନେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ବ୍ୟତିକ୍ରମ ଦେଖାଯାଇଛି। ଏ ନେଇ ଦେଓଗାଁ କ୍ଲଷ୍ଟରର ସିଆରସିସି ସୁଶାନ୍ତ ମହାନ୍ତିଙ୍କୁ ପଚାରିବାରୁ ବିଭାଗୀୟ ନିର୍ଦ୍ଦେଶନାମା ଅନୁସାରେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ମଧ୍ୟାହ୍ନ ଭୋଜନ ଚାଲୁ ରଖିବାପାଇଁ ପୂର୍ବରୁ ଗଠନ ହୋଇଥିବା ମାତୃକମିଟି ଓ ଦାୟିତ୍ୱରେଥିବା ସ୍ୱୟଂ ସହାୟକ ଦଳର ସଦସ୍ୟାଙ୍କୁ ଯୋଗାଯୋଗ କରିବା କଥା । ଏ ଦିଗରେ ଆମେ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ସେ କହିଥିଲେ।

**ବ୍ରାଉନ ସୁଗାର ଜବତ, ୨ ଅଟକ**

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ଟାଉନ ଥାନା ପୋଲିସ ବୁଧବାର ସକାଳ ୬ଟାରେ ବରଗଡ଼ ସହରରୁ ବ୍ରାଉନ ସୁଗାର ଜବତ କରିଛି। ଏ ନେଇ ୨ଜଣଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ବରଗଡ଼ ସହରରେ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଆପରାଧିକ ମାମଲା ବୃଦ୍ଧି ପାଇଛି। ଏ ନେଇ ବରଗଡ଼ ଏସପିଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ନିଶା ଦ୍ରବ୍ୟ ବିକ୍ରି ଉପରେ ପୋଲିସ ନଜର ରଖିଛି।



## ସଂକ୍ଷେପରେ

### ମଞ୍ଜୁଶ୍ରୀ ବଡେଇ ରାଜ୍ୟ ପଣ୍ୟାଗାର ଅଧକ୍ଷା ନିଯୁକ୍ତ

ପଦ୍ମପୁର ୨୭।୯ (ପ୍ରଦୀପ୍ତ ଦାଶ )



ରାଜ୍ୟ ପଣ୍ୟାଗାର ଅଧକ୍ଷ ମହେନ୍ଦ୍ର ବଡେଇଙ୍କ ମୃତ୍ୟୁ ହେବା ପରେ ଏହି ପଦବୀ ଖାଲି ପଡିଥିଲା। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗତ ବଡେଇଙ୍କ ସ୍ତ୍ରୀ ମଞ୍ଜୁଶ୍ରୀ ବଡେଇଙ୍କୁ ବୁଧବାର ରାଜ୍ୟ ପଣ୍ୟାଗାର ନିଗମ ଅଧକ୍ଷା ଭାବେ ନିଯୁକ୍ତି ଦେଇଛନ୍ତି। ଏହି ଖବର ଜଣାପଡିବା ପରେ ପଦ୍ମପୁର ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି। ଏହି ନିଯୁକ୍ତି ସ୍ୱର୍ଗତ ବଡେଇଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ବୋଲି ଚର୍ଚ୍ଚା ହେଉଛି।

### ଛାତ୍ରୀ ନିବାସ ପାଇଁ ୩କୋଟି ଟଙ୍କା ମଞ୍ଜୁର

ଡୁଙ୍ଗୁରିପାଲି, ୨୭।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟରେ ପଛୁଆ ବର୍ଗର ଛାତ୍ରୀଙ୍କ ପାଇଁ ୧୦୦ ସଂଖ୍ୟା ବିଶିଷ୍ଟ ଏକ ଛାତ୍ରୀ ନିବାସ ନିର୍ମାଣ ପାଇଁ ୩କୋଟି ଟଙ୍କା ମଞ୍ଜୁର ହୋଇଛି। ଓଡିଶା ସରକାରଙ୍କ ପତ୍ର ସଂଖ୍ୟା ନଂ.୨୦୦୪୮/ତା୨୬।୯।୨୩ରିଖରେ ଏହା ସୂଚିତ କରାଯାଇଛି। ଅର୍ଥ ମଞ୍ଜୁର ହୋଇଥିବାରୁ ଅଧକ୍ଷ ତରଣୀସେନ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏସସି ଏସଟି ଓ ପଛୁଆ ବର୍ଗ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ପରିଚାଳନା ପରିଷଦ ସଭାପତି ରମେଶ ଚନ୍ଦ୍ର ପୂଜାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବନ୍ଧଗୋରାରେ କନ୍ଧ ସମାଜର ବୈଠକ

ଘଣ୍ଟାପଡା,୨୭।୯(ପ୍ରଭାତ କୁମାର ସାହୁ)

କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ବନ୍ଧଗୋରାଠାରେ କୁର୍ଦ୍ଦୁର୍କା ପ୍ରଗଣା ସଭାପତି ଦେବାଧି ମଲିକଙ୍କ ଆବାହକତ୍ୱରେ କନ୍ଧ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବାଧି ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦୁର୍କା ପ୍ରଗଣା ସଭାପତି ସାମନ୍ତ ମାଝି, କଣ୍ଟାମାଳ ବ୍ଲକ ଆଦିବାସୀ ସଂଘ ଉପସଭାପତି ପିତାମ୍ବର ଭୋଇ, ବିଲବିଟ ପ୍ରଗଣା ସଭାପତି ବିବସ୍ୱ କହଁର, ମହାସିଙ୍ଗ ପ୍ରଗଣା ସଭାପତି ରବିଚନ୍ଦ୍ର ମାଝି, ବୁଗେର ପ୍ରଗଣା ସଭାପତି ଚିଦାନନ୍ଦ କହଁର ଯୋଗଦେଇ ସାମାଜିକ କୁଳାଚାର, ରୀତିନୀତି, ସରକାରୀ ଯୋଜନା ଆଦି ବିଷୟରେ ଆଲୋଚନା କରିଥିଲେ। ଆଗାମୀ ୧୯ ତାରିଖରେ ନୂଆଁଖାଇ ଭେଟ୍‌ଘାଟ ପାଳନ ନେଇ ଆଲୋଚନା ହୋଇଥିଲା। ସମ୍ପାଦକ ଧର୍ମୁ କହଁର ଅତିଥି ପରିଚୟ ଓ ସୁଶିଲ ଝାଙ୍କର ଧନ୍ୟବାଦ ଦେଇଥିଲେ । କନ୍ଧ ସମାଜର ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ।

### କପିଳେଶ୍ୱର ମନ୍ଦିର ବ୍ୟବସାୟିକ ପ୍ରତିଷ୍ଠାନର ଶିଳାନ୍ୟାସ

ବିନିକା, ୨୭।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାର ପ୍ରସିଦ୍ଧ ଶୈବପୀଠ ଚାରଦାସ୍ଥିତ ବାବା କପିଳେଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ପାଇଁ ବୁଧବାର ସୋନପୁର ଉପ ଜିଲାପାଳ ଡ଼ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୋହିତ ମୁକୁନ୍ଦ ପୂଜାରୀ ପୂଜାର୍ଚ୍ଚନା କରିବା ପରେ ଉପଜିଲାପାଳ ନଡ଼ିଆ ଭାଙ୍ଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦେବୋତ୍ତର ବିଭାଗ ଅଧିନରେ ଥିବା ଏହି ମନ୍ଦିରର ଉନ୍ନତି ପାଇଁ ତାର ଚତୁଃପାର୍ଶ୍ୱରେ ପ୍ରାୟ ୨୫ଗୋଟି ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ କରାଯିବ। ପୂର୍ବରୁ ଅସ୍ଥାୟୀ ଭାବରେ ଦୋକାନ ଗୃହ କରି ପରିବାର ପରିପୋଷଣ କରୁଥିବା ବ୍ୟକ୍ତି ବିଶେଷଙ୍କୁ ତାଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନିମନ୍ତେ ବଣ୍ଟନ କରାଯିବ। ମନ୍ଦିରର ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ସକାଶେ ସରକାର ୨୩ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଅନ୍ୟ ପକ୍ଷରେ ପଞ୍ଚାୟତ ତରଫରୁ ମଧ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିନିକା ବ୍ଲକ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ବିଡ଼ିଓ ଆନନ୍ଦ କୁମାର ଦାଶ, ମନ୍ଦିର ପରିଚାଳନା କମିଟି ସଭାପତି ଅଶୋକ ପୃଷ୍ଟି,ସଦସ୍ୟ ଆଶିଷ ମଲ୍ଲିକ, ପ୍ରଶାନ୍ତ ପୂଜାରୀ, ବଳିଷ୍ଟ ଥନାପତି, ରାମକୃଷ୍ଣ ଥନାପତି, ମନ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁଙ୍କ ପାଇଁ ମା' କ୍ଷୀର ଅମୃତତୁଲ୍ୟ

**ପୋଷଣ ମାସ ପାଳନ ଉତ୍ସବରେ ମତପ୍ରକାଶ**

ବରଗଡ଼,୨୭।୯(ପ୍ରେମାନନ୍ଦ ଖମାରୀ)



ପୋଷଣ ମାସ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

ବରଗଡ଼ ମିଶନ ଶକ୍ତି ଭବନଠାରେ ବୁଧବାର ଅତିରିକ୍ତ ଜିଲାପାଳ ଲଲାଟ ଲୁହାଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ପୋଷଣ ମାସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ସୁପୋଷିତ ଭାରତ, ସାକ୍ଷର ଭାରତ ତଥା ସଶକ୍ତ ଭାରତ ଗଢି ତୋଳିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ବୈଠକକୁ ଅତିରିକ୍ତ ଜିଲାପାଳ ଲୁହା ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରୀନା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଲୁହା ପୋଷଣଯୁକ୍ତ ଆହାର ଗ୍ରହଣ କରିବା ଦ୍ୱାରା କିପରି ଆମେ ବିଭିନ୍ନ ପ୍ରକାର ରୋଗବ୍ୟାଧିରୁ ମୁକ୍ତ ହୋଇପାରିବା ସେ ବିଷୟରେ ଆଲୋକପାତ କରି ଶିଶୁମାନଙ୍କ ପାଇଁ ମା' କ୍ଷୀର ଅମୃତ ତୁଲ୍ୟ ବୋଲି ପ୍ରକାଶ କରିଥିଲେ। ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ତାଙ୍କ ଉପରେ ହିଁ ଦେଶର ଉନ୍ନତି ଓ ପ୍ରଗତି ନିର୍ଭର କରେ। ତେଣୁ ଶିଶୁମାନଙ୍କ ଜନ୍ମରୁ ଯତ୍ନ ନେବା ନିହାତି ଆବଶ୍ୟକ। ସେଥିପାଇଁ ମା'ମାନଙ୍କୁ ସଚେତନ ତଥା ଜାଗ୍ରତ ହୋଇ ଶିଶୁମାନଙ୍କ ବୟସ ଅନୁପାତରେ ଉପଯୁକ୍ତ ପୃଷ୍ଟିକର ଖାଦ୍ୟ ପ୍ରଦାନ କଲେ ସେମାନେ ସୁସ୍ଥ ରହିବା ସହ ଭବିଷ୍ୟତରେ ଏକ ସୁନାଗରିକ ଭାବେ ଦେଶ ଗଠନରେ ସହାୟକ ହୋଇପାରିବେ। ଏଥିପାଇଁ ପ୍ରକଳ୍ପ ସ୍ତରୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ମା'ମାନଙ୍କୁ ସଚେତନ କରିବା ସହ ଆହୁରି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଅପପୁଷ୍ଟିକୁ ହ୍ରାସ କରିବା ଦିଗରେ ପ୍ରୟାସ ଜାରି ରଖିବାକୁ ବରଗଡ଼ ଜିଲା ସମାଜ ମଙ୍ଗଳ ଅଧିକାରୀ ସାବିତ୍ରୀ କୁମୁରା ପ୍ରକାଶ କରିଥିଲେ। ଆଜିକାଲି ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଖାଦ୍ୟଶସ୍ୟର ପୋଷକତତ୍ତ୍ୱ ଧୀରେ ଧୀରେ କମିଯାଉଛି। ଚାଷ ଜମିରେ ଉର୍ବରତା ହ୍ରାସ ପାଇବାରେ ଲାଗିଛି। ଏହାଦ୍ୱାରା ଆମେ ବିଭିନ୍ନ ପ୍ରକାର ରୋଗର ସମ୍ମୁଖୀନ ହେଉଛୁ। ତେଣୁ ପ୍ରତିବର୍ଷ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ଦିବସରେ ଅନ୍ୟୂନ ଗୋଟିଏ ବୃକ୍ଷରୋପଣ କରି ତାର ଯତ୍ନ ନେବାକୁ ବରଗଡ଼ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ପରିଚାଳକ ଓଡିଶା ମିଲେଟ ମିଶନ ନାରାୟଣ ପାଣିଗ୍ରାହୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ସୁଶ୍ରୀତା ସାହୁ, ପୋଷଣ ପରାମର୍ଶଦାତା ଅଭିଷିକ୍ତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପଦ୍ମପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନାକ୍ଷୀ ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ପୌର ପରିଷଦ ଅଧୀନ ଅଙ୍ଗନୱାଡି କର୍ମୀମାନେ ପୋଷଣ ସଚେତନତା ଆଧାରିତ ଏକ ସଂକୀର୍ତ୍ତନ ପରିବେଷଣ କରିଥିଲେ।

## ବୌଦ୍ଧରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ବୌଦ୍ଧ,୨୭।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲା ପାଠାଗାରଠାରେ ବୁଧବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇ ବିଶ୍ୱ ପର୍ଯ୍ୟଟନ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ ଯୋଗଦେଇ ପର୍ଯ୍ୟଟନ କବିତା ପାଠ କରିବାସହ ନିଜର ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସ୍ୱାଗତ ଭାଷଣ ସହ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

## ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ସଚେତନତା ଶିବିର



ସ୍ୱଳ୍ପ ସଞ୍ଚୟ ସଚେତନତା ଶିବିରରେ ଅତିଥି।

ବୌଦ୍ଧ,୨୭।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାରପ୍ରାପ୍ତ ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିରଞ୍ଚି ଧରୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଡିଓ ମହାପାତ୍ର କୁଳଦୀପ ମହାନ୍ତି, ମୁଖ୍ୟ ବକ୍ତା ଏଲ୍‌ଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା, ସହ ବକ୍ତା ଭାବେ ପୋଷ୍ଟମାଷ୍ଟର ନିଳମଣୀ ପ୍ରଧାନ, ବୌଦ୍ଧ ଏସ୍‌ବିଆଇ ମୁଖ୍ୟ ପରିଚାଳକ ସମ୍ବିତ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକମାନେ ତାଙ୍କର କଷ୍ଟ ଲବ୍ଧ ଧନକୁ ଡାକ ଘରେ କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କରେ ଜମା ରଖି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ। ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧରୁଆ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଅସୁସ୍ଥ କାରାରକ୍ଷୀ ଡାକ୍ତରଖାନାରେ ଭର୍ତ୍ତି

ସୋନପୁର,୨୭।୯(ମୃତ୍ୟୁଞ୍ଜୟ ଶତପଥୀ)



ଅସୁସ୍ଥ କାରାରକ୍ଷୀ ସୁବର୍ଣ୍ଣପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

କାରାରକ୍ଷୀ ଓ ମୁଖ୍ୟ କାରାରକ୍ଷୀଙ୍କ ଆମରଣ ଅନଶନ ଆନ୍ଦୋଳନ ବୁଧବାର ପ୍ରତ୍ୟାହୃତ ହୋଇଛି। କାରା ମହାନିର୍ଦ୍ଦେଶକଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆମରଣ ଅନଶନର ତୃତୀୟ ଦିନରେ କାରାରକ୍ଷୀମାନେ ଆନ୍ଦୋଳନ ପ୍ରତ୍ୟାହାର କରି ନେଇଛନ୍ତି। ତେବେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ ପରିଧାନ କରିବେ ବୋଲି ଜଣାଇଛନ୍ତି। କାରାରକ୍ଷୀମାନେ ସୋମବାରଠାରୁ ଉପବାସ ରହି ନିଜର କାର୍ଯ୍ୟ କରୁଥିଲେ। ବୁଧବାର ସୋନପୁର ଉପକାରାଗାରର ମହିଳା କାରାରକ୍ଷୀ ସସ୍ମିତା ବିଶି, କାରାରକ୍ଷୀ ଦୀପକ ପାଣିଗ୍ରାହୀ, ସୁବ୍ରତ ଆଚାର୍ଯ୍ୟ ଓ ପ୍ରଭାତ ଚନ୍ଦ୍ର ଦାଶ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସରେ ନିଆଯାଇ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସାଲାଇନ ନେବା ପରେ ସମସ୍ତେ ସୁସ୍ଥ ଅଛନ୍ତି। ମଙ୍ଗଳବାର ୨ ଜଣ କାରାରକ୍ଷୀ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ସୂଚନାଯୋଗ୍ୟ ଯେ, ୫ ଦଫା ଦାବି ନେଇ କାରାରକ୍ଷୀମାନେ ସେପ୍ଟେମ୍ବର ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ନିରବ ପ୍ରତିବାଦ କରୁଥିଲେ। ସରକାର ସେମାନଙ୍କ ଦାବି ପୂରଣ ନ କରିବାରୁ ନିଖିଳ ଓଡିଶା କାରା କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ କାରାଗାରରେ କାର୍ଯ୍ୟରତ କାରାରକ୍ଷୀ ମାନେ ଆମରଣ ଅନଶନ କରୁଥିଲେ।

## ହନୁମାନ ବାଟିକାରେ ସଫେଇ କାର୍ଯ୍ୟକ୍ରମ

ଅମରପାଲି,୨୭।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସ୍ୱଚ୍ଛ ଭାରତ ମିଶନ ତରଫରୁ ବୁଧବାର ପଥରଘାଟଠାରେ ଥିବା ହନୁମାନ ବାଟିକାରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ ବ୍ଲକ ମାଷ୍ଟର ଟ୍ରେନରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ଯୋଗଦେଇଥିଲେ। ହନୁମାନ ବାଟିକା ସହିତ ଶନି ମନ୍ଦିର ଦର୍ଶନ ପାଇଁ ଦୈନିକ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ସ୍ଥାନେସ୍ଥାନେ ଅପରିଷ୍କାର ରହିଥିବାରୁ ବ୍ଲକ ସ୍ୱଚ୍ଛଭାରତ ମିଶନ ସହାୟତାରେ ବିଆରସି ଖେଳାନିଧି ପଧାନ, ଏମବିକେ ରେଣୁକା ମହାକୁର, ସିଆରପି ସବିତା ମହାକୁର, ସନ୍ତୋଷିନି ଖୁରା, ଜିପିଏଲଏଫ ସୈରେନ୍ଦ୍ର ଖଣ୍ଡଗିରିଙ୍କ ସହିତ ହିଲୁଙ୍ଗର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୁନଃ ଏକତ୍ରୀକରଣ ଶିବିର



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଅମରପାଲି,୨୭।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକର ବିଭିନ୍ନ ପଞ୍ଚାୟତର ମାନସିକ ଅସୁସ୍ଥ ବ୍ୟକ୍ତି ଓ ସେମାନଙ୍କ ଯତ୍ନକାରୀଙ୍କୁ ନେଇ ପାଞ୍ଚଦିନିଆ ପୁନଃ ଏକତ୍ରୀକରଣ ଶିବିର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସାମାଜିକକର୍ମୀ ରାଜିବ କର୍ମୀ, ସ୍ୱେଚ୍ଛାସେବୀ ଭି.ସୁଜାତା, ଜିଲା ମାନସିକ ସାସ୍ଥ୍ୟ ୟୁନିଟର ଶିବ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ବିଶ୍ୱାମର ସାହୁ ପରିଚାଳନା କରିଥିଲେ। ଏହି ଆବାସିକ ତାଲିମ କାର୍ଯ୍ୟକ୍ରମରେ ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ଜୀବନ ଜୀବିକା, ଦୈନନ୍ଦିନ ଜୀବନରେ ହେଉଥିବା ଅସୁବିଧା, ସେମାନେ ଭୁଲିଯାଇଥିବା ବିଭିନ୍ନ କାର୍ଯ୍ୟକୁ କିପରି ମନେ ପକାଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ସେ ବିଷୟରେ ତାଲିମ ଦିଆଯିବ। ଏହି କାର୍ଯ୍ୟକ୍ରମରେ ମିତ୍ରଭାନୁ ମଲିକ ଓ ସୁଦାମ ଗାଇଗରିଆ ସହଯୋଗ କରିଥିଲେ।

# ମେରା ମିଟି ମେରା ଦେଶ୍ କାର୍ଯ୍ୟକ୍ରମ



ମାଟି ସଂଗ୍ରହ ଅଭିଯାନରେ ବାହାରିଥିବା ଭାଜପା ନେତା ଓ କର୍ମୀ।

ତରଭା,୨୭।୯(ମାନଭଞ୍ଜନ ମିଶ୍ର)

ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଅମୃତ ଉଦ୍ୟାନ ପାଇଁ ଭାଜପା ତରଫରୁ ମେରା ମିଟି ମେରା ଦେଶ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦେଶର ପ୍ରତ୍ୟେକ ଗ୍ରାମ ଓ ସହରରୁ ମାଟି ସଂଗ୍ରହ କରି ରାଜଧାନୀକୁ ପଠାଇବାର ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ତରଭାରେ ଏହି କାର୍ଯ୍ୟକ୍ରମ କରିଛନ୍ତି। ସେମାନେ ପେଟ୍ରୋଲ ପମ୍ପ ସମ୍ମୁଖରୁ ଜାତୀୟ ପତାକା ଧରି ସହରର ନୁଆଁପଡା,ଶିବଶଙ୍କର ପଡା, ହାଟପଦାପଡା,ଦୁର୍ଗାମଣ୍ଡପ ଛକ, ଡାକ୍ତରଖାନା, ଥାନା, ମାରୱାଡିପଡା, ସୁନାରୀପଡା, ମେହେରପଡା, ରଥପଡା ପରିକ୍ରମା କରିଥିଲେ। ସହର ପରିକ୍ରମା ସମୟରେ ରାସ୍ତାର ଉଭୟ ପାର୍ଶରେ ଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରୁ ମାଟି ମାଗି କଳସରେ ସଂଗ୍ରହ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଗଙ୍ଗାଧର ମେହେର ପାର୍କରେ ସମସ୍ତେ ଏକଜୁଟ ହୋଇ ଦେଶ ମାତୃକାର ସେବା କରିବା ପାଇଁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ରାମନାରାୟଣ ବେଜ, ସୁରେଶ ମହଲା, ପୁରୁଷୋତ୍ତମ ମେହେର, ସୁବାଷ ଚନ୍ଦ୍ର ସାହୁ, ମୁଚୁରାମ ମେଣ୍ଡିଲି, କଲ୍ୟାଣ ନାଏକ, ମନୋଜ ନାଏକ, ହେମକାନ୍ତ ବିଶ ପ୍ରମୁଖ ସାମିଲ ଥିଲେ।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୨୭।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମଣ୍ଡଳ ଅନ୍ତର୍ଗତ ଚିନାଜୁରୀ ଗାଁରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସୈନିକ ରବି ମହାକୁରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ ଓ ଗ୍ରାମବାସୀ ଘର ଘର ବୁଲି ମାଟି ସଂଗ୍ରହ କରିଥିଲେ। ଭାରତ ମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟା ଅର୍ପଣ ପରେ ତ୍ରିରଙ୍ଗା ଝଣ୍ଡା ଧରି ଶୋଭାଯାତ୍ରା ବାହାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ନୀତେଇ ପାଲ, ରାଜେଶ ସେଠ, ରାତୁ ସେଠ, ସତ୍ୟନାରାୟଣ ସେଠ, କିଶୋର ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ରେମଣ୍ଡା ଦୁର୍ଗାପୂଜା ଶୁଭସ୍ତମ୍ଭ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ଭେଡ଼େନ,୨୭।୯(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡାରେ ହେବାକୁ ଥିବା ଦୁର୍ଗାପୂଜା ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଶୁକଦେବ ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କମିଟି ସଭାପତି ଲିଙ୍ଗରାଜ ନାୟକ, ସମ୍ପାଦକ ଉଦ୍ଧବ ସାହୁ, କୋଷାଧକ୍ଷ ସୁଦାମ ଚରଣ ସାହୁ, ଉପଦେଷ୍ଟା ପ୍ରଦୀପ ଶତପଥୀ, ହେମନ୍ତ ନାୟକ, ନୀଳୁ ଶତପଥୀ, ଶମ୍ଭୁ ଦେହେରି, କୈଳାଶ ଚୌଧୁରୀ, ଜିତୁ ପଟେଲ, ଚୈତନ୍ୟ ବଡେଇ, ମଣ୍ଟୁ ଶତପଥିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତ୍ୟୁକୁ ନେଇ ଥାନା ଘେରାଉ

ବରଗଡ,୨୭।୯(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ବିଜେପୁର ଗଙ୍ଗାଧର ଜଳ ପ୍ରକଳ୍ପ କାର୍ଯ୍ୟାଳୟ କୋଠା ନିର୍ମାଣରେ ମିସ୍ତ୍ରି ଭାବେ ନିୟୋଜିତ ଥିବା ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ବୁଧବାର ପୂର୍ବାହ୍ନରେ ଶତାଧିକ ମହିଳା ତଥା ସ୍ଥାନୀୟ ଲୋକେ ବିଜେପୁର ଥାନା ଘେରାଉ କରିଥିଲେ। ମୃତ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନା ଅନୁସାରେ, ବରଗଡ଼ ଜିଲା ବିଜେପୁର ଜମିଦାର ପାର ବିକାଶ ଭୋଇ(୩୦) ଗଙ୍ଗାଧର ଜଳ ପ୍ରକଳ୍ପ କାର୍ଯ୍ୟାଳୟ କୋଠା ନିର୍ମାଣରେ ମିସ୍ତ୍ରି ଭାବେ କାମ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବିଜେପୁର ନିକଟ ଏକ ନାଳ ପାଖରେ ତାଙ୍କ ମୃତଦେହ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଗାଁକୁ ଫେରିବା ବାଟରେ ଲୋକେ ଥାନା ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ।



ବିଜେପୁର ଥାନା ଘେରାଉ କରାଯାଇଛି।

# ଜିଲାପାଳ କାର୍ଯ୍ୟାଳୟ ଘେରିଲେ ଚାଷୀ

**ଜଳ ବିଭାଜିକା ସମିତି ବିରୋଧରେ ଦୁର୍ନୀତି ଅଭିଯୋଗ**

ବୌଦ୍ଧ,୨୭।୯(ଅଜିତ କୁମାର ବାରିକ)



ଚାଷୀମାନେ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରୁଛନ୍ତି।

ବୌଦ୍ଧ ଜିଲା କଣ୍ଟମାଳ ବ୍ଲକ ଖମନମୁଣ୍ଡା ଗ୍ରାମର ମା' କୈଳାସୀ ଦେବୀ ଜଳ ବିଭାଜିକା ସମିତି ଅଧୀନରେ ଥିବା ଚାଷୀମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ପଦକ୍ଷେପ ନେଇ ନ ଥିବା ଅଭିଯୋଗ କରିଛନ୍ତି। ବୁଧବାର ୭ ଗୋଟି ଗାଁର ଚାଷୀମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଞ୍ଚିତ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ, ମା' କୈଳାସୀ ଦେବୀ ଜଳ ବିଭାଜିକା ସମିତି ପୁନର୍ଗଠନ ଦାବି କରିଥିଲେ। ଦାବିପତ୍ର ଦେବା ସମୟରେ ସାମାଜିକ କର୍ମୀ କେଦାର ସାହୁ, ଚାଷୀ ସହଦେବ କର୍ମୀ, କାର୍ତ୍ତିକ ଭୋଇ, ସ୍ୱାଧୀନ କର୍ଣ୍ଣ, ଅଗସ୍ତି ବାଘ, ସୁରେଶ ପ୍ରଧାନଙ୍କ ସମେତ ବହୁ ଚାଷୀ ସାମିଲ ଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**କୁଆଁରମୁଣ୍ଡା,୨୭ା୯(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ରେଳଷ୍ଟେସନ ଛକ ନିକଟରେ ଏକ ଟ୍ରକ ଧକ୍କାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ବାଇକ୍ ଚାଳକ ସାଇବୁ ମିଞ୍ଜ(୨୪)ଙ୍କର ବୁଧବାର ଅପରାହ୍ନରେ ମୃତ୍ୟୁ ହୋଇଯାଇଛି। ପୋଲିସ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସାଇବୁଙ୍କ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଦୁର୍ଘଟଣା ଗତ ରବିବାର ସନ୍ଧ୍ୟାରେ ଘଟିଥିଲା। ପୋଲିସ ଦୁର୍ଘଟଣା ଘଟାଇ ଥିବା ଟ୍ରକକୁ ଜବତ କରିଥିବା ଜଣାଯାଇଛି।

### ଘର ଅଗଣାରେ ଖାଉଥିବାବେଳେ ଡକାୟତି: ଛୁରି ଦେଖାଇ ସୁନାଚେନ, କାନଫୁଲ ଲୁଟ୍

**କୁଆଁରମୁଣ୍ଡା,୨୭ା୯(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଝାରବେଡ଼ା ପଞ୍ଚାୟତର କର୍ମାବାହାଲ ଗ୍ରାମର ଫଣିନ୍ଦ୍ର ସାହୁଙ୍କ ଘରେ ମଙ୍ଗଳବାର ସନ୍ଧ୍ୟାରେ ୪ ଜଣ ହେଲମେଟ ପିନ୍ଧିଥିବା ଯୁବକ ବାଇକ୍‌ରେ ଆସି ଘରେ ପଶିଥିଲେ। ଏହି ସମୟରେ ଫଣିନ୍ଦ୍ର ଓ ତାଙ୍କ ପରିବାର ଘର ଅଗଣାରେ ବସି ଖାଉଥିଲେ। ୪ ଦୁର୍ବୃତ୍ତ ପରିବାର ଲୋକଙ୍କୁ ଭୟଭୀତ କରି ୧ଟି ସୁନା ଚେନ ଓ ସୁନା ଫୁଲ ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ବୁଧବାର ଫଣିନ୍ଦ୍ର କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ



**ବଣାଇଁ, ୨୭ା୯(ପ୍ରଦୀପ ତ୍ରିପାଠୀ):** ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ଫୁଲଝର ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡକ୍ଟର ଭବାନୀ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇଁ ଆଇଟିଡିଏ ସ୍ପେଶାଲ ଅଫିସର ପ୍ରମୋଦ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲହୁଣିପଡ଼ା ବ୍ଲକ ଏବିଇଓ, ସିଆରସିସି ହରି ପ୍ରସାଦ ଜେନା, ବିଦ୍ୟାଳୟର ପିଟିଏ ସଭାପତି ଦୋଳଗୋବିନ୍ଦ ବାରିକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ସମ୍ପର୍କରେ ଆମେ ଜାଣିବା ଆମେ ଜିଣିବା ବିଷୟରେ ଉପସ୍ଥିତ ଅଭିଭାବିକା ଅଭିଭାବକମାନଙ୍କୁ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ଅଭିଭାଷଣ ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଏସ୍‌ୟୁସିଆଇ ତରଫରୁ ରାଜଗାଙ୍ଗପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଏସ୍‌ୟୁସିଆଇର ବ୍ଲକ ସମ୍ମୁଖରେ ବିକ୍ଷୋଭ

### ବିଭିନ୍ନ ଦାବି ନେଇ ବିଡିଓଙ୍କୁ ସ୍ମାରକପତ୍ର

**ରାଜଗାଙ୍ଗପୁର,୨୭ା୯(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଏସ୍‌ୟୁସିଆଇ (ସି) ତରଫରୁ ବୁଧବାର ବିଭିନ୍ନ ଦାବି ନେଇ ରାଜଗାଙ୍ଗପୁର ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ କରାଯାଇଛି। ଏସ୍‌ୟୁସିଆଇ ସମ୍ପାଦକ ଲେଲିନ ଟେଟେଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହିତ ବିଡିଓଙ୍କୁ ୨୩ ଦଫା ଦାବି ବିଶିଷ୍ଟ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ସ୍ମାରକପତ୍ରରେ ମୁଖ୍ୟତଃ ବ୍ଲକର ମାଲିଡିହିରୁ ବାହିଆମ ଓ ମାଲିଡିହିରୁ ବୁଢାମ ପର୍ଯ୍ୟନ୍ତ ଆରଡି ରାସ୍ତାକୁ ତୁରନ୍ତ ମରାମତି ସହ କଂକ୍ରିଟ କରି ଗମନାଗମନକୁ ସୁରକ୍ଷିତ କରାଯିବା, ବ୍ଲକର ସମସ୍ତ ହିତାଧିକାରୀଙ୍କୁ ନୂତନ ରାଶନକାର୍ଡ ଯୋଗାଇବା ସହିତ ରାଶନ କାର୍ଡରେ ନୂତନ ନାମ ମାନ ସଂଯୋଗ କରାଯିବା, ଭତ୍ତା ୫୦୦ ପରିବର୍ତ୍ତେ ୫୦୦୦ ଟଙ୍କା କରିବା, ବ୍ଲକର ବିଭିନ୍ନ ଅଞ୍ଚଳରେ ଶୀତଳ ଭଣ୍ଡାର ତିଆରି କରିବା, ମଦ ଲାଇସେନ୍ସ ବନ୍ଦ କରି ମଦ ଦୋକାନ ଅଫିମ ଗଞ୍ଜେଇ ଜୁଆଖେଳ ଇତ୍ୟାଦ ବନ୍ଦ କରିବା ଭଳି ବିଭିନ୍ନ ଦାବି ରହିଛି। ଏହି କାର୍ଯ୍ୟକ୍ରମରେ ସଂଘର ଜଷ୍ଟିନ ଲୁଗୁନ, ରାଜୁ ଖାଖା, ଲିଓନି ତିର୍କୀ, ସାଲିମା କେରକେଟା ପ୍ରମୁଖଙ୍କ ସହ ଅନ୍ୟମାନେ ରହିଥିଲେ।

### ଏସ୍‌ୟୁସିଆଇ ପକ୍ଷରୁ ବିଡିଓ, ତହସିଲଦାରଙ୍କୁ ଦାବିପତ୍ର

**କୁଆଁରମୁଣ୍ଡା,୨୭ା୯(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ବ୍ଲକ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବୁଧବାର ବିଭିନ୍ନ ସମସ୍ୟା ନେଇ ବିଡ଼ିଓ, ତହସିଲଦାର ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସମସ୍ୟା ବିଶେଷ କରି ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ନିତ୍ୟ ବ୍ୟବହାର ସାମଗ୍ରୀ, ଔଷଧ ଇତ୍ୟାଦିର ଦରବୃଦ୍ଧି, ବିଦ୍ୟୁତ୍ କାଟ ଇତ୍ୟାଦି ବିଷୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ପ୍ରତିକାର ପାଇଁ ଦାବି କରାଯାଇଛି। ଏସ୍‌ୟୁ ସିଆଇ କୁଆଁରମୁଣ୍ଡା ଶାଖା ସଂଯୋଜକ ସୁବାସ ଦଣ୍ଡପାଟଙ୍କ ନେତୃତ୍ୱରେ କାମିଲ ଟେଟେ, ମାଇକେଲ କୁଲୁ, ଜଗତ ରଣା, ଶୁକ୍ର ଖାଖା, ଏଲିସବା ମିଞ୍ଜ, ଟେରେଶାବା ମିଞ୍ଜ ପ୍ରମୁଖଙ୍କ ସହ ବହୁ ସ୍ଥାନୀୟ ଅଧିବାସୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।



କୁଆଁରମୁଣ୍ଡା ବ୍ଲକରେ ବିଭିନ୍ନ ଦାବି ନେଇ ଏସ୍‌ୟୁ ସିଆଇ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା

**ସୁନ୍ଦରଗଡ,୨୭ା୯(ଜୟନାରାୟଣ ମେଣ୍ଟୁଲି)**

**ସ୍କୁଟି ଆରୋହୀ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଗିରିଙ୍ଗକେଲାଠାରେ ବୁଧବାର ଏକ ବାଇକ୍ ଏବଂ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟି ଆରୋହୀ ଜଣେ ସ୍କୁଲ ଶିକ୍ଷୟିତ୍ରୀ ସୁନିମା ପଟେଲ (୫୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଲେଫ୍ରିପଡାରେ। ସେ ବୈରାଗୀ ବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସକାଳ ପ୍ରାୟ ୧୦ଟାବେଳେ ସେ ସ୍କୁଟି ଓଡି ୧୬ ଏଚ ୧୮୫୫ ନମ୍ବର ଯୋଗେ ଲେଫ୍ରିପଡାରୁ ବୈରାଗୀ ବାହାଲ ବିଦ୍ୟାଳୟକୁ ଯାଉଥିଲେ। ଏହି ସମୟରେ ଗିରିଙ୍ଗକେଲା ରାସ୍ତାରେ ସମ୍ମୁଖରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଶିକ୍ଷୟିତ୍ରୀଙ୍କ ସହ ବାଇକ୍ ଚାଳକ ଉଭୟେ ତଳେ ଛିଟିକି ପଡିଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ଶିକ୍ଷୟିତ୍ରୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ବାଇକ୍ ଆରୋହୀ ଜଣକ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଗଣେଶ ଯାଦବ(୨୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି।

# ସ୍ୱଚ୍ଛତା ହିଁ ସେବା ନେଇ ସଚେତନତା ଶୋଭାଯାତ୍ରା

**ବଣାଇଁ, ୨୭ା୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁଗଡ଼ ମହାବିଦ୍ୟାଳୟରେ ବୁଧବାର 'ସ୍ୱଚ୍ଛତା ହିଁ ସେବା' ଉପରେ ଏକ ସଚେତନତା ଶୋଭାଯାତ୍ରା ଛାତ୍ରୀଛାତ୍ରଙ୍କଦ୍ୱାରା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଓ ଯୁଥ ରେଡକ୍ରସ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ୱଚ୍ଛତା ହିଁ ସେବା ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ କ୍ରମେ ସମବେତ ଛାତ୍ରୀଛାତ୍ର ପ୍ରଥମେ ବଣାଇଁଗଡ଼ ମହାବିଦ୍ୟାଳୟର ଚତୁଃପାର୍ଶ୍ୱରେ ଥିବା ଅଳିଆଆବର୍ଜନା ସଫା କରିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବଣାଇଁ ସହର ପରିକ୍ରମା କରିଥିଲେ। ଅଧକ୍ଷ ଜେନାମଣି ସାହୁଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆୟୋଜିତ ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ ଯଥା ଜନସାଧାରଣ ନିଜ ପରିବେଶକୁ ସଫା ସୁତୁରା ରଖିଲେ କିଭଳି ଲାଭ ପାଇବେ ଇତ୍ୟାଦି ଦେଇ ପ୍ଲାକାର୍ଡ ଧରି ସଚେତନତା ସୃଷ୍ଟି କରିଥିଲେ। ବଣାଇଗଡ ମହାବିଦ୍ୟାଳୟରୁ ବାହାରି ଛାତ୍ରୀଛାତ୍ର ବ୍ଲକଛକ, କଚେରୀ ଛକ, ବସଷ୍ଟାଣ୍ଡ ଅଞ୍ଚଳରେ ବୁଲିବୁଲି ଜନସାଧାରଣଙ୍କୁ ସଚେତନ କରୁଥିବା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଡକ୍ରସର ହେମନ୍ତ ବାଡ଼ା, ଜାତୀୟ ସେବା ସଂସ୍ଥାର ବିଜୟ କୁମାର ବେହେରା, ମହାବିଦ୍ୟାଳୟ ଅଧ୍ୟାପକ ପ୍ରେମ ସାଗର ମାହାନ୍ତ, ଅଧ୍ୟାପିକା ମାଦ୍ରିତା ବାଗ ପ୍ରମୁଖ ସହଯୋଗ କରି ଛାତ୍ରୀଛାତ୍ରଙ୍କ ମନୋବଳ ବଢାଇଥିଲେ। ସୂଚନାଯୋଗ୍ୟ ଯେ, ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟଗୁଡିକୁ ଛାତ୍ରୀଛାତ୍ରଙ୍କ ଜରିଆରେ ଏଭଳି ସଚେତନତା ବାର୍ତ୍ତା ଗାନ୍ଧିଜୟନ୍ତୀର ଅବ୍ୟବହିତ ପୂର୍ବରୁ ପ୍ରଚାର ଓ ପ୍ରସାର ନେଇ ଦେଇଥିବା ନିର୍ଦ୍ଦେଶ କ୍ରମେ ଏତାଦୃଶ ସଚେତନତା ରାଲି ଆୟୋଜିତ କରାଯାଇଥିବା ଜଣାପଡିଛି।



ମହାବିଦ୍ୟାଳୟର ଚତୁଃପାର୍ଶ୍ୱରେ ଥିବା ଅଳିଆଆବର୍ଜନା ସଫା କରାଯାଉଛି।

# କୃଷି ଋଣ କରାଇ ସାଢ଼େ ୪ ଲକ୍ଷ ଠକେଇ ଅଭିଯୋଗ

**ବଡ଼ଗାଁ, ୨୭ା୯(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ନିକଟ ଭଙ୍ଗାମୁଣ୍ଡା ଗ୍ରାମର ଜଣେ କବାଡିବାଲାଙ୍କୁ କୃଷି ଋଣ କରାଇ ଜଣେ କ୍ରାଫ୍ଟ ବ୍ୟବସାୟୀ ସମସ୍ତ ଟଙ୍କା ନେଇଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଜରଙ୍ଗଲୋଇ ଗ୍ରାମର ଶଙ୍କର ଜୟପୂରିଆ ଲୁହା, ଟିଣ, କାଗଜ କିଣି ଓ ସଂଗ୍ରହ କରି ପରିବାର ପ୍ରତିପୋଷଣ କରନ୍ତି। ୨୦୧୪ ମସିହାରେ ତାଙ୍କ ବଡ଼ପୁଅଙ୍କ ମୃତ୍ୟୁ ପରେ ଆର୍ଥିକ ସ୍ଥିତି ଖରାପ ହୋଇଯାଇଥିଲା। ତେଣୁ ଋଣ କରିବାକୁ ଇଚ୍ଛା କରିଥିଲେ। ଶଙ୍କର ଟିଣ କାଗଜ ଆଦିକୁ ସୁନ୍ଦରଗଡ, ଲୁହୁରାଡିପାରେ ଯେଉଁ କ୍ରାଫ୍ଟ ବ୍ୟବସାୟୀଙ୍କୁ ଦେଉଥିଲେ ସେହି ବ୍ୟବସାୟୀ ଶଙ୍କରଙ୍କୁ କୃଷି ଋଣ କରିଦେବେ କହି କେତେକ କାଗଜପତ୍ରରେ ହସ୍ତଖତ ନେଇଥିଲେ। କିଛି ମାସ ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟବସାୟୀ ଋଣ ହୋଇଯିବ କହିଥିଲେ ମଧ୍ୟ ବିଳମ୍ବ ହେବାରୁ ସେ ଋଣ ହୋଇ ନ ଥିବା ଜାଣିଥିଲେ। ଗତ ସପ୍ତାହ କାନାରା ବ୍ୟାଙ୍କ ସୁନ୍ଦରଗଡ଼ରୁ ୪ ଲକ୍ଷ ୭୬ ହଜାର ଟଙ୍କା ପରିଶୋଧ ପାଇଁ ଓକିଲ ନୋଟିସ ଶଙ୍କରଙ୍କୁ ହୋଇଛି। କିଛି ବର୍ଷ ହେଲା ଉପକୂଳର ସମ୍ପୃକ୍ତ ବ୍ୟବସାୟୀ ସୁନ୍ଦରଗଡ ଛାଡ଼ି କୁଆଡେ ଚାଲିଯାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଶଙ୍କରଙ୍କୁ ବ୍ୟାଙ୍କ୍ ପାସବୁକ ଅପଡେଟ କରି ଆଣିବାକୁ କହିଥିବା ଜଣାପଡିଛି।

# ଦୋକାନର ଶଟର ଭାଙ୍ଗିଲା, ଅଳ୍ପକେ ବର୍ତ୍ତିଲେ ଦୋକାନୀ

**ହେମଗିର,୨୭ା୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ସ୍ଥିତ ମାର୍କେଟ କମ୍ପ୍ଲେକ୍ସର ସଟର ଭାଙ୍ଗି ଯାଇଥିବାବେଳେ ଅଳ୍ପକେ ଦୋକାନୀ ବର୍ତ୍ତିଯାଇଛନ୍ତି। ବୁଧବାର ସକାଳ ୯ଟାରେ ବ୍ଲକ ଅଫିସ ସମ୍ମୁଖରେ ଥିବା ୧ନମ୍ବର ଦୋକାନରେ ତଶାନନ୍ଦ ନେଗି ବସିଥିବା ସମୟରେ ସଟରଟି ହଠାତ ଭାଙ୍ଗି ପଡିଥିଲା। ଭାଙ୍ଗିବାର ଶବ୍ଦ ଶୁଣି ତଶାନନ୍ଦ ଦୋକାନରୁ ବାହାରି ଆସିଥିଲେ। ଦୋକାନ ଗୃହକୁ ମାତ୍ର ୩ବର୍ଷ ହୋଇଥିବାବେଳେ ନିମ୍ନମାନର କାମ ଯୋଗୁ ସଟରଟି ଭାଙ୍ଗି ଯାଇଥିବାର ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ନିର୍ମାଣ ହୋଇଥିବା ଅନ୍ୟ ଦୋକାନ ଗୃହଗୁଡ଼ିକରେ ମଧ୍ୟ ସଟର ଭାଙ୍ଗିବାର ଆଶଙ୍କା ଦେଖାଦେଇଛି।

# ନାଳରେ ଭାସିଯାଇଥିବା ବୃଦ୍ଧଙ୍କ ମୃତଦେହ ଜବତ

**ରାଜଗାଙ୍ଗପୁର, ୨୭ା୯ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବାହିୟାମ ଗ୍ରାମ ନାଳରେ ଭାସିଯାଇଥିବା ବୃଦ୍ଧ ହେରମନ କୁଲୁ(୬୦)ଙ୍କ ମୃତଦେହକୁ ବୁଧବାର ଗ୍ରାମବାସୀ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଛନ୍ତି। ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଜବତକରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ହେରମନ ଘୁଷୁରୀ ଚରାଉ ଥିବା ସମୟରେ ବାହିୟାମ ଗ୍ରାମ ଦେଇ ଯାଇଥିବା ବଡ଼ ନାଳର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଭାସିଥିବା ସ୍ଥାନରୁ ପ୍ରାୟ ୧୦୦ ମିଟର ଦୂରରେ ମୃତଦେହ ନାଳ ପାଣିରୁ ଉଦ୍ଧାର କରାଯାଇଛି।

# ପୋଖରୀରୁ ବୃଦ୍ଧାଙ୍କ ମୃତଦେହ ମିଳିଲା

**ବଡ଼ଗାଁ, ୨୭ା୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ନିକଟ ଝାରମୁଣ୍ଡା ଗ୍ରାମର ପୋଖରୀରୁ ବୁଧବାର ସକାଳେ ଜଣେ ବୃଦ୍ଧାଙ୍କ ମୃତ ଦେହକୁ ପୋଲିସ ଉଦ୍ଧାର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରୁ ଏହି ଗ୍ରାମର କୁମାର ମାହାରଙ୍କ ସ୍ତ୍ରୀ ଦ୍ରୌପଦୀ (୭୦) ଘରକୁ ଫେରି ନ ଥିଲେ। ତାଙ୍କୁ ପରିବାର ଲୋକେ ଖୋଜି ପାଇ ନ ଥିଲେ। ବୁଧବାର ସକାଳୁ ତାଙ୍କ ମୃତଶରୀର ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ।

# ରାଜ୍ୟ ସରକାର ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି: ଶରତ

### ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ

**ସୁନ୍ଦରଗଡ଼,୨୭ା୯(ଜୟନାରାୟଣ ମେଣ୍ଟୁଲି)**



ରାଜ୍ୟର କ୍ଷମତାସୀନ ୨୪ବର୍ଷର ବିଜେଡି ସରକାର ପ୍ରତ୍ୟେକ ବର୍ଷ ୨ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ଘୋଷଣା କରିଥିଲେ। ହେଲେ ସଚିବାଳୟରେ ବହୁ ପଦବୀ ଖାଲି ପଡିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟ ସରକାର ଓଡିଶାର ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ବୁଧବାର ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ଜିଲା କଂଗ୍ରେସ କମିଟିର କର୍ମୀ ସମ୍ମିଳନୀରେ ଯୋଗଦେଇ ପଟ୍ଟନାୟକ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତାକୁ ନେଇ ସମାଲୋଚନା କରିଥିଲେ। ମହିଳା ସଶକ୍ତିକରଣ କଥା କହୁଥିବା କ୍ଷମତାସୀନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶାସନ ମଧ୍ୟରେ ମହିଳାମାନେ ଅଧିକ ନିର୍ଯାତିତ ହୋଇଛନ୍ତି। ମଣିପୁର ହିଂସାରେ ମୁହଁ ନ ଖୋଲିବା ଏବଂ ସୁନ୍ଦରଗଡ଼ର ଜଣେ ଆଦିବାସୀ ଅଫିସରଙ୍କ ମୃତ୍ୟୁ ଘଟଣାକୁ ଭିନ୍ନ ରୂପ ଦିଆଯାଇ ପ୍ରକୃତ କାରଣ ଚପାଇ ଦିଆଯିବାକୁ ଉଦ୍ୟମ ଚାଲିଛି ବୋଲି ଅଭିଯୋଗ କରିଥିଲେ। ବୁଥ୍‌ସ୍ତରରୁ ଦଳୀୟ ସଙ୍ଗଠନକୁ ମଜଭୁତ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସେପ୍ଟେମ୍ବର ୨୫ରୁ ଆରମ୍ଭ ହୋଇଥିବା ପଦଯାତ୍ରା ସମ୍ପର୍କରେ ତଥା ଆସନ୍ତା ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ ଯୋଗଦେଇ କଂଗ୍ରେସ କିଭଳି ପୁଣିଥରେ କ୍ଷମତାକୁ ଫେରିବ ସେ ନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ବରିଷ୍ଠ ନେତୃବୃନ୍ଦ ନିମାଇଁ ନାଏକ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ରାଜକିଶୋର ଷଡଙ୍ଗୀ, ପିସିସି ଇସ୍ତାହାର କମିଟିର ସଦସ୍ୟ ବେଣୁମାଧବ ତ୍ରିପାଠୀ, ସରୋଜିନୀ ବାଙ୍କରା, ଦେବସ୍ମିତା ସାମଲ, ପ୍ରଫୁଲ୍ଲ ସୁନ୍ୟାନୀ, ପ୍ରବୋଧ ତିର୍କୀ ପ୍ରମୁଖ ଦଳର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ଏହି ବୈଠକରେ ବିଜେଡ଼ି ଓ ଭାଜପାର ଶତାଧିକ କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗ ଦେଇଥିଲେ।

# ପର୍ଯ୍ୟଟନ ସାଂସ୍କୃତିକ ପ୍ରଜ୍ଞାପନର ଶ୍ରେଷ୍ଠ ମାଧ୍ୟମ




ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଛାତ୍ରୀ।

**ସୁନ୍ଦରଗଡ଼,୨୭ା୯(ଜୟନାରାୟଣ ମେଣ୍ଟୁଲି)**

### ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ପର୍ଯ୍ୟଟନ ଦିବସ

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ ବୁଧବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. କୁମୁଦିନୀ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ପର୍ଯ୍ୟଟନ ଦିବସର ତାତ୍ପର୍ଯ୍ୟ, ପ୍ରାଚୀନ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ପର୍ଯ୍ୟଟନର ବିସ୍ତୃତି ସମଗ୍ର ବିଶ୍ୱ ପର୍ଯ୍ୟଟନ ମାଧ୍ୟମରେ ପରସ୍ପରର ଐତିହ୍ୟ, କଳା, ସଂସ୍କୃତି ସମ୍ପର୍କରେ ପରିଚିତ ହୋଇଥାଏ ବୋଲି କହିଥିଲେ। ପର୍ଯ୍ୟଟନ ସାଂସ୍କୃତିକ ପ୍ରଜ୍ଞାପନର ଶ୍ରେଷ୍ଠ ମାଧ୍ୟମ ବୋଲି ସେ କହିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.ଇନ୍ଦିରା ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ କଳିଙ୍ଗର ନୌ-ବାଣିଜ୍ୟ ପରମ୍ପରା ପର୍ଯ୍ୟଟନକୁ ଗୁଢ଼ିମନ୍ତ କରିବା ସହ ମହାନ ଭାରତୀୟ ବୈଦିକ ସଂସ୍କୃତିର ବସୁଧୈବ କୁଟୁମ୍ବକମ୍, ଅତିଥି ଦେବୋ ଭବଃ ବାଣୀକୁ ସାର୍ଥକ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ନୀଳିମା ଭିଡ୍ରିଆ ଓଡିଶାର ପର୍ଯ୍ୟଟନ ଐତିହ୍ୟ, ସୁନ୍ଦରଗଡ଼ ଜିଲାର ପ୍ରାକୃତିକ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ ପର୍ଯ୍ୟଟନର ବିଭିନ୍ନ ବିଭବ, ପର୍ଯ୍ୟଟନ ମାଧ୍ୟମରେ ଲୋକକଳା, ଲୋକ ସଂସ୍କୃତି ଓ ଖାଦ୍ୟ ସଂସ୍କୃତି ପରିବ୍ୟାପ୍ତ ହୋଇ ଜ୍ଞାନ ଆହରଣରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅଧ୍ୟାପକ ହରିହର ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧ୍ୟାପିକା ସୌଗନ୍ଧିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଇତିହାସ ବିଭାଗର ଛାତ୍ରୀ ମୋନାଲି ଆଚାର୍ଯ୍ୟ, ଶିବାନୀ ମହାକୁଲ, ଜାଗ୍ରୁତୀ ଭୋଇ, ନୈନା ପ୍ରମୁଖ ଭାରତୀୟ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ।

## ବରଗାଁଠାରେ ଆମ ପୋଲିସ ସମିତି ବୈଠକ

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ବରଗାଁ ପଞ୍ଚାୟତ ସଭା ଗୃହଠାରେ ଆମ ପୋଲିସ ସମିତି ବୈଠକ ଥାନାଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଓ ଜନସାଧାରଣ ସମନ୍ୱୟ ରକ୍ଷାକରିବା, ବାଲ୍ୟ ବିବାହ ବନ୍ଦ, ଦାଦନ ଚାଲାଣ ବନ୍ଦ ଓ ଗାଡି ଚାଳନା ନିୟମ ପାଳନ ଉପରେ ଆଲେଚନା ହୋଇଥିଲା। ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ଭଦ୍ର ସନାତନ ପଟେଲ, ଦେବେନ୍ଦ୍ର ମୁଣ୍ଡ, ଏସଆଇ କ୍ଷୀରୋଦ ବାଗ, ରାଜେଶ ଅଗସ୍ତିଙ୍କ ସମେତ ପୋଲିସ କର୍ମଚାରୀ ଓ ଗ୍ରାମବାସୀ ସାମିଲ ହୋଇଥିଲେ।

### ସଂକ୍ଷେପରେ

## ସବ୍‌ଡିଭିଜନସ୍ତରୀୟ ଭାରତୀୟ ଡାକ ମେଳା

ରୁପ୍ରାରୋଡ୍,୨୭।୯(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବାଗପୁର ଏସଜିଆଇ ଅନ୍ତର୍ଜାତୀୟ ସ୍କୁଲ ପ୍ରାଙ୍ଗଣରେ ସବଡିଭିଜନସ୍ତରୀୟ ଭାରତୀୟ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ବାଗପୁର ପଞ୍ଚାୟତବାସୀ ଉଭୟ ପୁରଷ ଓ ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଡାକ ସେବା ଅଧିକାରୀମାନେ ଲୋକମାନଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନା, ମହିଳା ସମ୍ମାନ ସମୃଦ୍ଧି ଯୋଜନା, କିଷାନ ବିକାଶ ପତ୍ର, ଜମାଖାତା, ଟିଡି ଜମାରାଶି, ଡାକ ଜୀବନବୀମା ଆଦି ଉପରେ ବୁଝାଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ଲିଲି ଦୀପ ଜୋନ ୩, ଶିକ୍ଷାବିତ୍ ଖିତିଶ ଚନ୍ଦ୍ର ନାୟକ, ଭବାନୀପାଟଣା ସବ୍‌ଡିଭିଜନ ଡାକ ବିଭାଗ ଏଏସପି ବିଜୟ କୁମାର୍ ପଟ୍ଟନାୟକ, ଡାକ ବିଭାଗ ଓଭରସିଅର ଖୁସିରାମ ମାଝି ପ୍ରମୁଖ ଯୋଗଦେଇ ଡାକ ବିଭାଗ ଯୋଜନା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ।

## ବରିଷ୍ଠ ନାଗରିକଙ୍କ ନୂତନ ଗୃହ ଉଦ୍‌ଘାଟିତ

ଖଡ଼ିଆଳ,୨୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ବରିଷ୍ଠ ନାଗରିକଙ୍କ ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ସହରରେ ଥିବା ଏକ ପରିତ୍ୟକ୍ତ ଗୃହ ବିଧାୟକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ପୁନରୁଦ୍ଧାର କରାଯାଇ ପଞ୍ଜୀକୃତ ବରିଷ୍ଠ ନାଗରିକ ସଙ୍ଗଠନ ପ୍ରଦୀପ କିଶୋର ଖମାରି, ଆଶିଷ ପଣ୍ଡା, ପ୍ରମୋଦ ଦାଣ୍ଡସେନା, ଜନାର୍ଦ୍ଦନ ପାତ୍ର, ଜଗବନ୍ଧୁ ବାରିକଙ୍କ ତତ୍ୟବଧାନରେ ବିଧାୟକଙ୍କ ପାଣ୍ଠିରୁ ଉଦଘାଟନ ହୋଇଛି। ଏକ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ଉଦଘାଟନ କରିଥିଲେ। ସଭାରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ ପରେ ମୁଖ୍ୟଅତିଥି ବରିଷ୍ଠ ନାଗରିକ ଆମର ଦିଗଦର୍ଶକ ଓ ପ୍ରେରଣା ବୋଲି କହିଥିଲେ। ଏକ ଟିଭି ଓ କ୍ୟାରେମ୍ ବୋର୍ଡ଼ ପ୍ରଦାନ କରିଥିଲେ। ନଗରପାଳ ଦୁଇଟି ଏସି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେନିମାଇଁ ଚରଣ ତାଣ୍ଡି, ଡଃ ମେଜର ରାମ ଚନ୍ଦ୍ର ମିଶ୍ର, ସୁଧୀର ପଟ୍ଟନାୟକ, ବୈକୁଣ୍ଠ ରଥ, ସୁରେନ୍ଦ୍ର ଦାଣ୍ଡସେନା, ବିନୋଦ କୁମାର ଅଗ୍ରୱାଲ, ଶତ୍ରୁଘନ ପାଣିଗ୍ରାହୀ, ଅଚ୍ୟୁତା ନନ୍ଦ ବହିଦର, ପ୍ରଦୀପ ତ୍ରିବେଦି, ସୁମେଶ ପଟ୍ଟନାୟକ, ବଗଲା ପ୍ରସାଦ ଶର୍ମା ସହ ସଭାପତି ରାମେଶ୍ୱର ଅଗ୍ରୱାଲ ପ୍ରମୁଖ ଥିଲେ। ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିବାବେଳେ ରାମେଶ୍ୱର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନଶନରୁ ଓହରିଲେ ଜେଲ କର୍ମଚାରୀ

ଖଡ଼ିଆଳ,୨୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଉପକାରାଗାର କର୍ମଚାରୀମାନେ ୫ ଦଫା ଦାବି ନେଇ ଦୀର୍ଘ ଦିନ ଧରି କଳାବେଜ୍ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇ ଥିବା ବେଳେ ୩ଦିନ ଧରି ଅମରଣ ଅନଶନରେ ବସିବା ପରେ ବୁଧବାର ଅନଶନ ଭାଙ୍ଗିଛନ୍ତି। ଗ୍ରେଡପେ ୱାର୍ଡନଙ୍କ ୧୯୦୦ରୁ ୨୦୦୦ ମୁଖ୍ୟ ୱାର୍ଡନଙ୍କ ୨୦୦୦ରୁ ୨୪୦୦କୁ ବୃଦ୍ଧି କରିବା, ପୁରୁଣା ପଦୋନ୍ନତି ୨୦୧୨କୁ ଲାଗୁ କରିବା, ଉପଖଣ୍ଡସ୍ତରୀୟ ବଦଳି ନୀୟମକୁ କୋହଳ କରିବା, ଖାଦ୍ୟ ବାବଦ ୪୦୦ରୁ ୧୪୦୦କୁ ଭାଉଭୃଦ୍ଧି ଏବଂ ୧୩ ମାସ ଦରମା ପ୍ରଦାନ ନିୟମ ଲାଗୁ ଆଦି ମୁଖ୍ୟ ଦାବିରେ କର୍ମଚାରୀମାନେ ୧୩ ତାରିଖଠାରୁ ୨୪ ତାରିଖ ପର୍ଯ୍ୟନ୍ତ କଳାବେଜ୍ ପିନ୍ଧିଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ୨୫ ତାରିଖରୁ ଜେଲ ସମ୍ମୁଖରେ ଆମରଣ ଅନଶନରେ ବସି ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲୁଥିବା ବେଳେ ବୁଧବାର ଅନ୍‌ଶନରୁ ଓହରିଛନ୍ତି। ଅନଶନରେ ଜେଲ କର୍ମଚାରୀ ସଂଘ ସଭାପତି ଜଗଦୀଶ ବାଉଡ଼ିଆ, ସମ୍ପାଦକ ଜ୍ଞାନେନ୍ଦ୍ର ମିଶ୍ର, କୋଷାଧକ୍ଷ ଅଜିତ କୁମାର, ମୁଖ୍ୟ ୱାଡେନ ମନୋଜ କୁମାର ଦାସ, ନିଖିଳ ନନ୍ଦ, କାମିନୀ ମାଝି, ଭୋଜରାଜ ଭୋଇ, ଦୟନୀୟ ଯାନୀ, ଲକ୍ଷ୍ମଣ ବେହେରା, ରଶ୍ମିତା ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ୫-ଟି ବିଦ୍ୟାଳୟ କାମର ପାଉଣା ମିଳିନି





ଧାରଣା ପ୍ରତ୍ୟାହୃତ ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ଅଧିକାରୀ ସ୍କୁଲ ଭିତରକୁ ପ୍ରବେଶ କରୁଛନ୍ତି।

### ସ୍କୁଲରେ ତାଲା ପକାଇଲେ ପରିଚାଳନା କମିଟି, ଗ୍ରାମବାସୀ

ନୂଆପଡ଼ା,୨୭।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବାଞ୍ଜିବାହାଲ ରାଷ୍ଟ୍ରୀୟ ଉଚ୍ଚ ବିଦ୍ୟାଳୟ ୫-ଟି କାମର ବିଲ ଓ ମଜୁରି ପାଉଣା ନ ମିଳିବାରୁ ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଗେଟରେ ତାଲା ଦେଇ ଧାରଣାରେ ବସିଥିଲେ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଧାରଣା ଜାରିରହିଥିବା ସମୟରେ ଛାତ୍ରୀଛାତ୍ରଙ୍କୁ ଏକ ଅପରିତ୍ୟକ୍ତ କୋଠରୀରେ ରଖାଯାଇଥିଲା। ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ପରେ କୋମନା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଭକ୍ତବନ୍ଧୁ ବୁଡେକ ଓ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ମେହେର ପଅଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ସମୟ ମାଗି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁସାରେ ଜିଲାର ଅଧିକାଂଶ ୫-ଟି ବିଦ୍ୟାଳୟ ଠିକାଦାର ଦ୍ୱାରା ନିର୍ମାଣ ଦେଇଥିବାରୁ କେଉଁଠି ପାଣି ଗଳିବା ଆରମ୍ଭ ହେଲାଣି ତ କେଉଁଠି ରଙ୍ଗ ଛାଡି ଗଲାଣି। ଏ ସବୁକୁ ଦେଖି ବିଦ୍ୟାଳୟ ପରିଚାଳା କମିଟି ଓ ଗ୍ରାମବାସୀ ନିର୍ଣ୍ଣୟ କରି ଠିକାଦାରଙ୍କୁ ନ ଦେଇ ନିଜେ ତିଆରି କରିବୁ। ଶ୍ରେଣୀ ଗୃହ ମଜଭୁତ ହୋଇ ରହିଲେ ଆମ ପିଲା ସୁବିଧାରେ ଅଧ୍ୟୟନ କରି ପାରିବେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ଭୋଇଙ୍କୁ କାର୍ଯ୍ୟ ଭାର ସମ୍ଭାଳିବା ପାଇଁ ଦାୟିତ୍ୱ ଦିଆଗଲା। ବିଦ୍ୟାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୬ ମାସ ବିତି ଯାଇଥିଲେ ମଧ୍ୟ ବିଲ ହୋଇନାହିଁ। କାର୍ଯ୍ୟ ଶେଷ ହେବା ପରେ କନିଷ୍ଠ ଯନ୍ତ୍ରୀ, ବିଡିଓ ଓ ଜିଲାପାଳ ଆସି ତଦାରଖ କରି ଶୀଘ୍ର ବିଲ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ବିଡିଓ, କନିଷ୍ଠ ଯନ୍ତ୍ରୀ ପାଖକୁ ଦୌଡି ଦୌଡି ନୟାନ୍ତ ହୋଇ ଗଲେ ମଧ୍ୟ ବିଲ ହେଲା ନାହିଁ। ବିଦ୍ୟାଳୟରେ କାମ କରିଥିବା ମିସ୍ତ୍ରୀ ଓ କୁଲି ମଜୁରିଆମାନେ ପାଉଣା ପାଇଁ ବାରମ୍ବାର ବିଦ୍ୟାଳୟକୁ ଆସି ନିରାଶ ହୋଇ ଫେରି ଯାଉଛନ୍ତି। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସ, ମିସ୍ତ୍ରୀ ଓ କୁଲି ମଜୁରିଆମାନେ କୌଣସି ଉପାୟ ନ ପାଇ ବିଦ୍ୟାଳୟରେ ତାଲା ଦେଇ ଧାରଣାରେ ବସିଥିଲେ। ଶିକ୍ଷାଦାନ ବାଧାପ୍ରାପ୍ତ ବିଷୟରେ କୋମନା ଗୋଷ୍ଠି ଶିଧିକାରୀ ଅନିତା ପଣ୍ଡାଙ୍କୁ ପଚାରିବାରୁ ୫-ଟି ବିଦ୍ୟାଳୟ କାର୍ଯ୍ୟ ପାଉଣା ମିଳି ନ ଥିବାରୁ ଲୋକେ ତାଲା ପକାଇ ଧାରଣା ଦେଇଛନ୍ତି। ଉପରିସ୍ଥ ଅଧିକାରୀମାନେ ନିଷ୍ପତ୍ତି ନେଲେ ଧାରଣା ବନ୍ଦ ହେଲେ ପୁଣି ସ୍କୁଲ ଆରମ୍ଭ କରିବୁ ବୋଲି କହିଥିଲେ। ଏବିଡିଓ ବୁଡେକ ଅକ୍ଟୋବର ୪ ପର୍ଯ୍ୟନ୍ତ ସମୟ ମାଗିଛୁ। ସେହି ଭିତରେ ତଦନ୍ତ କରି ଯାହା ବାହାରିବ ପାଉଣା ଦେଇ ଦେବୁ। ଆଗାମୀ ୪ ତାରିଖରେ ବକେୟା ପାଉଣା ନ ମିଳଲେ ୫ ତାରିଖରେ ପୁଣି ବିଦ୍ୟାଳୟରେ ତାଲା ପକାଇ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିବୁ ବୋଲି ସଭାପତି ଭୋଇ ସମେତ ଭାଗିରଥି ସା, କ୍ଷୀରସିନ୍ଧୁ ମେହେର, ଇନ୍ଦ୍ର ଭୋଇ, ଥବିର ଧରୁଆ, ଲାଲସିଂ ଠାକୁର, ଆମୋଦ ଭୋଇ, ଟଙ୍କଧର ଶବର, ରଞ୍ଜିତ ଭୋଇ, ଯୁଜିଷ୍ଠିର ଶବର, ରୁକ୍ମଣ ଶବର ପ୍ରମୁଖ ଓ ଗ୍ରାମବସୀ ଚେତାବନୀ ଦେଇଛନ୍ତି।

## ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

ଖଡ଼ିଆଳ,୨୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ସେବାଶ୍ରମ ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆଇପିଓ ଆନନ୍ଦ ବେହେରା, ବିଶିଷ୍ଟ ଅତିଥି ଭାବେ ଜିଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି, ମୁଖ୍ୟବକ୍ତା ଡବ୍ଲୁଇଓ ଖଡ଼ିଆଳ ରଜତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭୁଲିଆସିକୁଆ ପ୍ରଧାନ ଶିକ୍ଷକ ଟିକେରାମ ମେହେର, ସିଆରସିସି କ୍ଷୀରୋଦ ଗହୀରଙ୍କ ସମେତ ୨ ଅବସର ଶିକ୍ଷକ ଯୋଗେଶ୍ୱର ରାଉତରାୟ ଓ ଗୌରଚନ୍ଦ୍ର ଦଣ୍ଡସେନା, ପୂର୍ବତନ ସରପଞ୍ଚ କାର୍ତ୍ତିକେଶ୍ୱର ମଲ୍ଲିକ, ସମିତି ସଭ୍ୟା ଲୀଳା ରାଉତରାୟ, ଏସଏମସି ସଭାନେତ୍ରୀ ଚାନ୍ଦା ବିଶି ଯୋଗେ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଆମେ ଜାଣିବା ଜିଣିବା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବାହାରୁ ବହୁ ଅଭିଭାବକ ଯୋଗଦେଇଥିଲେ। ଏଥିରେ ଆଶ୍ରମର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ, ଝୁଟି ପ୍ରତିଯୋଗିତା ସମେତ ଅଭିଭାବକଙ୍କ ସହ ମତ ବିନିମୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅତିଥିମାନଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରତି ଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ସୁରେଶ ଚନ୍ଦ୍ର ଦଣ୍ଡସେନା, ସୁରେଶ ବହିଦାର, ମିତାଞ୍ଜଳି ପାତ୍ର, ଅପର୍ଣ୍ଣା ଜଗତ, ମମତା ମଞ୍ଜରୀ ବାଗ, ଯଶୋସ୍ୱିନୀ ପାଢ଼ୀ, ସଙ୍ଗିତା ସାଗର, ଝୁମି ଚଳାନ, ପଦ୍ମିନୀ ସାହୁ, କ୍ଷୀତିମଣି ଚିନ୍ଦା, ହରିପ୍ରିୟା ମଲ୍ଲିକ ଓ ଗୋବିନ୍ଦ ହଂସ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



କ୍ରୀଡାବିତମାନଙ୍କ ସହ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି।

ନୂଆପଡ଼ା,୨୭।୯(ମକାରୁ ବେମାଲ)

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଜିଲା ଶିକ୍ଷା ବିଭାଗ ଦଶମ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ଜିଲାର ୫ଟି ବ୍ଲକରୁ ୧୪ରୁ କମ ଓ ୧୭ ବର୍ଷରୁ କମ ୬ଶହ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଖୋଖୋ, କବାଡି, ଫୁଟବଲ, ତୀରନ୍ଦାଜ ଆଦିପ୍ରତିଯୋଗିତା ହେବ। ଉଦଘାଟନୀରେ ଉପଜିଲାପାଳ ସୁବାଷ ଚନ୍ଦ୍ର ରଏତା ମୁଖ୍ୟଅତିଥି, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୁଲାପ ଚନ୍ଦ୍ର ସାହୁ, ଟାନୱାଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ କୁମାର ପାଢୀ, ବାଳିକା ଉଚଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶ୍ୱନୀ କୁମାର ଭୋଇ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତା ଉଦଘାଟନ କରି ମିଳିତ ପରେଡ ଓ ମଶାଲ ଦୌଡର ଅଭିବାଦନ ଗ୍ରହଣ କରିଥିଲେ। ଭବିଷ୍ୟତରେ ଜଣେ ଉତମ କ୍ରୀଡାବିତ ଭାବେ ନିଜକୁ ଗଢି ତୋଳିବା ପାଇଁ ଆହ୍ୱାନ ଜଣାଇଥିଲେ। ରତନ ସିଂ ବାରିକ, ପରେଶ ପାଣିଗ୍ରାହୀ, ହରିହର ସାହୁ, ମହତାବ ଆଡଜୁଆଡ, ବିଦ୍ୟାଧର ମାଝି, ମନମ୍ମଥ ମେହେର, ଭୁବନେଶ୍ୱର ଛତ୍ରିଆ, ବିକାଶ ମାଝି, ଦେବାଶିଷ ଜୋଷୀ, ରାମେଶ୍ୱର ପ୍ରଧାନ, ଦେବେନ୍ଦ୍ର ପୁରୋହିତ, ହେମନ୍ତ ମହନ୍ତ, ନିରୁପମା ପାଣିଗ୍ରାହୀ, ଗୌତମ ହୋତା, କୁନ୍ତଳିନି ସାହୁ, ନିରୁପମା ପଟେଲ ପ୍ରମୁଖ ଖେଳ ଶିକ୍ଷକମାନେ ଖେଳ ପରିଚାଳନା କରୁଛନ୍ତି। ଗୋକୁଳ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିବା ବେଳେ ରତନ ସିଂ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭେଲା ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ନୂତନ କର୍ମକର୍ତ୍ତା

ନୂଆପଡ଼ା,୨୭।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭେଲା ଗାଁର ୫୫ତମ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଓ ନୂତନ ପୂଜା କମିଟି ଚୟନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୂଜା କମିଟି ସଭାପତି ତଥା ସରପଞ୍ଚ ବିମଳ ଯୋଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୨୦୨୨ ଦୁର୍ଗା ପୂଜା ଆୟବ୍ୟୟ ପାଠ କରାଯାଇଥିଲା। ସର୍ବସମ୍ମତିକ୍ରମେ ନୂତନ ପୂଜା କମିଟି ଚୟନ କରାଯାଇଥିଲା। ନୂତନ ପୂଜା କମିଟି ସଭାପତି ଭାବେ ନଟ ଅଡବଙ୍ଗ, ସମ୍ପାଦକ ସତ୍ପେଶ୍ୱର ଯୋଶୀ, ଉପସଭାପତି ସନ୍ତୋଷ ଦୀପ, ସହ ସମ୍ପାଦକ ପରମାନନ୍ଦ ଦାସ, କୋଷାଧ୍ୟକ୍ଷ ରତିକାନ୍ତ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ଚଳିତ ଶାରଦୀୟ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ଆଲୋଚନା କରାଯାଇଥିଲା। ଧରମ ସିଂ ଦଣ୍ଡସେନା, ସନ୍ତୋଷ ସୂପକାର, ବିମଳ କିଶୋର ନିଆଲ, ଗୁଣ ସାଗର ନିଆଲ, ରାହୁଲ ଅଗ୍ରୱାଲ, ମୋହନ ରଣା, ତ୍ରିପାଲ କୁମ୍ଭାର, ଟୁନା କୁମ୍ଭାର, ଦୁଷ୍ମନ୍ତ ନିଆଲ, ହୋତା ଅଡବଙ୍ଗ, ଅରବିନ୍ଦ ମିଶ୍ର, ଚିନ୍ମୟ କୁମ୍ଭାର, ମନୁ ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡା ଭାଜପା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡ଼ା,୨୭।୯(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇଷମୁଣ୍ଡି ଗାଁ ଭଇଷିପାଠ ଦେବୀପୀଠ ମନ୍ଦିର ପ୍ରାଙ୍ଗଣରେ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରସନ୍ନ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଗୋବର୍ଦ୍ଧନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ନବନିଯୁକ୍ତ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସ୍ୱତନ୍ତ୍ର ଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଜିଲା ସଭାପତି ସୁବ୍ରତ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂଆଁଖାଇ ଏକ କୃଷି ଭିତିକ ପର୍ବ। ସେଥିପାଇଁ ଚାଷୀ ପ୍ରଥମ ଉତ୍ପାଦିତ ସଶ୍ୟକୁ ଇଷ୍ଟଦେବୀଠାରେ ସମର୍ପିତ କରି ଭକ୍ଷଣ କରିଥାଏ। କୃଷି ଆମର ସଂସ୍କୃତି ଓ ସମ୍ମାନଜନକ ବୃତି ଅଟେ ବୋଲି ଅତଥିମାନେ ମତବ୍ୟକ୍ତ କରିଥିଲେ। ପରେ ଏମପି ପଣ୍ଡାଙ୍କ ନେତୃତ୍ୱରେ ସାରାବଙ୍ଗ ଅଞ୍ଚଳର ଅନେକ ଯୁବକ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କୃଷକ ମୋର୍ଚ୍ଚ ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବିଶି ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ଦେବଦେବ ସିଂଦେଓ, କମଲେଶ ଦୀକ୍ଷିତ, ତୁଳସ ପଟେଲ, ଚତୁର୍ଭୁଜ ଶର୍ମା, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଯୁବ ମୋର୍ଚ୍ଚା ଜିଲା ସମ୍ପାଦକ ସଦାନନ୍ଦ ଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ମଣ୍ଡଳ ସଭାପତି ଦେବାନନ୍ଦ ସାହୁ, ଥାନ ସିଂ ଠାକୁର, ପୁନିତ ରାଉତ, କ୍ଷୀର ରାଉତରାୟ, ଲୋହିତ ଶବର, ଗୋବିନ୍ଦ ଦଣ୍ଡସେନା, ଲାଲା ରାମ ସାହୁ, ରାଜ କୁମାର ବାଗ, ଦେବେନ୍ଦ୍ର ଖମାରୀ ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ।

## ଭତରା ସମାଜର ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୨୭।୯(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା ଭତରା ସମାଜ ପକ୍ଷରୁ କୋକସରା ବ୍ଲକ ଶିଉନି ଗ୍ରାମ ଭତରା ସମାଜ ଆରାଧ୍ୟ ଭୈରବ ଦେବଙ୍କ ମନ୍ଦିରରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭତରା ସମାଜ ଗ୍ରାମ୍ୟ ପୂଜକ ହିମାଞ୍ଚଳ ପୂଝାରୀଙ୍କ ଘରୁ ପାରମ୍ପରିକ ପୂଜା ସାମଗ୍ରୀ ଭୈରବ ଦେବ ମନ୍ଦିରରେ ପହଞ୍ଚିବା ପରେ ନୂଆ ଧାନ ଚୁଡା ଅର୍ପଣ କରି ସାମୂହିକ ନବାନ୍ନ ଭକ୍ଷଣ କରିଥିଲେ। ସାମାଜିକ କର୍ମକର୍ତ୍ତାଙ୍କୁ ନେଇ ନୂଆଁଖାଇ ଭେଟଘାଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ସଭାପତି କୈଳାଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ସଭାପତି ନୀଳକଣ୍ଠ ମାଝି, ଭତରା କର୍ମଚାରୀ ସଂଘ ସଭାପତି ଇଂ. ତୃପ୍ତ କୁମାର ପାତ୍ର, କବି ଲୋକକଳା ଲେଖକ କ୍ଷୀରୋଦ ମାଝି, ଜିଲା ସାଧାରଣ ସମ୍ପାଦକ ଋତୁରାଜ ମାଝି, କେନ୍ଦ୍ରୀୟ ଉପ ସଭାପତି ଗରୁଡ଼ଧଜ ମାଝି, ବରିଷ୍ଠ କର୍ମକର୍ତ୍ତା ଗୋପିଚନ ନାଏକଙ୍କ ସମେତ ଅନ୍ୟ ବ୍ଲକ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଲୋକକଳା ଲେଖକ କ୍ଷୀରୋଦ ମାଝିଙ୍କ ପୁସ୍ତକ ଭତରା ଉତ୍ପତ୍ତି ଓ ବଂଶାବଳିର ଉନ୍ମୋଚନ ଉପସ୍ଥିତ ଅତିଥିମାନେ କରିଥିଲେ। କାର୍ଯ୍ୟକ୍ରମ ମଞ୍ଚ ପରିଚାଳନାରେ ଋତୁରାଜ ମାଝି, ବୃନ୍ଦାବନ ପୂଝାରୀ, ଭୁବନେଶ୍ୱର ଦିଶାରୀ, ବନ ଦଣ୍ଡସେନା, ପରମେଶ୍ୱର ଧ.ମାଝି, ସୁଧୀର ଧ. ମାଝି ସହଯୋଗ କରିଥିଲେ। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଶିଉନି, ପାତ୍ରବସା, କନ୍ଦାଗଡ଼, ଆମପାଣି ଭତରା ସମାଜର ମହିଳା କମିଟି ଓ ଗ୍ରାମ୍ୟ କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବିଶ୍ୱ ପର୍ଯ୍ୟଟନ ଦିବସରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ଭବାନୀପାଟଣା/ଜୁନାଗଡ଼,୨୭।୯(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲରେ ବୁଧବାର ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଓ ହାଇସ୍କୁଲସ୍ତରୀୟ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୁଇଜ୍ ପ୍ରତିଯୋଗୀତାରେ ସହରର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମନୋନୀତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, ମ୍ୟୁନିସିପାଲଟି ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଅମରେଶ ଚନ୍ଦ୍ର ନେଗୀ, କୁଇଜ୍ ମାଷ୍ଟର ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପର୍ଯ୍ୟଟନ ଦିବସ ପାଳନର ଉଦ୍ଦେଶ୍ୟ, ପ୍ରଚାର, ସବୁଜ ନିବେଶ ଓ ଆର୍ଥିକ ଅଭିବୃଦ୍ଧି ଉପରେ ଧାରଣା ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ଜୁନାଗଡ଼ ଏନଏସି ପକ୍ଷରୁ ବୁଧବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ନଗରପାଳ ଯୋଗଦେଇ ପର୍ଯ୍ୟଟନର ବିକାଶ ଉପରେ ଉଦବୋଧନ ଦେଇଥିଲେ। ଏହି ଅସରରେ ମା' ଲଙ୍କେଶ୍ୱରୀ ମନ୍ଦିର ପରିସର ସଫେଇ କରାଯାଇଥିଲା। ଜୁନାଗଡ଼କୁ ସବୁବେଳେ ସ୍ୱଚ୍ଛ, ସରସ ସୁନ୍ଦର ରଖୁଥିବା ସଫେଇ କର୍ମଚାରୀମାନଙ୍କୁ ନେଇ ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳନ କରାଯାଇଥିଲା। ପରେ ସଫେଇ କର୍ମଚାରୀମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଏଥିରେ ଜୁନାଗଡ଼ର ଡାକ୍ତରଖାନାର ଡାକ୍ତର ଓ ନର୍ସମାନେ ଆସି ସମସ୍ତ ସଫେଇ କର୍ମଚାରୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୁନାଗଡ଼ ବିଡ଼ିଓ, ଆଇଆଇସି ସମେତ ଏନଏସିଏର ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ। ପରେ ନଗରପାଳ ମୂକେଶ ଅଗ୍ରୱାଲଙ୍କ ଅଧକ୍ଷତାରେ ସମସ୍ତ କାଉନସିଲରଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ଼ ସହରର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା ହୋଇଥିଲା। ଜୁନାଗଡ଼କୁ ଜିଲା ମାନ୍ୟତା ଦାବି ନେଇ ସମସ୍ତ କାଉନସିଲରଙ୍କ ସହମତିରେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ରାଜ୍ୟ ସରକାର ଜିଲା ପୁନର୍ଗଠନ ଯେବେ କରିବେ ତେବେ ଜୁନାଗଡ଼କୁ ଜିଲା ମାନ୍ୟତା ପ୍ରଦାନ କରିବା ପାଇଁ ଆଲୋଚନା ହୋଇଥିଲା।



ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଅତିଥିଗଣ।

### ଜୁନାଗଡ଼ ଏନ୍‌ଏସି ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

■ ଜୁନାଗଡ଼କୁ ଜିଲା ମାନ୍ୟତା ଦାବି ନେଇ କାଉନସିଲରଙ୍କ ପ୍ରସ୍ତାବ ଆଗତ

## ସଂକ୍ଷେପରେ

### ବାଇକ୍-ପିକ୍‌ଅପ୍ ମୁହାଁମୁହିଁ, ନାବାଳକ ମୃତ

**ଖାରବନ୍ଧ,୨୭।୯(ଦେବେନ୍ଦ୍ର ସାହୁ):** ଖାରବନ୍ଧ ସାପ୍ତାହିକ ବଜାର ନିକଟରେ ବୁଧବାର ବାଇକ୍ ଓ ପିକ୍‌ଅପ୍ ଭ୍ୟାନ ମୁହାଁମୁହିଁ ଧକ୍କା ହେବାରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିବେକ ସାହୁ (୧୪)। ଏହି ଦୁର୍ଘଟଣାରେ ପପୁ ସାହୁ (୨୦) ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ବରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ବୁଧବାର ପୂର୍ବାହ୍ନ ୧୦ଟାରେ ଖାରବନ୍ଧ ଥାନା ଅଡାପାଣି ଗ୍ରାମର ବିବେକ ଓ ପପୁ ଏକ ବାଇକ୍ (ନଂ.ଓଆର୩ଇ/୨୧୪୩) ଯୋଗେ ଖାରବନ୍ଧ ଆସୁଥିଲେ। ଏହି ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଖାରବନ୍ଧରୁ ସରାଇପାଲି ଅଭିମୁଖେ ଯାଉଥିଲା। ଖାରବନ୍ଧ ବଜାର ନିକଟରେ ଥିବା ବୁଲାଣିରେ ବାଇକ୍ ଓ ପିକ୍‌ଅପ୍ ଭ୍ୟାନ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ପିକ୍‌ଅପ୍ ଭ୍ୟାନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ୱେଚ୍ଛାସେବୀ ସୋମ୍ୟରଞ୍ଜନ ସାହୁ ଉଭୟ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖାରବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ ବରଗଡ଼ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିବେକଙ୍କ ମୃତ୍ୟୁ ହୋଇଥିଲା। ଖାରବନ୍ଧ ପୋଲିସ ଘଟଣାସ୍ଥଳରୁ ବାଇକ୍ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

### ପ୍ରଫେସର କୃଷ୍ଣମୋହନଙ୍କ ପରଲୋକରେ ଶୋକ

**ପଦ୍ମପୁର,୨୭।୯ (ପ୍ରଦୀପ୍ତ ଦାଶ):** ପଦ୍ମପୁର ନିବାସୀ କୃଷ୍ଣମୋହନ ପଣ୍ଡାଙ୍କ ମରଶରୀର ବିଳାସପୁରରୁ ଆସି ଗାଁରେ ପହଞ୍ଚିଲା ପରେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ପରେ ରାଜପଡା ନିକଟସ୍ଥ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡଝିଅ ମେଘା ଓ ଭାଇ ଦୀନବନ୍ଧୁ ମୁଖାଗ୍ନି ଦେଇଥିଲେ। ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା କମିଟିର କାର୍ଯ୍ୟକାରୀ ସଦସ୍ୟ ତଥା ଅଧ୍ୟାପକ କୃଷ୍ଣମୋହନ ପଣ୍ଡାଙ୍କ ବିୟୋଗରେ କମିଟି କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଅଜିତ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ସମ୍ପାଦକ ଉମେଶ ସାହୁ, ଉପସଭାପତି କିଶୋର ମେହେର, କୋଷାଧ୍ୟକ୍ଷ ସଦାନନ୍ଦ ପୁରୋହିତ ତଥା କମିଟିର ସଦସ୍ୟ ଏବଂ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସାମାଜିକ କ୍ଷେତ୍ରରେ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହାସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

### ଉଚ୍ଚକ୍ଷମତା ସମ୍ପନ୍ନ ଗ୍ରୀଡ୍ ସ୍ଥାପନ ପାଇଁ ଭୂମିପୂଜନ

**ଖାରବନ୍ଧ,୨୭।୯ (ଦେବେନ୍ଦ୍ର ସାହୁ):** ଖାରବନ୍ଧ ବ୍ଲକ ଅମଠି ଗ୍ରାମପଞ୍ଚାୟତ ଡୁମୁରିପାଣିଠାରେ ୧/୩୨ ଗ୍ରୀଡ୍ ସ୍ଥାପନ ପାଇଁ ବୁଧବାର ଭୂମିପୂଜନ ଅନୁଷ୍ଠିତ ହୋଇଛି। ଏଥିରେ ବଲାଙ୍ଗୀର ଓପିଟିସିଏଲର ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ। ପ୍ରାୟ ୧୫ ଏକର ଜମିରେ ଗ୍ରୀଡ ନିର୍ମାଣ କରାଯିବ। ଗ୍ରୀଡ୍ ନିର୍ମାଣ ହେଲେ ପାଇକମାଳ, ଝିଟକି, ଡଭା(ଅନଗୁଳ), ଖାରବନ୍ଧ ସବଷ୍ଟେଶନକୁ ବିଦ୍ୟୁତ ସଂଯୋଗ କରାଯିବ। ହିତାଧିକାରୀ ବିଦ୍ୟୁତ ସଙ୍କଟରୁ ମୁକ୍ତି ପାଇପାରିବେ। କାମ ୨ମାସ ମଧ୍ୟରେ ସମ୍ପନ୍ନ ହେବ ବୋଲି ଟାଟା ପାୱାର ସହକାରୀ ଯନ୍ତ୍ରୀ ମନୋରଞ୍ଜନ ନାୟକ ଆଶା ପ୍ରକଟ କରିଛନ୍ତି। ଗ୍ରୀଡ କାର୍ଯ୍ୟକ୍ଷମ ହେହେଲେ ବ୍ୟବସାୟ, କୃଷିର ବିକାଶ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି।



ମୁରଲୀକ୍ରିଷ୍ଣା ଫାଉଣ୍ଡେଶନ ପକ୍ଷରୁ ବରାହଗୁଡ଼ାସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ମୁରଲୀକ୍ରିଷ୍ଣା ଫାଉଣ୍ଡେଶନ ପାଳିଲା ନୂଆଁଖାଇ ଭେଟ୍‌ଘାଟ୍

**ବରଗଡ଼,୨୭।୯(ପ୍ରେମାନନ୍ଦ ଖମାରୀ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ନୂଆଁ ଖାଇସାରିବା ପରେ ଜୁହାର୍ ଭେଟ୍ ହେବା ଏକ ଅନନ୍ୟ ପରମ୍ପରା। ଏହି ପରିପ୍ରେକ୍ଷୀରେ ବୁଧବାର ମୁରଲୀକ୍ରିଷ୍ଣା ଫାଉଣ୍ଡେଶନ ପକ୍ଷରୁ ବରାହଗୁଡ଼ାସ୍ଥିତ ଏକ ହୋଟେଲରେ 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଫାଉଣ୍ଡର୍ ଚେୟାରମ୍ୟାନ୍ ଡି. ମୁରଲୀକ୍ରିଷ୍ଣା ସମସ୍ତଙ୍କୁ ନୂଆଁଖାଇର ଜୁହାର ଜଣାଇବା ସହ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଏହି ପର୍ବ କିଭଳି ଲୋକଙ୍କ ଚେତନାରେ ଭାଇଚାରା ସୃଷ୍ଟି କରି ବସୁଧୈବ କୁଟୁମ୍ବକମ୍‌ର ମହତ୍ୱକୁ ସାର୍ଥକ କରିଚାଲିଛି, ତାହା ନିଜ ବକ୍ତବ୍ୟରେ କହିଥିଲେ। ମୁରଲୀକ୍ରିଷ୍ଣା ଫାଉଣ୍ଡେଶନ ପରିଚାଳିତ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱେଲଫେୟାର ବିଦ୍ୟାଳୟର କୁନି କୁନି ଛାତ୍ରୀମାନେ ମା' ସମଲେଶ୍ୱରୀଙ୍କ ବନ୍ଦନା ଗାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍‌ର ସଂଘ ପ୍ରଚାରକ ବିପିନ ବିହାରୀ ନନ୍ଦ, ଭାଜପା ବରଗଡ଼ ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଡି. ଭି. ଭି. ସତ୍ୟନାରାୟଣଙ୍କ ସମେତ ଅନ୍ୟ ଆମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ। ଇଂ. ମୁଗ୍ଧା ଦାଶ ମଞ୍ଚ ପରିଚାଳନା କରିଥିଲେ।

# ଜିଏସ୍‌ଟି ଚଢ଼ାଉ, ୨ ଦୋକାନ ସିଲ୍



ଜିଏସ୍‌ଟି ଅଧିକାରୀମାନେ ଦୋକାନ କାଗଜପତ୍ର ଓ ଷ୍ଟକ୍ ଯାଞ୍ଚ କରୁଛନ୍ତି।

**ଭେଡ଼େନ,୨୭।୯ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ଛକ ସ୍ଥିତ ୨ଟି ଦୋକାନରେ ବରଗଡ଼, ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲାର ଜିଏସ୍‌ଟି ବିଭାଗ ପକ୍ଷରୁ ବୁଧବାର ମିଳିତ ଭାବେ ଚଢାଉ କରାଯାଇଛି। ସିଟି ଆଣ୍ଡ୍ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବରଗଡ଼ ୟୁନିଟ୍‌ର ଡେ଼ପୁଟି କମିଶନର ନବିଦୈତ୍ୟ ନାଏକଙ୍କ ନେତୃତ୍ୱରେ ସହରାଟିକ୍ରାର ସାଇରାମ ଫର୍ଟିଲାଇଜର ଆଣ୍ଡ୍ ପେଷ୍ଟିସାଇଡସ୍ ଏବଂ ସାଇରାମ ଏଜେନ୍ସି ଉପରେ ଏହି ଚଢାଉ କରାଯାଇଥିଲା। ଉଭୟ ଦୋକାନରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯିବା ସହ ସିଲ୍ କରାଯାଇଛି। ବର୍ତ୍ତମାନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉକ୍ତ ଦୋକାନ ବନ୍ଦ ରହିବ ଏବଂ ଆଗାମୀ ଦିନରେ ଅଭିଯୋଗ ଭିତ୍ତିରେ ଶୁଣାଣି ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ସିଟି ଆଣ୍ଡ ଜିଏସ୍‌ଟି କମିଶନର ଦିନେଶ କୁମାର ବାଗ, କରନ ସୋରେନ, ଶିବଶଙ୍କର ବାରିକ, କୈଳାସ ଚନ୍ଦ୍ର ଭୋଇ, ସୁଦର୍ଶନ ଶେଖର ପଧାନ, ବିଜୟ ଶଙ୍କର ମହାଲି, ଏନଫୋର୍ସମେଣ୍ଟ ୟୁନିଟ ଏବଂ ରେଞ୍ଜରୁ ଶୁଭଜିତ ଦାଶ, ସୁରଜନ ସାଗର, ଜୟନ୍ତୀ ନାଏକ, ଅମିତା ବସନ, ନୃପରାଜ ଚୌଧୁରୀ, ଝାରସୁଗୁଡ଼ା ୟୁନିଟ୍‌ର ଆଶିଷ ଦାଶ, ଲକ୍ଷ୍ମୀ ପ୍ରସାଦ ମେହେର, ସୁରେନ୍ଦ୍ର ଭୋଇ, ଅନନ୍ତ ନାରାୟଣ ହରିପାଲ ଏବଂ ରୁମାନ କଠାର ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବରଗଡ଼, ୨୭।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରେଳ ଷ୍ଟେଶନ ନିକଟ ରେଳ ଧାରଣାରୁ ବୁଧବାର ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ବରଗଡ଼ର ସୁକାନ୍ତ ମଜୁମଦାର ବୋଲି ଜଣାପଡିଛି। ରେଳ ଧାରଣା ଉପରେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ଶବ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ଘଟଣାସ୍ଥଳକୁ ରେଲୱେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ ହୋଇଛି ନା ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ, ସେ ନେଇ ରେଲୱେ ପୋଲିସ ଅଧିକ କରୁଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଯାଇଥିଲା।

# ପଦ୍ମପୁର ଏନ୍‌ଏସିର ବଡାଖାନା କାର୍ଯ୍ୟକ୍ରମ

**ପଦ୍ମପୁର,୨୭।୮(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଏନ୍‌ଏସି ତରଫରୁ ମେହର ପଡାସ୍ଥିତ ଏଫ୍‌ଏସ୍‌ଟିପି କେନ୍ଦ୍ରରେ ବୁଧବାର କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବଡାଖାନା ଅନୁଷ୍ଠିତ ହୋଇଥିଲା। ଏଥିରେ ଛନ୍ଦା ମିଶ୍ର ବକ୍ତା ଭାବେ ଯୋଗଦେଇ ସ୍ୱଚ୍ଛତା ତଥା ବଡାଖାନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପଦ୍ମପୁର ସହରର ବହୁ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ପରିମଳ କର୍ମଚାରୀ, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଡାକ୍ତର କୈଳାସ ମେହେରଙ୍କ



କାର୍ଯ୍ୟକ୍ରମରେ ଉପସ୍ଥିତ ନିବାଚିତ ପ୍ରତିନିଧି ଏବଂ ଅନ୍ୟମାନେ।

ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ପଦ୍ମପୁର ତହସିଲଦାର ତାପସ ବିଶି, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଆକାଉଣ୍ଟାଣ୍ଟ ଏସ୍. ବି. ଲାଲ ମହାପାତ୍ର, କାଉନସିଲର, କର୍ମଚାରୀ ଯୋଗ ଦେଇଥିଲେ। ଦୁଷ୍ମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଖରମୁଣ୍ଡା, ଅତାବିରା ବିଜୟୀ

**ବରଗଡ,୨୭।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲା ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତାର ବୁଧବାର ମ୍ୟାଚ୍‌ରେ ଖରମୁଣ୍ଡା ଓ ଅତାବିରା ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଖରମୁଣ୍ଡା ଓ ଲେବଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏକତରଫା ଭାବେ ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ଖେଳ ଶେଷ ବେଳକୁ ଖରମୁଣ୍ଡା ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିନୟ ଦଣ୍ଡସନା ୨ଟି ଗୋଲ ଦେଇଥିବା ବେଳେ ପ୍ରମୋଦ ପରୁଆ, କୁଶ ପ୍ରଧାନ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି ମ୍ୟାଚ୍‌କୁ ଅଶ୍ୱିନୀ ମେହେର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଗୋପାଳ ନାୟକ, ଉମାଶଙ୍କର ବଣିଆ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ନିରଞ୍ଜନ ମହାକୁଡ଼। ଦ୍ୱିତୀୟ ମ୍ୟାଚ୍ ଅତାବିରା ଓ ଅମ୍ବାପାଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ ଅତାବିରା ଦଳ ୩ - ୧ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ଦିପେଶ ପଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସୁନିଲ ବାଗ ଓ ଅଜୟ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପ୍ରିତମ ବାଗ। ମ୍ୟାଚ୍ କମିଶନର ସଚ୍ଚିଦାନନ୍ଦ ପଣ୍ଡା ଥିଲେ। ସଚ୍ଚିଦାନନ୍ଦ ପଣ୍ଡା, ପଞ୍ଚାନନ ପାତ୍ର, ଗୋପାଳ ନାୟକ ଓ ଉମାକାନ୍ତ ଭେସ୍ରା ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

## ଝେଙ୍ଗନାଡିହିରେ ନୂଆଁଖାଇ ଭେଟ୍‌ଘାଟ୍



ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପାଇକମାଲ,୨୭।୯ (ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକ ଭେଙ୍ଗରାଜପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝେଙ୍ଗନାଡ଼ିହି ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିରଞ୍ଚି ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୌନ୍ତିଆ ଡା. ପ୍ରଭାତ ନାରାୟଣ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବୋଡାସମ୍ବର ଜମିଦାର ତଥା ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମର ମୁଖ୍ୟ ସଂଯୋଜକ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ସେଠ, ଦିନବନ୍ଧୁ ସାହୁ, ପଦ୍ମପୁର ଏବିସିଡି ଅନୁଷ୍ଠାନ ସଭାପତି ଅନିଲ ବେହେରା ଯୋଗଦେଇ ଦୀର୍ଘ ୫୦ ବର୍ଷ ଧରି ଝେଙ୍ଗନାଡ଼ିହି ଗ୍ରାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଯୋଗୁ ଏକ ନିଆରା ପରମ୍ପରା, ଭାଇଚାରା, ପରସ୍ପରକୁ ସାହାଯ୍ୟ କରିବା ପରିବେଶ ସୃଷ୍ଟି କରିଛି ବୋଲି ମତପ୍ରକାଶ କରି ଥିଲେ। ବିଘ୍ନେଶ୍ୱର ଯୁବକ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୃଷକ ପାଳିଲେ ନୂଆଁଖାଇ ଭେଟ୍‌ଘାଟ୍




ଚକୁଲି କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି।

**ସରଣ୍ଡା,୨୭।୯(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଚକୁଲି ସରକାରୀ କୃଷି ଫାର୍ମରେ ବୁଧବାର ପଞ୍ଚାୟତ କୃଷକ ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ସହ ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକଙ୍କ ବିଭିନ୍ନ ସୁବିଧା ଅସୁବିଧା ଉପରେ ଆଲୋଚନା ହୋଇଥିଲା। ସଙ୍ଗଠନ ସଭାପତି ତ୍ରିଲୋଚନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ପରିଷଦ ସଭ୍ୟ ରଣଜିତ ସାହୁ, ଚକୁଲିଫାର୍ମ ସରକାରୀ କୃଷି ଫାର୍ମ ପରିଚାଳକ ତଥା ଅତାବିରା କୃଷି ଅଧିକାରୀ ଉମାକାନ୍ତ ଗଡତିଆ, କୃଷି ବୈଜ୍ଞାନିକ ଦିଲୀପ କୁମାର ରାଉତ, ଚକୁଲି ରାଜସ୍ୱ ନିରୀକ୍ଷକ ପଦ୍ମିନୀ ମହାକୁର, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ସଭାପତି ବୀରେନ୍ଦ୍ର କର, ଲରମ୍ଭା ସୋସାଇଟି ସଭାପତି ରାମ ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦୃଢ଼ ଇଚ୍ଛାଶକ୍ତି, ସମୟ ସହ ସାଧନର ସମନ୍ୱୟ କୃଷକଙ୍କୁ ସଫଳତାରେ ବେଶ୍ ସହାୟକ ହୁଏ ଏବଂ କୃଷିରେ ରାଜନୀତି ନ ହେଉ ବୋଲି ମତବ୍ୟକ୍ତ କରିଥିଲେ। ନରେନ୍ଦ୍ର ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଉପଦେଷ୍ଟା ରାମରତ୍ନାକର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂକ୍ରାମକ ରୋଗ ନିରାକରଣ ସଚେତନତା

**ବରଗଡ଼,୨୭।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରଠାରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ବୁଧବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଲମଣି ପ୍ରଧାନ, ପ୍ରଧାନ ଶିକ୍ଷକ ମଳୟ ବାରିକ, ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ, ଏଏନ୍‌ଏମ୍ ସୁପରଭାଇଜର ଓ ପଞ୍ଚାୟତର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ସଚେତନତା ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ପରିକ୍ରମା କରିଥିଲେ। ଏହି ସମୟରେ ସେମାନେ ମ୍ୟାଲେରିଆ, ଫାଇଲେରିଆ ଓ ଡେଙ୍ଗୁ ଭଳି ସଂକ୍ରାମକ ରୋଗ ନିରାକରଣ ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ବିଭିନ୍ନ




ସଚେତନତା ସଭାରେ ମଞ୍ଚାସୀନ ଅତିଥି।

ସ୍ଥାନରେ ପଥପ୍ରାନ୍ତ ସଭା ହୋଇଥିଲା। ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଦ୍ୟାଳୟ ପରିସରରେ ଆୟୋଜିତ ସଚେତନତା ସଭାରେ ସରପଞ୍ଚ ନାଏକ ଗୋବିନ୍ଦପୁର ପଞ୍ଚାୟତକୁ ଫାଇଲେରିଆ, ମ୍ୟାଲେରିଆ ଓ ଡେଙ୍ଗୁ ରୋଗ ମୁକ୍ତ ପଞ୍ଚାୟତରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମସ୍ତଙ୍କ ମିଳିତ ଉଦ୍ୟମ ଓ ଜନ ସଚେତନତାରେ ହିଁ ଏହା ସମ୍ଭବ ବୋଲି ସେ କହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ସଂଘର ଦାବିପତ୍ର

**ଭେଡ଼େନ,୨୭।୯ (ସୁଦନ ମହାକୁର)**

ରାଜ୍ୟସ୍ତରୀୟ ସରପଞ୍ଚ ସଂଘର ନିଷ୍ପତ୍ତି କ୍ରମେ ବରଗଡ଼ ଜିଲା ଭେଡ଼େନ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ୧୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ବିଡ଼ିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତାଙ୍କ ଅନୁପସ୍ଥିତିରେ ଏବିଡ଼ିଓ ପ୍ରତେଶ କୁମାର ଦୋରା ସ୍ମାରକପତ୍ର ଗ୍ରହଣ କରିଥିଲେ। ସରକାର ଦାବିଗୁଡ଼ିକ ପୂରଣ ନ କରିବା ପର୍ଯ୍ୟନ୍ତ ସରପଞ୍ଚମାନେ ସମସ୍ତ ସରକାରୀ ଯୋଜନାକୁ ସମ୍ପୂର୍ଣ୍ଣ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇ ମାସ ତଳେ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ଏଥିପ୍ରତି ଦୃଷ୍ଟି ନ ଦେବାରୁ ସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବ୍ଲକ ସରପଞ୍ଚ ସଂଘ ସଭାପତି ପ୍ରତାପ ହୋତା ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସ୍ୱାଗତିକା ସୁନା, ସୀମା ମେହେର, ଅକ୍ଷୟ ନାଏକ, ସୁରେନ୍ଦ୍ର କର୍ମୀ, ଜନ୍ମେଜୟ ମିଶ୍ର, ବିଜନ କୁମାର କର୍ମୀ, ଜୟନ୍ତୀ ସେଟଙ୍କ ସମେତ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।




ସରପଞ୍ଚ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।



## ସଂକ୍ଷେପରେ

### ସ୍କୁଟିରୁ ପଡ଼ି ମହିଳା ମୃତ

**ରାଉରକେଲା, ୨୭।୯(ସଙ୍ଗୀତା ଜେନା):** ସ୍କୁଟିରେ ଯାଉଥିବା ବେଳେ ତଳକୁ ଖସି ପଡିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସେକ୍ଟର-୫ରେ ରହୁଥିବା ସୀତା ନାୟକ(୩୫)। ଏ ନେଇ ଝିରପାଣି ଥାନା ପୋଲିସ ଏକ ମାମଲା (ନଂ.୯୫।୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ସୀତା ସ୍ୱାମୀଙ୍କ ସହ ଏକ ସ୍କୁଟିରେ ଝିରପାଣି ସ୍ଥିତ ବାପଘରକୁ ବୁଲିବାକୁ ଯାଇଥିଲେ। ଫେରିବା ବେଳେ କୋଏଲନଗର ଡି ବ୍ଲକ ଅନ୍ନପୂର୍ଣ୍ଣା ମାର୍କେଟ ନିକଟରେ ଅଜଣା ଅଟୋ ଧକ୍କା ଦେବାରୁ ସୀତା ସ୍କୁଟଇରୁ ଛିଟିକି ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚ୍ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଝିରପାଣି ପୋଲିସ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।

### ତାରିଣୀ ଠାକୁରାଣୀଙ୍କ ସୁନାଗହଣା ଚୋରି

**ରାଉରକେଲା, ୨୭।୯(ସଙ୍ଗୀତା ଜେନା):** ଛେଣ୍ଡ ଥାନା ଅଧୀନ ଛେଣ୍ଡ କଳିଙ୍ଗବିହାର ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ତାରିଣୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ଠାକୁରାଣୀଙ୍କ ସୁନା ଓ ରୁପା ଆଖି, ନାକ ଓ ଗହଣା ଚୋରି କରି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୩୯।୨୩) ରୁଜୁକରି ତଦନ୍ତ କରୁଛି।

### ରାଉରକେଲା ଗସ୍ତରେ ପିସିସି ସଭାପତି

**ରାଉରକେଲା, ୨୭।୯(ସଙ୍ଗୀତା ଜେନା):** ପିସିସି ସଭାପତି ଶରତ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ରାଉରକେଲାରେ ପହଞ୍ଚିଛନ୍ତି। ଗୁରୁବାର ସେ ପ୍ରଫେଟ ମହମ୍ମଦ ଜୟନ୍ତୀ, ଘରେ ଘରେ ହାତ କାର୍ଯ୍ୟକ୍ରମ ତଥା ନୂଆଁଖାଇ ଭେଟଘାଟ ଆଦି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ତାଙ୍କୁ ଜିଲା କଂଗ୍ରେସ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା।

### ପୋଖରୀରେ ବୁଡ଼ି ଜଣେ ମୃତ

**ହେମଗିର, ୨୭।୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ କନିକାଠାରେ ଜଣେ ବ୍ୟକ୍ତିଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ କନିକା ଗ୍ରାମର ଫଗୁ ଭୋଇ(୫୪)। ବୁଧବାର କନିକାସ୍ଥିତ ପୋଖରୀକୁ ଫଗୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ସେ ପୋଖରୀରୁ ଆଉ ଆସି ନ ଥିଲେ। ପରେ ପୋଖରୀରେ ଭାସୁଥିବା ଦେଖି ଲୋକେ ତୁରନ୍ତ ଉଦ୍ଧାର କରି କନିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ହେମଗିର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ପାଇପ୍ ଫାଟି ଭାସୁଛି ପାଣି

**ରାଉରକେଲା, ୨୭।୯(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ପାନପୋଷ ରେଲୱେ ଷ୍ଟେଶନ ଗାନ୍ଧୀଛକ ରାସ୍ତାରେ ଦୀର୍ଘ ୬ମାସ ହେଲା ପାଇପ୍ ଫାଟି ପାନୀୟ ଜଳ ନଷ୍ଟ ହେଉଛି। ଏ ନେଇ ଛକର ବ୍ୟବସାୟୀମାନେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ମରାମତି ଦିଗରେ ନା ଆରଏମସି ପଦକ୍ଷେପ ନେଉଛି ନା ପିଏଚ୍‌ଡି ବିଭାଗ ଦୃଷ୍ଟି ଦେଉଛି। ଗୋଟିଏ ପଟେ ପାନୀୟ ଜଳର ଅପଚୟ ରୋକିବା ନେଇ ଆରଏମସି ଓ ପିଏଚ୍‌ଡି ବିଭାଗ ତରଫରୁ ବ୍ୟାପକ ସଚେତନତା କରାଯାଉଥିବା ବେଳେ ୬ମାସ ହେଲା ରାସ୍ତାରେ ପାନୀୟ ଜଳ ଅପଚୟ ହେଉଥିଲେ ସୁଦ୍ଧା କାହାରି ଦୃଷ୍ଟି ପଡୁ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଗତ ୬ ମାସ ତଳେ ପାନପୋଷ ଛକରେ ଆପରାଧିକ ଗତିବିଧି ଉପରେ ନଜର ରଖିବା ପାଇଁ ସ୍ମାର୍ଟସିଟି ପକ୍ଷରୁ ସିସି କ୍ୟାମେରା ଲଗାଯାଇଥିଲା। ସିସି କ୍ୟାମେରା ସ୍ଥାପନ ବେଳେ ଛକରେ ଖୁମ୍ବ ପୋତାଗଲା। ଯେଉଁଠି ଖୁମ୍ବ ପୋତାଗଲା ସେଠାରେ ପାନପୋଷ ବସ୍ତିକୁ ଯାଇଥିବା ପିଏଚ୍‌ଡି



ପାଇପ୍ ଫାଟି ରାସ୍ତାରେ ପାଣି ଭାସୁଛି।

ପାଇପ ରହିଥିଲା। ଏଣୁ ଉକ୍ତ ସ୍ଥାନରେ ଖୁମ୍ବ ନ ପୋତି ଅନ୍ୟତ୍ର ପୋତିବାକୁ ଛକ ବ୍ୟବସାୟୀମାନେ କହିଥିଲେ। ମାତ୍ର ସେମାନଙ୍କ କଥାକୁ ଏଡାଇ ଦେଇ ଉକ୍ତ ସ୍ଥାନରେ ଖୁମ୍ବ ପୋତାଗଲା। ଏଥିଯୋଗୁ ତଳେ ଯାଇଥିବା ପାଣି ପାଇପ୍ ଫାଟିଯିବାରୁ ବର୍ତ୍ତମାନ ଉକ୍ତ ଫଟା ପାଇପ୍‌ରୁ ପାନୀୟ ଜଳ ସିଧାସଳଖ ରାସ୍ତାରେ ଅପଚୟ ହୋଇ ଭାସୁଛି। ରାସ୍ତା କାଦୁଅମୟ ହେଉଥିବା ବେଳେ ଯାନବାହନ ଯାତାୟାତ ସମୟରେ ପାଣି ଛିଟିକା ମାରି ଛକରେ ଥିବା ଦୋକାନକୁ ପଶୁଛି। ତୁରନ୍ତ ଫାଟି ଯାଇଥିବା ପାଣି ପାଇପ୍ ଭାଲ୍‌ବ ମରାମତି କରିବାକୁ ଛକ ଦୋକାନୀ ସନ୍ତୋଷ ସାହୁ, ଅନୀଲ ସାହୁ ଓ ଗୁଡ୍ଡୁ ଝା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ରାଉରକେଲା ପିଏଚ୍‌ଡି ଏସ୍‌ଡିଓ ସୁବାଷ ରାଉତଙ୍କୁ ପଚାରିବାରୁ ଏ ବିଷୟରେ ମୋ ପାଖରେ କୌଣସି ଅଭିଯୋଗ ନାହିଁ ତୁରନ୍ତ ଭାଲ୍‌ବ ମରାମତି ହେବ ବୋଲି କହିଥିଲେ।

# ଟ୍ରକ୍, ଟିପ୍ପର୍ସ ଅଧିକାରୀ ସଂଘ ବୈଠକ




ବୈଠକରେ ମଞ୍ଚାସୀନ ସଂଘ କର୍ମକର୍ତ୍ତା।

**ରାଉରକେଲା, ୨୭।୯(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ବାଲୁଘାଟ ସ୍ଥିତ ଟ୍ରକ୍ ଓ ଟିପର୍ସ ସଂଘ କାର୍ଯ୍ୟାଳୟରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ମାଇନିଂ ଟ୍ରକ୍ ଓ ଟିପର୍ସ ଅଧିକାରୀ ସଂଘ ସଭାପତି ଦିଲୀପ ମହାନ୍ତି, ସାଧାରଣ ସମ୍ପାଦକ ଶିବ ବିଶୋୟୀ, ବେଦବ୍ୟାସ ଟ୍ରକ ଅଧିକାରୀ ସଂଘ ସଭାପତି ବିଜୟ ପ୍ରଧାନ, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ଦେହୁରିଆ, ରାଉରକେଲା ଟ୍ରେଲର୍ସ ଅଧିକାରୀ ସଂଘ ଉପସଭାପତି ରିତ ସାହୁ, ଉପସଭାପତି ଗୁରିନ୍ଦର ସିଂ, ରାଉରକେଲା ଟ୍ରକ୍ ଅଧିକାରୀ ସଂଘ ସଭାପତି ମୁକେଶ ସିଂ ଏବଂ ସମ୍ପାଦକ ଜଗଦୀଶ ଯଶୱାଲ ପ୍ରମୁଖ ଯୋଗଦେଇ ଗାଡ଼ି ଭଡ଼ା ଓ ରାଉରକେଲାକୁ ଟ୍ରାନ୍ସପୋର୍ଟ ନଗର ମାନ୍ୟତା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୈଠକରେ ୪ଟି ପ୍ରମୁଖ ସଂଘ ଆଇନ ପରାମର୍ଶଦାତା ସତ୍ୟ ଶର୍ମା, ଭାଗରଥି ପଲେଇ, ବସନ୍ତ ଲାକ୍ରା, କପିଳା ଓଝା ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସଂଯୋଜକ ବିଶ୍ୱରଞ୍ଜନ ବେହେରା ବୈଠକ ସଂଯୋଜନା କରିଥିଲେ।

### ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ବୃକ୍ଷରୋପଣ

**ରାଉରକେଲା, ୨୭।୯(ସଙ୍ଗୀତା ଜେନା)**

ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ବୁଧବାର ସେକ୍ଟର-୪ ଜି ବ୍ଲକ ପଡ଼ିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୨୦ଟି ବୃକ୍ଷଚାରା ରୋପଣ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ସଭାପତି ଭଗବାନ ପତି, ସଭାପତି ସ୍ୱରୂପ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପ୍ରକାଶ ପାଢ଼ୀ, କଞ୍ଜବିହାରୀ ସାହୁ, ବିମଲ ବିଶି, ପଦ୍ମଲୋଚନ ବାଗ, କିଶୋରୀ ଦାସ, ଉମେଶ ବେହେରା, ଶୁଭେନ୍ଦୁ ପଣ୍ଡା, କେଶବ ସେଠ, ସୂର୍ଯ୍ୟ ପାଢ଼ୀ, ନିଭାସ ଦାସ, ଗୌରୀ ପ୍ରଧାନ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

### କୋଏଲନଗର ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା

**ରାଉରକେଲା, ୨୭।୯(ସଙ୍ଗୀତା ଜେନା)**

ଚଳିତବର୍ଷ କୋଏଲନଗର ମା' ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜାକୁ ସୁଚାରୁ ରୂପେ ପରିଚାଳନା ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସଭାପତି ଭାବେ ପ୍ରଦୀପ ରଥ, ଉପସଭାପତି ଆଶିଷ ନାୟକ, ସମ୍ପାଦକ ବିନୋଦ ବିହାରୀ ସାହୁ, ଉପସମ୍ପାଦକ ଅନୀଲ ପ୍ରସାଦ, କୋଷାଧ୍ୟକ୍ଷ କାହ୍ନୁ ଚରଣ ଦାସ, ଉପକୋଷାଧ୍ୟକ୍ଷ ଭାବେ ବୈଷ୍ଣବ ଦାସ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଇନସାନ ଅଲ୍ଲୀ, ଚିନ୍ତା ସାହୁ, ଶକ୍ତେଶ୍ୱର ପାତ୍ର, ବିଟୁ ମହାନ୍ତି, ଅନୀଲ ପ୍ରସାଦ, ଜିତେନ୍ଦ୍ର ଦାସ ପ୍ରମୁଖ ରହିଛନ୍ତି।

# ଏନ୍‌ଆଇଟି ପରିଦର୍ଶନ କଲେ ଛାତ୍ରୀଛାତ୍ର

**ରାଉରକେଲା, ୨୭।୯(ସଙ୍ଗୀତା ଜେନା)**

କେନ୍ଦ୍ରୀୟ ଅନୁସନ୍ଧାନ ସୁବିଧା (ସିଆରଏଫ୍) ପକ୍ଷରୁ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବୁଧବାର ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପରିଦର୍ଶନ କରିଛନ୍ତି। ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ଚନ୍ଦନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନବିଜ୍ଞାନର ବିଭିନ୍ନ ଦିଗ, ଗବେଷଣା ଓ ନୂତନ ଆବିଷ୍କାର, ଏଆଇ, ରୋବୋଟିକ୍ସ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସିଆରଏଫ୍ ମୁଖ୍ୟ ତଥା କର୍ମଶାଳାର ମୁଖ୍ୟ ସଂଯୋଜକ ଦୟାଲ ରଞ୍ଜନ ପାଢ଼ୀ ବକ୍ତବ୍ୟ ରଖିବା ସହ ପ୍ରଫେସର ପବ୍ରତୀକ କ୍ଷେତ୍ରୀ, ଇରୁ ବହନୋଟ, ଅର୍ଣ୍ଣବ ସରକାର, ରୁଦ୍ର ନାରାୟଣ କାଣ୍ଡି, ଅମ୍ରିତା ସିଂହାଦ, ଶରତ କୁମାର ପ୍ରମୁଖ ଆଲୋଚନା କରିଥିଲେ। ଏଥିରେ ଡିପିଏସ୍‌ର ୯ମ ଓ ୧୦ମ ଶ୍ରେଣୀର ୮୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଡିଫ୍ରାକ୍ସନ ସିଷ୍ଟମ, ଟ୍ରାନ୍ସମିଶନ୍ ଇଲେକଟ୍ରୋନ, ମାଇକ୍ରୋସ୍କୋପ ଓ ଅନ୍ୟ ଅତ୍ୟାଧୁନିକ ମେଶିନ୍‌ର ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ସହ ସଂଯୋଜିକା ସ୍ମୃତିଶିଖା ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିସୁଟ୍‌ରେ ଇ-ମୂଲ୍ୟାଙ୍କନ କେନ୍ଦ୍ର ସ୍ଥାପନ ପାଇଁ ଚୁକ୍ତିନାମା

**ରାଉରକେଲା, ୨୭।୯(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ବିଜୁ ପଟ୍ଟନାୟକ ପ୍ରାଦ୍ୟୋଗିକ ବିଶ୍ୱବିଦ୍ୟାଳୟ, ଓଡିଶା (ବିପିୟୁଟି) ପକ୍ଷରୁ ବୁର୍ଲା ଭିସୁଟରେ ଏକ ନୂତନ ଇ-ମୂଲ୍ୟାଙ୍କନ କେନ୍ଦ୍ର ସ୍ଥାପନ କରାଯିବ। ଏଥିପାଇଁ ଭିସୁଟ ଓ ବିପିୟୁଟି ମଧ୍ୟରେ ଏକ ଚୁକ୍ତିନାମା ବୁଧବାର ସ୍ୱାକ୍ଷରିତ ହୋଇଛି। ବିପିୟୁଟିର ଉପକୁଳପତି ପ୍ରଫେସର ଅମିୟ କୁମାର ରଥ ଏବଂ ଭିସୁଟ (ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ) ଉପକୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ବିପିୟୁଟି ରେଜିଷ୍ଟ୍ରାର ନିଶି ପୁନମ ମିଞ୍ଜ ଓ ଭିସୁଟ ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗଙ୍କ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଆଦାନ ପ୍ରଦାନ ହୋଇଥିଲା। ଏହି ଚୁକ୍ତିନାମା ଉଭୟ ବିଶ୍ୱବିଦ୍ୟାଳୟର ସମସ୍ତ ସେମିଷ୍ଟର ମୂଲ୍ୟାଙ୍କନକୁ ସମୟ ଅବଧି ମଧ୍ୟରେ ପ୍ରକାଶ କରିବାରେ ସହାୟକ ହେବ। ସର୍ବଶ୍ରେଷ୍ଠ ସୁବିଧା ସହିତ ଅନ୍‌ଲାଇନ ମୂଲ୍ୟାଙ୍କନରେ ଉପୁଜିଥିବା ଆଶଙ୍କା ଦୂରୀକରଣ ନେଇ ବିଶେଷ ସହାୟକ ହେବା ସହ ଶିକ୍ଷା ବାତାବରଣକୁ ସରଳ କରିବ। ବିପିୟୁଟି ୨୦୧୫ରୁ ଡିଜିଟାଲ ମୂଲ୍ୟାଙ୍କନ ପ୍ରଣାଳୀ ଆରମ୍ଭ କରି ବର୍ତ୍ତମାନ ସାରା ଓଡିଶାରେ ଇ-ମୂଲ୍ୟାଙ୍କନ କେନ୍ଦ୍ର ସ୍ଥାପନ କରିସାରିଛି। କାର୍ଯ୍ୟକ୍ରମରେ ବିପିୟୁଟି ପରୀକ୍ଷା ନିର୍ଦ୍ଦେଶକ ବି. ବି. ମଙ୍ଗରାଜ, ବିତ୍ତ ଅଧିକାରୀ ସେବତୀ ଦଣ୍ଡସେନା ଓ ଉପରେଜିଷ୍ଟ୍ରାର ପ୍ରଫେସର ପିୟୁଷ ଆର. ଦାସ, ଡ. ଏସ. କେ. ରଥ, ଡ. ଆର. କେ. ଭୂୟାଁ ( ଭିସୁଟ ପରୀକ୍ଷା, ସହାୟକ ନିର୍ଦ୍ଦେଶକ) ପ୍ରମୁଖ ଉପସ୍ଥିତ ଥିଲେ।



ଭିସୁଟ୍ ବିପିୟୁଟି ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର କରାଯାଉଛି।

# ଅଙ୍ଗନୱାଡି କର୍ମୀଙ୍କୁ ମାଡ଼ ଅଭିଯୋଗ

**ବିଶ୍ରା, ୨୭।୯(ବଟକୃଷ୍ଣ ସ୍ୱାଇଁ)**

ସିଡିପିଓ, ଦୁଇଜଣ ସୁପର ଭାଇଜରଙ୍କ ଉପସ୍ଥିତିରେ ଜଣେ ବାହାର ମହିଳା ଅଙ୍ଗନୱାଡ଼ି କର୍ମୀ ସୁଷମା ମାଝିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହାର କୌଣସି ଆଇନଗତ ବ୍ୟବସ୍ଥା ନ କରିବା ଅଭିଯୋଗରେ ନୂଆଗାଁର ଶତାଧିକ ଅଙ୍ଗନୱାଡ଼ି କର୍ମୀ ବିଶ୍ରା ଥାନାରେ ଏକତ୍ରିତ ହୋଇ ନ୍ୟାୟ ଦାବି କରିଥିଲେ। ନୂଆଗାଁ ଲହୁଣ୍ଡା ଅଙ୍ଗନୱାଡି କେନ୍ଦ୍ରରେ ଏକ ସଭା ଚାଲୁଥିବା ସମୟରେ ଲହଣ୍ଡା ଓରାମ ପଡ଼ାରେ ଅନିମା ତିର୍କୀ ସଭା ଗୃହରେ ପଶି ଅଙ୍ଗନୱାଡି କର୍ମୀଙ୍କୁ ଗାଳି ଦେଇ ଅଣ୍ଡା, ଛତୁଆ କାହିଁକି ଦେଉନାହୁ କହି କର୍ମୀ ସୁଷମା ମାଝିଙ୍କୁ ମାଡ଼ ଦେଇଥିଲେ। ସୋମବାର ସୁଷମା ବିଶ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାର କୌଣସି ବିଚାର ନ ହେବାରୁ ନୂଆଗାଁ ବ୍ଲକର ଶତାଧିକ ଅଙ୍ଗନୱାଡି କର୍ମୀ ବୁଧବାର ଆସି ବିଶ୍ରା ଥାନା ଆଗରେ ଏକତ୍ରିତ ହୋଇଥିଲେ।

# ସହରସେବା ମୁଖ୍ୟଙ୍କୁ ଭେଟିଲେ ବସ୍ତିବାସୀ

**ଇସ୍ପାତ ସହରାଞ୍ଚଳ ସମସ୍ୟା**

**ରାଉରକେଲା, ୨୭।୯(ସଙ୍ଗୀତା ଜେନା)**

ଇସ୍ପାତ ସହରାଞ୍ଚଳରେ ଥିବା ବିଭିନ୍ନ ବସ୍ତି ସମସ୍ୟାକୁ ନେଇ ବୁଧବାର ବସ୍ତିବାସୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ସହରସେବା ମୁଖ୍ୟଙ୍କୁ ଭେଟି ଆଲୋଚନା କରିଥିଲେ। ସେକ୍ଟର-୧୬ ଡୁମକେଲା ଅଞ୍ଚଳର ଖଡ଼ିଆପଡ଼ା ବସ୍ତିରୁ ଗୁଆଲାଖଟାଲ ବସ୍ତି ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ସେକ୍ଟର-୧ ଗଞ୍ଜୁ ବସ୍ତିରେ ସୋଲାର ପାଣି ପମ୍ପ ବସାଯାଇଥିବା ସତ୍ତ୍ୱେ ଘରକୁ ଜଳ ଯୋଗାଣ ହେଉନାହିଁ। ସେକ୍ଟର-୧୫ ଅଞ୍ଚଳରେ ପିଚୁ ରାସ୍ତା ନଷ୍ଟ ହୋଇ ରାସ୍ତାରେ ଅନାବନା ଗଛ ମାଡ଼ିବସିଛି। ଏହାକୁ ତୁରନ୍ତ ସଫେଇ କରିବାକୁ ଆଲୋଚନା ହୋଇଥିଲା।

# ଓଡ଼ିଆ, ହିନ୍ଦୀ ନାଟକ ମଞ୍ଚସ୍ଥ

**ରାଉରକେଲା, ୨୭।୯(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଆନୁକୂଲ୍ୟରେ ରାଜଭାଷା ପକ୍ଷ ପାଳନ ଅବସରରେ ସିଭିକ ସେଣ୍ଟରଠାରେ ଆର୍‌ଏସ୍‌ପି କର୍ମଚାରୀମାନଙ୍କ ଦ୍ୱାରା ହାସ୍ୟରସପୂର୍ଣ୍ଣ ଓଡିଆ ଏବଂ ହିନ୍ଦୀ ନାଟକ ମଞ୍ଚସ୍ଥ ହୋଇଯାଇଛି। ଉକ୍ତ ନାଟକ ଉତ୍ସବକୁ ଆରଏସପି, ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଦୀପିକା ମହିଳା ସଂହତିର ଅଧକ୍ଷା ସୀମାଦେବ ଭୌମିକ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ଦୀପିକା ମହିଳା ସଂହତି ଉପାଧକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ହିରଣ୍ମୟୀ ଶତପଥି ଓ ନମ୍ରତା ବର୍ମା ଉପସ୍ଥିତ ଥିଲେ। ପରେ କର୍ମଚାରୀମାନଙ୍କ ଦ୍ୱାରା ଓଡିଆ ନାଟକ 'ହସ୍ତରେଖା' ମଞ୍ଚସ୍ଥ ହୋଇଥିଲା। ଓଡିଆ ନାଟକ ସିପି-୨ ବିଭାଗର ଏମଓଏମଟି ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଓ ପ୍ରଭାତ ପାତ୍ରଙ୍କ ରଚିତ ଥିଲା। ସେହିପରି କର୍ମଚାରୀମାନଙ୍କ ଦ୍ୱାରା ହିନ୍ଦୀ ନାଟକ 'ବଡି ମୁସ୍କିଲ ହୈ' ଯାହାକି ବ୍ୟଙ୍ଗାତ୍ମକ ପ୍ରେମ ଶୀର୍ଷକ ଥିଲା। ହିନ୍ଦୀ ନାଟକ ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଏସଓଏସଟି ପରେଶ ମହେତୋ ନିର୍ଦ୍ଦେଶିତ ଓ ପରିବହନ ବିଭାଗର ଅପରେଟର ସରୋଜ କକିଙ୍କ ରଚିତ ଥିଲା। ଲୋକସମ୍ପର୍କ ବିଭାଗର ଏମ୍‌ଟି ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ରାଜଭାଷା ୟୁନିଟ୍ ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥି ଓ ଏଜିଏମ ସୁଶ୍ରୀ ଲୋଲାଟି ଟପ୍ପୋଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉଭୟ ନାଟକ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ ଦେଇଥିବା ବେଳେ ଉଭୟ ଓଡିଆ ଓ ହିନ୍ଦୀ ନାଟକରେ ଜୀବନ୍ତ ଅଭିନୟ କରିଥିବା ଅଭିନେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ନାଟକର କଳାକାର ଏବଂ ନାଟ୍ୟକାରମାନେ।

# ତାଲିମ ନେବାକୁ ଭୁବନେଶ୍ୱର ଗଲେ ୫୭ ଛାତ୍ରୀଛାତ୍ର

**ଆର୍‌ଏସ୍‌ପି ପାର୍ଶ୍ୱାଞ୍ଚଳ ବିକାଶ ପ୍ରକଳ୍ପ**

**ରାଉରକେଲା, ୨୭।୯(ବପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ସିଧାସଳଖ ପ୍ରଭାବ ଜୋନ୍‌ରେ ରହୁଥିବା ବଞ୍ଚିତ ଶ୍ରେଣୀ ଯୁବବର୍ଗଙ୍କୁ ନିଯୁକ୍ତି କ୍ଷମତା ବୃଦ୍ଧି ନେଇ ବୁଧବାର ସିଏସ୍‌ଆର ପଦକ୍ଷେପ ପ୍ରକଳ୍ପ ସମର୍ଥ ଆରମ୍ଭ ହୋଇଛି। ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏକ ସ୍ୱତନ୍ତ୍ର କୋଚିଂ ପାଠ୍ୟକ୍ରମ ପାଇଁ ୫୭ଜଣ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ ଭିତ୍ତିକ ଯାତ୍ରାରେ ଉପଯୋଗ ଏକ ବସ୍‌କୁ ସିଭିକ ସେଣ୍ଟରରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ସହର ପ୍ରଶାସନ ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ପି. କେ. ସ୍ୱାଇଁ ଏବଂ ଆର୍‌ଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭୌମିକ ଏହି ପ୍ରୟାସ ମାଧ୍ୟମରେ ଯୁବବର୍ଗ କିପରି ନିଜ ପ୍ରତିଭା ପ୍ରଦର୍ଶନ କରି ରୋଜଗାରକ୍ଷମ ହୋଇପାରିବେ ଓ ସମାଜରେ ନିଜର ସକରାତ୍ମକ ଅବଦାନ ଦେବାକୁ ସମର୍ଥ ହେବେ ତାହା ଏକମାତ୍ର ଲକ୍ଷ୍ୟ ବୋଲି କହିଥିଲେ। ପରେ ପି. କେ. ଶତପଥି ବଞ୍ଚିତ ବର୍ଗର ଛାତ୍ରୀଛାତ୍ରମାନଙ୍କୁ ସୁଯୋଗର ସଦୁପଯୋଗ କରି ଉଜ୍ୱଳ ଭବିଷ୍ୟତ ଗଠନ କରିବା ସହିତ ନିଜ ଜ୍ଞାନଦକ୍ଷତା ବଳରେ ପ୍ରତିଯୋଗିତାମୂଳକ ସ୍ଥିତିରେ ନିପୁଣତା ହାସଲ କରିବାକୁ କହିଥିଲେ। ଏହାପରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଛାତ୍ରୀଛାତ୍ରମାନଙ୍କୁ ବସ୍ ଉପରୁ ଫ୍ଲାଗ୍ ଅଫ୍ କରି ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଅଭିମୁଖେ ଯାତ୍ରା ଶୁଭାରମ୍ଭ କରାଇଥିଲେ। ଯାତ୍ରା କରୁଥିବା ଛାତ୍ରୀଛାତ୍ରଙ୍କ ଗୋଷ୍ଠୀରେ ୩୦ଜଣ ଆଇଟିଆଇ ଡିଗ୍ରିଧାରୀ ଓ ୨୭ଜଣ ଡିପ୍ଲୋମାଧାରୀ ରହିଛନ୍ତି। ସମସ୍ତ ଛାତ୍ରୀଛାତ୍ର ରାଉରକେଲା ତଥା ଆଦର୍ଶ ଇସ୍ପାତ ଗ୍ରାମ ଓ ପୁନର୍ବସତି କଲୋନୀ ସହିତ ପାର୍ଶ୍ୱାଞ୍ଚଳର ବାସିନ୍ଦା । ଆଇଟିଆଇ ଏବଂ ଡିପ୍ଲୋମା ଡିଗ୍ରୀଧାରୀମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ୬ମାସ ଯାଏ ଚାଲିବ। ପରେ ଗୋଟିଏ ବର୍ଷ ପାଇଁ ହ୍ୟାଣ୍ଡହୋଲ୍ଡିଂ ଅବଧି ଧାର୍ଯ୍ୟ ରହିଛି। ଏଥିପାଇଁ ମୋଟ ୫୭.୬୪ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ସିଏସଆର ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ ମିତ୍ର ଏବଂ ଏଜିଏମ ଟି. ବି. ଟପ୍ପୋ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଛାତ୍ରୀଛାତ୍ର ବସ୍ ଯୋଗେ ଯାତ୍ରା କରିବାକୁ ଯାଉଛନ୍ତି।

## ସଂକ୍ଷେପରେ

### ବୃକ୍ଷ ସୁରକ୍ଷା ନେଇ ସଚେତନତା

**ସମ୍ବଲପୁର,୨୭।୯(ବି.ଶଙ୍କର)**

ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଧବାର ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ ଇଣ୍ଡିଆ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଏଥିସହ ବୃକ୍ଷର ସୁରକ୍ଷା କିପରି ନିଆଯିବ ସେ ନେଇ ସଚେତନ କରାଯାଇଥିଲ । ଡ୍ରିମ ଇଣ୍ଡିଆ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷିନୀ ପଟ୍ଟନାୟକ ଓ ଅନ୍ୟ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ସତନାମୀ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟ ଶିକ୍ଷକ ସୁନୀଲ ସାଗର ପରିବେଶ କିଭଳି ସବୁଜ ସୁନ୍ଦର ରହିବ ସେ ଦିଗରେ ସଚେତନ କରାଇଥିଲେ।

### ଓଏସ୍‌ଓୟୁ କୁଳପତି ରେଡ୍‌କ୍ରସ ସୋସାଇଟିର ପୃଷ୍ଠପୋଷକ

**ସମ୍ବଲପୁର,୨୭।୯(ବି.ଶଙ୍କର)**

ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଜିଲା ରେଡକ୍ରସ ସୋସାଇଟିର ପୃଷ୍ଠପୋଷକ ହୋଇଛନ୍ତି। ବୁଧବାର ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଜିଲାପାଳ ଅନନ୍ୟା ଦାସ ଉପସ୍ଥିତ ରହି ପୃଷ୍ଠପୋଷକ ନେଇ ସ୍ୱୀକୃତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ରେଡ୍‌କ୍ରସ ସୋସାଇଟି ସମ୍ପାଦକ ଜୟ ଜର୍ଜ, ଜିଲା ରେଡକ୍ରସର ପୃଷ୍ଠପୋଷକ ନିହାଲ ସିଂ, କ୍ଷେତ୍ର ସଂଯୋଜିକା ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ହିଣ୍ଡାଲ୍‌କୋ ପକ୍ଷରୁ ବହୁମୁଖୀ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ସମ୍ବଲପୁର,୨୭।୯(ବି.ଶଙ୍କର)**

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଲରପଙ୍କଠାରେ ସ୍ଥାୟୀ ବହୁମୁଖୀ କମ୍ୟୁନିଟି ସେଣ୍ଟର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ହିଣ୍ଡାଲ୍‌କୋର ଯୁଗ୍ମସଭାପତି ମାନବ ସମ୍ବଳ କ୍ରିଷ୍ଣା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଭାଜପା ସଭାପତି ଗିରିଶ ପଟେଲ ସମ୍ମାନିତ ଅତିଥି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିଣ୍ଡାଲ୍‌କୋର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ, ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ସୁକାନ୍ତ ମହାପାତ୍ର, ମ୍ୟାନେଜେର ଆନନ୍ଦ ଚକ୍ରବର୍ତ୍ତୀ, ଏଫ୍‌ଆର୍‌ପି ସିଏସ୍‌ଆର୍ ଜିତେଶ ଉପସ୍ଥିତ ଥିଲେ । ଦୁର୍ଗାପୂଜା କମିଟି ସଭାପତି ସୁରେନ୍ଦ୍ର ଚୌବେଙ୍କ ଅଧ୍ୟକ୍ଷତରେ କାର୍ଯ୍ୟକ୍ରମ ହୋଇଥିଲା । ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ରାଜେନ୍ଦ୍ର କୁମାର ଚୌବେ ଧନ୍ୟବାଦ ଅର୍ପଣ କରିଥିଲେ।

### ବିକାଶ ଫାଉଣ୍ଡେଶନ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

**କୁଚିଣ୍ଡା,୨୭।୯(ବିରଞ୍ଚି ଦର୍ଜା)**

ବାମରା ବ୍ଲକ ଜରାବଗା ପଞ୍ଚାୟତ କାର୍ଯ୍ୟାଳୟଠାରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବୁଧବାର ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରଙ୍ଗବତୀ ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଜରାବଗା ସରପଞ୍ଚ ଲାବଣ୍ୟ ନାଏକ, ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ଅରୁଣ କୁମାର ପଟେଲ ଓ ଶିକ୍ଷକ ବିଭୂଷଣ ଲୁହାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଜରାବଗା ସମେତ ଆଖପାଖ ଅଞ୍ଚଳର ୧୪ଶହ ୯ଜଣଙ୍କ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ଚର୍ମ, ଭେଷଜ ଓ ଅସ୍ଥିଶଲ୍ୟ ବିଭାଗ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିରକୁ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସଂଯୋଜକ ଅଶୋକ କୁମାର ସିଂ, ଅଭୟ କୁମାର ବଗର୍ତ୍ତୀ, ଅସୀତ କୁମାର ପ୍ରଧାନ ଓ ଚନ୍ଦ୍ରଶେଖର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ସ୍ୱତନ୍ତ୍ର ଦକ୍ଷତା ଶିବିର

**ଜମନକିରା,୨୭।୯(ରବୀନ୍ଦ୍ର ଦାନି)**

ଜମନକିରା ବ୍ଲକ କାର୍ଯ୍ୟାଳୟ ପରିସର ଓଡ଼ିଶା ଜୀବିକା ମିଶନ ସଭାଗୃହଠାରେ ବୁଧବାର ସ୍ୱତନ୍ତ୍ର ଦକ୍ଷତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ନିଯୁକ୍ତି ବିଭାଗ ଅଧିକାରୀ ଅଜୟ କୁମାର ଦାଶ, ଓର୍‌ମାସ୍ ଜିଲା ସଂଯୋଜିକା କିରଣମୟୀ ମିଶ୍ର, ବ୍ଲକ ଆକାଉଣ୍ଟ ଅଫିସର ଋଷଭ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ଜୀବିକା ମିଶନ ଅଧିକାରୀ ସରୋଜ ମିଶ୍ର ବୈଠକ ପରିଚାଳନା କରିଥିଲେ। ଏଥିରେ ମୋଟ ୮୬ ଜଣ ପ୍ରାର୍ଥୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ।

# ବଢ଼ିଲା ସଭ୍ୟ ସଂଖ୍ୟା, ମହିଳାଙ୍କୁ ଉପେକ୍ଷା

**ସମ୍ବଲପୁର,୨୭।୯(ଶୁଭାଶିଷ ପାଢ଼ୀ)**

**ବିଜେଡି ଜିଲା କମିଟି ଗଠିତ**

ବିଧାୟକ ରୋହିତ ପୂଜାରୀ ସମ୍ବଲପୁର ଜିଲା ସଭାପତି ଭାବେ ଘୋଷଣା ହେବାର ଦିନକ ପରେ ବୁଧବାର ନୂତନ ଜିଲା କମିଟି ତାଲିକା ପ୍ରକାଶ ପାଇଛି। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱୀକୃତି କ୍ରମେ କମିଟି ଗଠନ କରାଯାଇଛି। ନୂତନ ତାଲିକାରେ ନୂଆ ଚେହେରା ଓ କିଛି ପୁରୁଣା କର୍ମୀଙ୍କ ନାମ ରହିଛି। ଗତ ଜିଲା କମିଟି ତୁଳନାରେ ସଭ୍ୟ ସଂଖ୍ୟା ହାରାହାରି ୨ଗୁଣରୁ ଅଧିକ ବୃଦ୍ଧି ପାଇଛି। ହେଲେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇ ନାହିଁ। ପୂର୍ବ କମିଟିରେ ୩ ଜଣ ମହିଳା ସାମିଲ ହୋଇଥିବା ବେଳେ ଏବେ ମାତ୍ର ଜଣେ ମହିଳାଙ୍କୁ ସମ୍ପାଦକ ପଦରେ ନିଯୁକ୍ତ କରାଯାଇଛି। ବିଜେଡି ମହିଳାଙ୍କୁ ଅଗ୍ରାଧିକାର କଥା କହୁଥିବା ବେଳେ ଜିଲା କମିଟିରେ ଏହି ନିୟମ ପାଳନ କରାଯାଇ ନାହିଁ। ଏହାକୁ ନେଇ କେତେଜଣ କର୍ମୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ପାଇଥିବା ତାଲିକାକୁ ଦେଖିଲେ ଜିଲା ଉପସଭାପତି ପଦରେ ଗତ ଥର ୭ ଜଣ ରହିଥିବା ବେଳେ ଏବେ ୧୨ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ୧୦ ଜଣ ରହିଥିବା ବେଳେ ଏହା ୨୬ ଜଣଙ୍କୁ ବୃଦ୍ଧି ପାଇଛି। ସମ୍ପାଦକ ପଦରେ ଗତଥର ୧୪ ଜଣ ଥିବାବେଳେ ଚଳିତବର୍ଷ ଏହାକୁ ବୃଦ୍ଧିକରି ୩୧ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ହାରାହାରି ଦେଖିଲେ ଗତଥର ମୋଟ ୩୧ ଜଣ ଜିଲା କମିଟିର ବିଭିନ୍ନ ପଦରେ ଥିବା ବେଳେ ଏହି ସଂଖ୍ୟା ୬୯ ରହିଛି। ୩୮ ଜଣ ନୂତନ ସଦସ୍ୟଙ୍କୁ ସ୍ଥାନ ଦିଆଯାଇଛି। ଏହି ତୁଳନାରେ ମହିଳା ସଦସ୍ୟ ସଂଖ୍ୟା ୧୦ ଜଣଙ୍କୁ ବୃଦ୍ଧି କରିଥିଲେ ଦଳ ପାଇଁ ଉଚିତ ହୋଇଥାନ୍ତା ବୋଲି କର୍ମୀ ମହଲରେ ମତ ପ୍ରକାଶ ପାଉଛି। ଅନ୍ୟପଟେ ଅନୁସୂଚିତ ଜାତି ଓ ଜନଜାତି କର୍ମୀମାନଙ୍କୁ ମଧ୍ୟ ସଦସ୍ୟ ପଦରେ ସଂଖ୍ୟା ଅନୁପାତରେ ସାମିଲ କରାଯାଉ ନାହିଁ ବୋଲି ଆଲୋଚନା ହେଉଛି। ଯାହା ହେଉ ନା କାହିଁକି ୨୦୨୪ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ଦଳରେ ସଭ୍ୟପଦକୁ ବୃଦ୍ଧି କରାଯାଇଛି ଓ ଏଥିରେ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ରୋହିତ ପୂଜାରୀ କହିଛନ୍ତି, ମହିଳାଙ୍କୁ ଦଳରେ ଅଗ୍ରାଧିକାର ଦିଆଯାଉଛି। ମହିଳାଙ୍କ ସ୍ୱତନ୍ତ୍ର ସଙ୍ଗଠନ ରହିଛି। ସେମାନେ ବିଭିନ୍ନ ପଦପଦବୀରେ ରହି ସକ୍ରିୟ ଭାବେ କାମ କରୁଛନ୍ତି। ତେଣୁ ନୂତନ ଟିମ୍‌ରେ ଯୁବବର୍ଗ ଅଧିକ ଅଛନ୍ତି ବୋଲି ସେ କହିଥିଲେ।

# ଶିକ୍ଷା ସଚେତନତା ରଥ ଶୁଭାରମ୍ଭ



ଶିକ୍ଷା ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

**ସମ୍ବଲପୁର,୨୭।୯(ବି.ଶଙ୍କର)**

ସମ୍ବଲପୁର ଜିଲା ଧନକଉଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଶିକ୍ଷା ସଚେତନତା ରଥ ଜିଲା ଶିକ୍ଷା କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଛି। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଓ ଧନକଉଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଆରମ୍ଭ କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ମୁରଲିଧର ବେହେରା, ଜୟଶ୍ରୀ ଦୋରା ଓ ରମେଶ କୁମାର ମିଶ୍ର, ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ଅନୁପମା ମହାପାତ୍ର ଉପସ୍ଥିତ ଥିଲେ। ଏହି ରଥ ୧୦ଦିନ ଧରି ବିଭିନ୍ନ ଗ୍ରାମ ଭ୍ରମଣ କରି ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁଣି ଶିକ୍ଷାର ମୁଖ୍ୟ ସ୍ରୋତରେ ଅଣିବାକୁ ସଚେତନ କରିବ। ଏଥିସହ ଅଭିଭାବକମାନଙ୍କୁ ମଧ୍ୟ ସଚେତନ କରିବ ବୋଲି ଧନକଉଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି ।

# ଏସ୍‌ୟୁସିଆଇ ପକ୍ଷରୁ ବାମରା ବ୍ଲକ ଘେରାଉ

**କୁଚିଣ୍ଡା,୨୭।୯(ବିରଞ୍ଚି ଦର୍ଜା)**

ବାମରା ବ୍ଲକ ଏସୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ବୁଧବାର ବାମରା ବ୍ଲକ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଛତ୍ରିଆଙ୍କ ନେତୃତ୍ୱରେ ବାମରା ପୂର୍ତ୍ତବିଭାଗ ବଙ୍ଗଳାରୁ ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଭିନ୍ନ ସମସ୍ୟା ନେଇ ନେତାମାନେ ଆଲୋଚନା କରି ବିଡିଓ ପୁଷ୍ପକ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ଶ୍ରମବିଭାଗ ସମସ୍ତ ଶ୍ରମିକଙ୍କ ନବୀକରଣ ବନ୍ଦ କରି ଅବିଳମ୍ବେ ସହାୟତା ପ୍ରଦାନ କରିବା, ବାମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ କରିବା, ବ୍ଲକର ସମସ୍ତ ଜମିକୁ ଜଳସେଚନ ଓ ଫସଲର ଉପଯୁକ୍ତ ମୂଲ୍ୟ ପ୍ରଦାନ, ବର୍ଷାରେ ଭାଙ୍ଗିଯାଇଥିବା ରାସ୍ତା ମରାମତି, ଲହରଙ୍ଗା ନଦୀରେ ପୋଲ ନିର୍ମାଣ, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଓ ବିଦ୍ୟୁତ୍ କାଟ ବନ୍ଦ କରିବା, କମ୍ପାନୀ ସ୍ୱାର୍ଥରେ ଜଙ୍ଗଲ ସଂଶୋଧନ ଆଇନ-୨୦୨୩କୁ ବାତିଲ କରିବା, ଜଙ୍ଗଲ ଜମିରେ ବସବାସ କରୁଥିବା ଅଧିବାସୀଙ୍କୁ ପଟ୍ଟା ପ୍ରଦାନ, ଜାତୀୟ ଶିକ୍ଷାନୀତି ୨୦୨୦କୁ ବାତିଲ କରିବା ଆଦି ଅନ୍ୟତମ। ଆନ୍ଦୋଳନରେ ହରିହର ଟପ୍ପୋ, ମମତା ମହାନନ୍ଦ, ଖଗେଶ୍ୱର ବିଶ୍ୱାଳ, ବିନୋଦ କାହାଳୀ, ସୁବାସ ମେହେର, ପୁଷ୍ପାଞ୍ଜଳି ନାୟକ, ନମିତା ମାଝି, ବିକ୍ରମ ଟପ୍ପୋଙ୍କ ସମେତ ଏସ୍‌ୟୁସିଆଇ କର୍ମକର୍ତ୍ତା ଯୋଗଦେଇଥିଲେ।



ଏସ୍‌ୟୁସିଆଇ କର୍ମକର୍ତ୍ତାଙ୍କ ଶୋଭାଯାତ୍ରା ।

### ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

**ନାକଟିଦେଉଳ,୨୭।୯(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶୁଭେନ୍ଦ୍ର କୁମାର ପ୍ରଧାନ ମୁଖ୍ୟଅତିଥି, କିସିଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ସମିତି ସଭ୍ୟା ବିଳାସିନୀ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ୪ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ। ସେହିପରି ମହୁଲକୁଦସ୍ଥିତ ସେବାଶ୍ରମ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁହାସିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଡିଓ ବିଦ୍ୟାଧର ରାଉତରାୟ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ, ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୯୪ଜଣ ଅଭିଭାବକ ଉପସ୍ଥିତ ଥିଲେ।

# ଷଣ୍ଢପଥର ହାଇସ୍କୁଲରେ ଅଭିଭାବକ ଆମ ଅଂଶୀଦାର ବୈଠକ



ବୈଠକରେ ମଞ୍ଚାସୀନ ଅତିଥିଗଣ ।

**ଜମନକିରା,୨୭।୯ (ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ବୁଧବାର ଅଭିଭାବକ ଆମ ଅଂଶୀଦାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଆଶ୍ରିତା ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତାପିତା ଶିକ୍ଷକମାନଙ୍କ ସହ ଯୋଗାଯୋଗ କରି କିଭଳି ପିଲାଙ୍କ ସମସ୍ୟା ଦୂର କରିପାରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସମାଜ ମଙ୍ଗଳ ଅତିରିକ୍ତ ଅଧିକାରୀ ସୁବାସ ସାହୁ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଜୋନ-୧ ସଭ୍ୟା ସୁଜାତା ଖୁଣ୍ଟିଆ, ଜୋନ-୨ ସଭ୍ୟା ତନୟା ଧରୁଆ, ବଡରମା ସରପଞ୍ଚ ବିଜୟ ନାୟକ, ଟିଙ୍କିବା ସରପଞ୍ଚ ମମତା ଭେଂଗ୍ରା, ଗୋଷ୍ଠୀ ମଙ୍ଗଳ ଅଧିକାରୀ ଐଶର୍ଯ୍ୟ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଜଗତ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସ୍ୱରୂପା ମାଝି ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ବହୁ ସଂଖ୍ୟକ ଅଭିଭାବକ ଯୋଗ ଦେଇଥିଲେ।

# ବିଶ୍ୱ ପର୍ଯ୍ୟଟନ ଦିବସରେ ପ୍ରତିଯୋଗିତା



ଜିଲାପାଳଙ୍କ ସହିତ କୃତୀ ଛାତ୍ରୀଛାତ୍ର ।

**ସମ୍ବଲପୁର,୨୭।୯(ଶୁଭାଶିଷ ପାଢ଼ୀ)**

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜିଲା ପର୍ଯ୍ୟଟନବିଭାଗ ପକ୍ଷରୁ ପାନ୍ଥନିବାସଠାରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସ୍ତରରେ ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲର ଆର୍ଣ୍ଣବ ସଞ୍ଜୀବ ମିଶ୍ର ପ୍ରଥମ, ବୁଢାରଜା ସରକାରୀ ହାଇସ୍କୁଲର ନିଖିଲ କୁମାର ପୂଜାରୀ ଦ୍ୱିତୀୟ ଓ ଦୟାନନ୍ଦ ପବ୍ଲିକ ସ୍କୁଲ ପଡିଆବାହାଲର ତେଜଶ୍ରୀ ସ୍ମିତିପ୍ରଜ୍ଞା ନନ୍ଦ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେହିପରି କଲେଜ ସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ଆଦ୍ୟାଶା କୁଲ୍ଲୁର ପ୍ରଥମ, ଗଙ୍ଗାଧର ମେହେର ଜୁନିଅର କଲେଜର ରିମା ଗୌଡ଼ ଦ୍ୱିତୀୟ ଓ ବିକାଶ କଲେଜର ରାହୁଲ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (ଉତ୍ତରାଞ୍ଚଳ) ବିଜୟ କୁମାର ମିଶ୍ର, ଆସିଷ୍ଟାଣ୍ଟ ଡାଇରେକ୍ଟର ଏମ୍ପ୍ଲୟମେଣ୍ଟ ଶଙ୍କର ଚରଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। କୁଇଜ ମାଷ୍ଟର ଭାବେ ପର୍ଯ୍ୟଟନ ବିଭାଗର ଓଏସ୍‌ଡି ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ପ୍ରକଳ୍ପ ସମୀକ୍ଷା କଲେ ଆର୍‌ଡିସି

**ସମ୍ବଲପୁର,୨୭।୯ (ଶୁଭାଶିଷ ପାଢ଼ୀ)**

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ବୁଧବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ରେଳବାଇ ପ୍ରକଳ୍ପ ଯଥା ଖୋର୍ଦ୍ଧା-ବଲାଙ୍ଗୀର, ସମ୍ବଲପୁର-ତାଳଚେର, ସମ୍ବଲପୁର-ଟିଟିଲାଗଡ଼, ବୃନ୍ଦାମାଳ-ଝାରସୁଗୁଡା, ଆଇବି ଫ୍ଲାଇଓଭର, ସେଲେଗାଁ-ବୁଢାପଙ୍କ ୪ ଲେନ, ଅନୁଗୋଳ-ସୁକିନ୍ଦା, ରାଞ୍ଚି-ବନ୍ଦମୁଣ୍ଡା, ଜାତୀୟ ରାଜପଥ ଅନ୍ତର୍ଗତ ଅନୁଗୋଳ-କଟକ, ବଅଁରପାଳ-ଗୋଧିବନ୍ଧ, ତାଳଚେର-ଡୁବୁରୀ-ଚଣ୍ଡିଖୋଲ, ବୀରମିତ୍ରପୁରରୁ-ବ୍ରାହ୍ମଣି ବାଇପାସ୍, ରାଜାମୁଣ୍ଡାରୁ ବାରକୋଟ, କୋଇଡାରୁ ରାଜାମୁଣ୍ଡା, ସିଂଘରା -ବ୍ରିଜ୍ଞାବାହାଲ, ପାଣିକୋଇଲି-ରିମୁଳି, ବ୍ରିଜ୍ଞାବାହାଲ-ତିଳେଇବଣି, ସମ୍ବଲପୁର ରିଂ ରୋଡ଼, ଅନୁଗୋଳ-ସମ୍ବଲପୁର, ରେଢ଼ାଖୋଲ ବାଇପାସ୍ ସମୀକ୍ଷା କରିଥିଲେ। ଏହାସହିତ ତାଳଚେର-ବିମଳଗଡ଼ ରେଳ ଲିଙ୍କ ପ୍ରକଳ୍ପ ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଥିଲେ। କାମ ତ୍ୱରାନିତ କରି ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ପ୍ରକଳ୍ପ ସାରିବାକୁ ଆର୍‌ଡିସି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉତ୍ତରାଞ୍ଚଳ ଅନ୍ତର୍ଗତ ସମସ୍ତ ଜାତୀୟ ରାଜପଥର ପିଡି, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଓ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ପଟ୍ଟା ପାଇଁ ତହସିଲ ଅଫିସରେ ପଶିଲେ ମହିଳା

**ସମ୍ବଲପୁର,୨୭।୯ (ଶୁଭାଶିଷ ପାଢ଼ୀ)**

ଭୂମିହୀନ ବୋଲି ପଟ୍ଟା ପାଇଥିଲେ। ହେଲେ ଦଖଲ ଦିଆଯାଉ ନାହିଁ। ଏହାର ପ୍ରତିବାଦରେ ବୁଧବାର ଯୁଯୁମୁରା ତହସିଲ ଅଫିସ ଭିତରେ ପଶି ନାରାବାଜି କରିଥିଲେ ମହିଳାମାନେ। ପୂର୍ବରୁ ଏହି ସମସ୍ୟା ନେଇ ସେମାନେ ବାରମ୍ବାର ଆନ୍ଦୋଳନ କରିଥିଲେ। ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନରୁ ଓହରି ଯାଉଥିଲେ। ହେଲେ ବୁଧବାର ଅଫିସ ଭିତରେ ପ୍ରାୟ ୩ ଘଣ୍ଟା ଧରି ବସିରହିଥିଲେ। ଶେଷରେ ତହସିଲଦାର ଅଭିଷେକ ସାହୁ ଜମି ଚିହ୍ନଟ ପ୍ରକ୍ରିୟା ତ୍ୱରାନିତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅଭିଯୋଗ କ୍ରମେ ଭୂମିହୀନ ବୋଲି ସରକାରୀ ଯୋଜନାରେ ସେମାନଙ୍କୁ ଜମି ପଟ୍ଟା ମିଳିଥିଲା। ପ୍ରାୟ ୧୭ବର୍ଷ ବିତିଯାଇଥିଲେ ମଧ୍ୟ ଜମିରେ ଦଖଲ ମିଳୁ ନାହିଁ। ଏ ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ତହସିଲଦାର ପର୍ଯ୍ୟନ୍ତ ଗୁହାରି କରି ମଧ୍ୟ ସୁଫଳ ନ ମିଳିବାରୁ ଏଭଳି ପଦକ୍ଷେପ ନେଇଥିବା ଆନ୍ଦୋଳନକାରୀ ପ୍ରକାଶ କରିଥିଲେ। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ସ୍ଥାନୀୟ ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଭାଜପା ନେତ୍ରୀ ସସ୍ମିତା ଦେହୁରି, ଯୁଯୁମୁରା ମଣ୍ଡଳ ସଭାପତି ଓମ୍‌ପ୍ରକାଶ ବିଶ୍ୱାଳଙ୍କ ସମେତ ମହିଳାମାନେ ଉପସ୍ଥିତ ଥିଲେ।



ଯୁଯୁମୁରା ତହସିଲ ଅଫିସରେ ମହିଳାଙ୍କ ଧାରଣା ।

# ବିପିୟୁଟି ଓ ଭିସୁଟ୍ ମଧ୍ୟରେ ଏମ୍‌ଓୟୁ

**ସମ୍ବଲପୁର,୨୭।୯(ଶୁଭାଶିଷ ପାଢ଼ୀ)**

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଖାତା ମୂଲ୍ୟାୟନରେ ସ୍ୱଚ୍ଛତା ଓ ସ୍ୱଳ୍ପ ସମୟରେ ମୂଲ୍ୟାୟନ ପାଇଁ ବୁଧବାର ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ବିପିୟୁଟି ଓ ବୁର୍ଲାର ଭିସୁଟ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଆଗାମୀ ତିନିବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ବୁଝାମଣା ଆଧାରରେ ବିପିୟୁଟିର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଖାତାର ଇ-ମୂଲ୍ୟାୟନ ଭିସୁଟ୍‌ରେ ହେବ। ଫଳରେ ତ୍ୱରିତ ଫଳ ପ୍ରକାଶ ପାଇବ। ଏହି ବୁଝାମଣା ସମୟରେ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି ଓ ବିପିୟୁଟି କୁଳପତି ଅମିୟ ରଥ ଉପସ୍ଥିତ ରହି ଦସ୍ତଖତ କରିଥିଲେ। ବିପିୟୁଟିର କୁଳସଚିବ ନିଶି ପୁନମ ମିଞ୍ଜ, ବିତ୍ତ ନିୟନ୍ତ୍ରକ ସେବତି ଡନସେନା, ପ୍ରଫେସର ପିୟୁଷ ରଞ୍ଜନ ଦାସ ଓ ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ, ବିତ୍ତନିୟନ୍ତ୍ରକ ତୁଳାରାମ କଲେତ ପ୍ରମୁଖ ଉପସ୍ଥିତ ଥିଲେ।



ବୁର୍ଲା ଭିସୁଟ୍ ଓ ବିପିୟୁଟି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର କରାଯାଉଛି।

# ଖାଲିପଡ଼ିଛି ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ

**ପାଣିମୁରା, ଗିରିଶ୍ଚନ୍ଦ୍ରପୁର ଏଏନ୍‌ଏମ୍ ସବ୍‌ସେଣ୍ଟର**

■ **ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗର୍ଭବତୀ ମହିଳା, କିଶୋରୀ ବାଳିକା**

**ନାକଟିଦେଉଳ,୨୭।୯ (ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକର ଆଦିବାସୀ ଅଧ୍ୟୁଷିତ ପାଣିମୁରା ଓ ଗିରିଶ୍ଚନ୍ଦ୍ରପୁର ଏଏନ୍‌ଏମ୍ ସବ୍‌ସେଣ୍ଟରରେ ଦେଢବର୍ଷ ହେଲା ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡିଛି। ଏପରି କି ପାଣିମୁରା ସେଣ୍ଟରର ନିଜସ୍ୱ ଗୃହ ଖଣ୍ଡିଏ ମଧ୍ୟ ନାହିଁ। ଫଳରେ ଗର୍ଭବତୀ ମହିଳା ଓ କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଠିକ୍ ଭାବେ ହୋଇପାରୁ ନାହିଁ। ପାଣିମୁରା ପଞ୍ଚାୟତ ହେଉଛି ନାକଟିଦେଉଳ ବ୍ଲକର ଉପାନ୍ତ ଅଞ୍ଚଳ। ଏଠାକାର ଅଧିକାଂଶ ଲୋକ ଆଦିବାସୀ ଗରିବ ଶ୍ରେଣୀର। ନିକଟରେ ସବ୍‌ସେଣ୍ଟର ଥିଲେ ମଧ୍ୟ ମହିଳା ସ୍ୱାସ୍ଥ୍ୟକର୍ମୀ ନ ଥିବାରୁ ଗର୍ଭବତୀମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ଜରୁରୀ ସମୟରେ ସେମାନେ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ୫୦କି.ମି. ଦୂର ନାକଟିଦେଉଳ କିମ୍ବା ୩୦ କି.ମି. ଦୂର ରେଢାଖୋଲ ଡାକ୍ତରଖାନା ଯିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷେ ଏଠାରେ ଏଏନ୍‌ଏମ୍ ସେଣ୍ଟରର ନିଜସ୍ୱ ଗୃହ ନ ଥିବାରୁ ବହୁ ସମୟରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଗ୍ରାମ ପଞ୍ଚାୟତ ଅଫିସ ବାରଣ୍ଡା କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ର ବାରଣ୍ଡାରେ ଟିକାକରଣ କରୁଥିବା ଦେଖିବାକୁ ମିଳିଛି। ଏହି ସମସ୍ୟା ନେଇ ଅଞ୍ଚଳବାସୀ ବିଭିନ୍ନ ସମୟରେ ନାକଟିଦେଉଳଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ସେହିପରି ଗିରିଶ୍ଚନ୍ଦ୍ରପୁର ସେଣ୍ଟରରେ ମହିଳା ସ୍ୱାସ୍ଥ୍ୟକର୍ମୀ ନ ଥିବାରୁ ଗର୍ଭବତୀ ମହିଳା ଓ କିଶୋରୀ ବାଳିକା ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ବର୍ତ୍ତମାନ ସରକାର ମହିଳା ସ୍ୱାସ୍ଥ୍ୟକର୍ମୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟା ଶେଷ ହେଲେ ଶୀଘ୍ର ପାଣିମୁରା ଓ ଗିରିଶ୍ଚନ୍ଦ୍ରପୁରରେ ଖାଲିଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ କରାଯିବ ବୋଲି ପ୍ରକାଶ କରିଥିଲେ।



ପାଣିମୁରା ପଞ୍ଚାୟତ ଅଫିସ ବାରଣ୍ଡାରେ ଚାଲିଛି ଟିକାକରଣ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଚିନ୍ତାମଣି
ପରିବାରବର୍ଗ


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବନ୍ୟାବେଳେ ଶିନ୍ଦେ ପାଳୁଛନ୍ତି ଗଣେଶ ଉତ୍ସବ: ସଞ୍ଜୟ

**ମୁମ୍ବାଇ,୨୭।୯ :** ମହାରାଷ୍ଟ୍ରର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ବନ୍ୟା ପରିସ୍ଥିତି ଉପୁଜିଛି। ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗଣେଶ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଯୋଗଦେବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

ମଙ୍ଗଳବାର ଖବରଦାତାଙ୍କୁ ସଞ୍ଜୟ କହିଛନ୍ତି, ନାଗପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।


ଏକନାଥ ଶିନ୍ଦେ


ସଞ୍ଜୟ ରାଉତ

ସହର ବନ୍ୟା ଜଳରେ ଉବୁଟୁବୁ ହେଉଛି। ଶିନ୍ଦେ କାହିଁକି ସେହି ଅଞ୍ଚଳକୁ ଯାଉ ନାହାନ୍ତି ? ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପରିବର୍ତ୍ତେ ବଲିଉଡ ଏବଂ ଟଲିଉଡ ସେଲିବ୍ରିଟିଙ୍କ ସହ ଗଣେଶ ଉତ୍ସବ ପାଳନରେ ମୁଖ୍ୟମନ୍ତ୍ରୀ ବ୍ୟସ୍ତ ଅଛନ୍ତି। ଏଥିସହିତ ସେ ଶିନ୍ଦେଙ୍କ ବିଦେଶ ଗସ୍ତ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କୁ ପଚାରିଛନ୍ତି, 'ଆପଣ ରାଜ୍ୟରେ କେଉଁ ବିନିଯୋଗ ଆଣିବାକୁ ଯାଉଛନ୍ତି? ପ୍ରଥମେ ମହାରାଷ୍ଟ୍ରରୁ ଗୁଜରାଟକୁ ଯାଇଥିବା ନିବେଶକୁ ଫେରାନ୍ତୁ। ତେବେ ଶିନ୍ଦେଙ୍କ ୟୁରୋପ ଗସ୍ତ ସ୍ଥଗିତ ସମ୍ପର୍କରେ ସଞ୍ଜୟ କହିଛନ୍ତି, ଶିବସେନା (ୟୁବିଟି), ଆଦିତ୍ୟ ଠାକରେ ଏବଂ ମହାରାଷ୍ଟ୍ରର ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଭୟ କରୁଛନ୍ତି। ମହାରାଷ୍ଟ୍ରର ଲୋକେ ଦୁଃଖ ଯନ୍ତ୍ରଣା ଭୋଗୁଥିବା ସମୟରେ ଶିନ୍ଦେ ଗଣେଶ ଉତ୍ସବରେ ସାମିଲ ହେଉଛନ୍ତି। ଏହା ଅତ୍ୟନ୍ତ ନିନ୍ଦାଜନକ। ଅପେକ୍ଷା କରନ୍ତୁ ରାଜ୍ୟର ଜନତା ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସଞ୍ଜୟ କହିଛନ୍ତି।

# ସଂସଦରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବିଧୁରୀଙ୍କୁ ନୂଆ ଦାୟିତ୍ୱ

**ନୂଆଦିଲ୍ଲୀ,୨୭।୯:** ସଂସଦ ସ୍ୱତନ୍ତ୍ର ଅଧିବେଶନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏମ୍‌ପି କୁଁଅର ଦାନିସ ଅଲୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଭାଜପା ଏମ୍‌ପି ରମେଶ ବିଧୁରୀଙ୍କୁ ବୁଧବାର ନୂଆ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ଭାଜପା ପକ୍ଷରୁ ରାଜସ୍ଥାନର କଂଗ୍ରେସ ନେତା ସଚିନ ପାଇଲଟଙ୍କ ଜିଲା ଟୋଙ୍କର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ସଂସଦର ସ୍ୱତନ୍ତ୍ର ଅଧିବେଶନ ସମୟରେ ଚନ୍ଦ୍ରୟାନ-୩ ମିଶନର ସଫଳତା ଉପରେ ଆଲୋଚନା ଚାଲିଥିବାବେଳେ ଦକ୍ଷିଣ ଦିଲ୍ଲୀ ଏମ୍‌ପି ବିଧୁରୀ ଉତ୍ତର ପ୍ରଦେଶ ଆମରୋହା ଏମ୍‌ପି ଦାନିସଙ୍କୁ 'ମୁସଲମାନ ଆତଙ୍କବାଦୀ' ଆଖ୍ୟା ଦେଇଥିଲେ।

# କେତେ ମହିଳାଙ୍କୁ ଟିକେଟ ଦେଇଛ କୁହ : ପ୍ରଶାନ୍ତ କିଶୋର

## ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ ନେଇ ତେଜସ୍ୱୀଙ୍କୁ ପ୍ରଶ୍ନ



**ପାଟନା,୨୭।୯ :** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କେନ୍ଦ୍ର ସରକାର ଆଣିଥିବା ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିବା ସହିତ ଏଥିରେ ଓବିସିଙ୍କ ସଂରକ୍ଷଣ ପାଇଁ ଦେଶରେ ଆନ୍ଦୋଳନ ଲାଗି ରଣନୀତି ପ୍ରସ୍ତୁତ କରୁଛନ୍ତି। ଏହି ପ୍ରସଙ୍ଗରେ ଏକ ଆନ୍ଦୋଳନ ହେବା ଉଚିତ କି ନୁହେଁ? ଜନ ସୁରଜ ଯାତ୍ରାର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର(ପିକେ) ଏହି ପ୍ରଶ୍ନ ଉପରେ ତାଙ୍କର ମତ ସ୍ପଷ୍ଟ କରିଛନ୍ତି। ପ୍ରଶାନ୍ତ କିଶୋର କହିଛନ୍ତି, ଯେଉଁମାନେ ବିରୋଧ କରିବାକୁ ଚାହୁଁଛନ୍ତି, ସେମାନେ ତାହା କରନ୍ତୁ। ମୁଁ ଭାବୁଛି ମହିଳାଙ୍କ ସଂରକ୍ଷଣ ପାଇଁ ଯାହା କାର୍ଯ୍ୟକାରୀ ହୋଇଛି ତାହା ଠିକ୍, ଏଥିରେ କୌଣସି ଅସୁବିଧା ନାହିଁ। ଏହାକୁ ବିରୋଧ କରୁଥିବା ବ୍ୟକ୍ତିମାନେ ମୂର୍ଖ। ସେମାନେ ମହିଳାଙ୍କ ସଂରକ୍ଷଣ କିମ୍ବା ମହିଳାଙ୍କ ସ୍ଥିତିକୁ ନେଇ ଚିନ୍ତିତ ନୁହନ୍ତି। ତାଙ୍କର ଉଦ୍ଦେଶ୍ୟ ହେଉଛି ଏହାକୁ ନେଇ ରାଜନୀତି ଜାରି ରହୁ ଏବଂ ସେମାନେ ଏଥିରୁ ନିଜର ଫାଇଦା ନେବାକୁ ଚାହିଁ ବସିଛନ୍ତି। ଯେଉଁମାନେ ଆଜି କହୁଛନ୍ତି ମହିଳା ସଂରକ୍ଷଣରେ ଓବିସି ପାଇଁ ପୃଥକ ସଂରକ୍ଷଣ ରହିବା ଆବଶ୍ୟକ। ତାହା ଠିକ ଅଛି, ତେବେ ପ୍ରଥମେ ସଂରକ୍ଷଣ ହେଉ ଏହାପରେ ଓବିସିଙ୍କ ପାଇଁ ପୃଥକ ସଂରକ୍ଷଣ ମଧ୍ୟ ଲାଗୁ କରି ଦିଅନ୍ତୁ। ରାଜ୍ୟରେ ଆରଜେଡି-ଜେଡିୟୁକୁ ପଚାରନ୍ତୁ ସେମାନେ ନିଜ ନିଜ ପାର୍ଟିରେ କେତେ ଓବିସି ମହିଳାଙ୍କୁ ଟିକେଟ ଦେଇଛନ୍ତି। ମୁସଲିମ ସମ୍ପ୍ରଦାୟ ଲୋକେ ଭାଜପାର ଭୟ ଯୋଗୁଁ ଲଣ୍ଠନକୁ ଭୋଟ ଦେଉଛନ୍ତି। ବିହାରରେ କେବଳ ଜାତି ଆଧାରରେ ଭୋଟ ଦିଆଯାଏ, ତେଣୁ ରାଜ୍ୟରେ ଭାଜପା କିପରି ଭୋଟ ପାଇବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜାତିର ଲୋକ କେହି ବିହାରରେ ରୁହନ୍ତି ନାହିଁ। ତେଣୁ ରାଜ୍ୟରେ ମୋଦି କିପରି ଜିତିବେ ବୋଲି ପ୍ରଶାନ୍ତ କିଶୋର କହିଛନ୍ତି।

# ଭାଜପାରେ ପୂର୍ବତନ ଏମ୍‌ପି ଅର୍କ କେଶରୀ

**ନର୍ଲା, ବନ୍ତର ବହୁ ନେତା ବି ବିଜେଡି ଛାଡ଼ି ଭାଜପାରେ ସାମିଲ**

**ବାପାଙ୍କ ଅଧୁରା ସ୍ୱପ୍ନ ପୂରଣକରିବା ମୋର ପ୍ରାଥମିକ କାର୍ଯ୍ୟ: ଅର୍କ**

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

କଳାହାଣ୍ଡିର ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ ଏବଂ ତାଙ୍କ ସ୍ତ୍ରୀ ମାଳବିକା ଦେବୀ ଆନୁଷ୍ଠାନିକ ଭାବେ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ନର୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଦନପୁର-ରାମପୁର ରାଜ ପରିବାରର ସଂଯୁକ୍ତା ସିଂଦେଓ ଏବଂ ତନ୍ମୟ ପ୍ରସାଦ ସିଂଦେଓ ମଧ୍ୟ ଦଳରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ବସନ୍ତ ପଣ୍ଡା, ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଭାଜପାରେ ଯୋଗଦେଇଥିବା ଏହି ନେତାମାନଙ୍କୁ ସ୍ୱାଗତ କରିଛନ୍ତି।


ମିଶ୍ରଣ ପର୍ବରେ ଭାଜପା ନେତୃବୃନ୍ଦଙ୍କ ସହ ଅର୍କ କେଶରୀ ଦେଓ ଏବଂ ତାଙ୍କ ସ୍ତ୍ରୀ ମାଳବିକା ଦେବୀ।

ଭାଜପାରେ ସାମିଲ ହେବାପରେ ଅର୍କ କେଶରୀ କହିଛନ୍ତି, ଦେଶ ତଥା ରାଜ୍ୟର ସାମୂହିକ ବିକାଶ ପାଇଁ ଭାଜପା ହେଉଛି ପ୍ରକୃତ ରାଜନୈତିକ ଦଳ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଗତ ୯ ବର୍ଷ ଶାସନରେ ବହୁ ଗରିବ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ହୋଇଛି। ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଭାଜପାର ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୋ ବାପା ବିକ୍ରମ କେଶରୀ ଦେଓଙ୍କ ଅଧୁରା ସ୍ୱପ୍ନ ପୂରଣକରିବା ହେଉଛି ପ୍ରାଥମିକ କାର୍ଯ୍ୟ। ସେହିପରି ଭଦ୍ରକ ଜିଲା ବନ୍ତ ବ୍ଲକର ୨ ଥରର ବ୍ଲକ ଅଧ୍ୟକ୍ଷ ରେବତୀ ନାୟକ, ଶିକ୍ଷାବିତ୍ ସୁଧାଂଶୁ ଶେଖର ନାୟକ ମଧ୍ୟ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଏଥିସହ ବନ୍ତ ବ୍ଲକର ପୂର୍ବତନ ବିଜେଡି ସଭାପତି କମଳାକାନ୍ତ ସାହୁଙ୍କ ସମେତ ଆହୁରି ଅନେକ ବ୍ୟକ୍ତି ଭାଜପାରେ ଯୋଗଦେଇଥିବା ବେଳେ ଦଳର ରାଜ୍ୟ ସଭାପତି ମନମୋହନ ସେମାନଙ୍କୁ ସ୍ୱାଗତ କରିଛନ୍ତି।


## ପବିତ୍ର ଅନନ୍ତବ୍ରତ ଅବସରରେ



### ଚିନ୍ତାମଣିର ଜନ୍ମଦିନ ଶୁଭେଚ୍ଛା

ଦୂରେ ଥିଲେ ପାଖେ ଅଛି ଏହାଥିବୁ ଘେନି
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ୍ୟ ତାଙ୍କର...
ମଧୁର ସମ୍ପର୍କ ଅତୁଟ ରଖିବା ପାଇଁ ଓ ବର୍ତ୍ତମାନ ଓ ଭବିଷ୍ୟତ ଉଜ୍ଜ୍ୱଳ ଓ କୁସୁମିତ ହେବା ପାଇଁ ପରମବ୍ରହ୍ମ ଅନନ୍ତଙ୍କୁ ପ୍ରାର୍ଥନା କରୁଛୁ ।
ବୋଉ, ଡାଡି, ବାପି, ମାମି, ମଉସାମାଉସୀ, ଭାଇଭଉଣୀମାନେ

ଧ-୧୪୧୭

## ଜନ୍ମଦିନ ଶୁଭେଚ୍ଛା



### ସଂଘମିତ୍ରା ପାତ୍ର (ମାମୁନି)

୪୨ ମୌଜା, କଟକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା, ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ- ତୋର ବାପା, ବୋଉ, ଅଜା, ଆଈ, ଭାଇ, ନନା ପାପା, ତିତ୍‌ଲି, ପାପା, ମାମା ଓ ଛୁଆ ପାପା ।

ଧ-୧୪୧୮


# ଅନ୍ଧାରରେ ୪୦ ଲକ୍ଷ ପିଲାଙ୍କ ଭବିଷ୍ୟତ: ଭାଜପା

## ଆନ୍ଦୋଳନରତ ଶିକ୍ଷକଙ୍କୁ ଭେଟିଲା ପ୍ରତିନିଧି ଦଳ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର):** ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଶିକ୍ଷକଙ୍କ ନ୍ୟାଯ୍ୟ ଦାବିକୁ ରାଜ୍ୟ ସରକାର ସମାଧାନ କଲେ ନାହିଁ। ସବୁ ସମୟରେ ଶିକ୍ଷକମାନେ ସେମାନଙ୍କ ସର୍ବନିମ୍ନ ଅଧିକାରକୁ ନେଇ ଆନ୍ଦୋଳନ କରିବା ପାଇଁ ବାଧ ହେଉଛନ୍ତି। ଏହାଦ୍ୱାରା ରାଜ୍ୟର ୫୦ ହଜାର ସ୍କୁଲରେ ବର୍ତ୍ତମାନ ତାଲା ପଡ଼ିଛି। ୧ ଲକ୍ଷ ୩୦ ହଜାର ଶିକ୍ଷକ ଏବେ ରାଜରାସ୍ତାରେ ନିଜ ଅଧିକାର ପାଇଁ ଲଢୁଛନ୍ତି। ରାଜ୍ୟର ୪୦ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏଥିପାଇଁ ବିଜେଡି ସରକାର ଦାୟୀ ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ଲୋୟର ପିଏମ୍‌ଜିଠାରେ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଳୀକୁ ଯାଇ ଆଲୋଚନା କରିଛି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଧ୍ୱସ୍ତବିଧ୍ୱସ୍ତ। କିନ୍ତୁ ରାଜ୍ୟ ସରକାର ରୂପାନ୍ତରଣ ନାମରେ ଭ୍ରଷ୍ଟାଚାରକୁ ପ୍ରୋତ୍ସାହିତ କରୁଛନ୍ତି। ଶିକ୍ଷକଙ୍କ ଦାବି ସହ ଭାଜପା ଏକମତ ବୋଲି ବିଧାୟକ ଶଙ୍କର ଓରାମ କହିଛନ୍ତି। ବିଧାନସଭା ସମ୍ମୁଖରେ ଧାରଣାରତ ଶିକ୍ଷକ ତଥା ଭିନ୍ନ ଭିନ୍ନ ଦାବି ନେଇ ଆନ୍ଦୋଳନକାରୀଙ୍କ ଅଭିଯୋଗ ଶୁଣିବାକୁ ସରକାରଙ୍କ ପାଖରେ ସମୟ ନ ହେବା ଲଜ୍ଜାଜନକ। ଶିକ୍ଷକଙ୍କ ଦାବି ସମ୍ପର୍କରେ ବିଧାନସଭାରେ ଆଗତ କରାଯାଇଥିବା ସତ୍ତ୍ୱେ ସରକାର ଏଥିପ୍ରତି କର୍ଣ୍ଣପାତ କଲେନାହିଁ। ଏ ସରକାର ପଳାୟନପନ୍ଥୀ ବୋଲି ବିଧାୟକ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି।

# ଆୟୁଷ ଡାକ୍ତରଙ୍କ ପ୍ରତି ବୈମାତୃକ ମନୋଭାବ ପଦାରେ ପଡିଛି: ଯୁବମୋର୍ଚ୍ଚା

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର):** ନିଖିଳ ଓଡ଼ିଶା ଆୟୁଷ ଛାତ୍ରସଂଘ ଦୀର୍ଘ ୨୫ ଦିନ ହେବ ଆନ୍ଦୋଳନ କରୁଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି ଶାସକ ଦଳ ନେତା, ମନ୍ତ୍ରୀ ଓ ବିଧାୟକମାନେ ଅଣଦେଖା କରିବା ଦୁର୍ଭାଗ୍ୟଜନକ। ଆଜିକୁ ୨୧ ବର୍ଷ ହେଲା ଆୟୁଷ ଡାକ୍ତରଙ୍କ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ନ ପାଇଥିବା ବେଳେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ପ୍ରତି ହେୟଜ୍ଞାନ ତଥା ଆୟୁଷ ଡାକ୍ତରଙ୍କ ପ୍ରତି ବୈମାତୃକ ମନୋଭାବ ପଦାରେ ପଡିଛି ବୋଲି ଭାଜପା ଯୁବମୋର୍ଚ୍ଚା ଅଭିଯୋଗ କରିଛି। ମାଷ୍ଟର କ୍ୟାଣ୍ଟିନ ସ୍ଥିତ ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଥିବା ଆୟୁଷ ଡାକ୍ତରମାନଙ୍କ ସହ ଯୁବମୋର୍ଚ୍ଚା ଯୋଗଦେଇ କହିଛି, ଓଡ଼ିଶାରେ ହୋମିଓପ୍ୟାଥି, ଆୟୁର୍ବେଦ, ଯୋଗ, ୟୁନାନି, ସିଧ ଚିକିତ୍ସାରୁ ଓଡ଼ିଶାବାସୀ ବଞ୍ଚିତ ହେଉଛନ୍ତି। ଆଜି ଆନ୍ଦୋଳନରତ ଆୟୁଷ ଡାକ୍ତର ଛାତ୍ରୀଛାତ୍ରଙ୍କୁ ଯେଉଁଭଳି ଭାବେ ପୋଲିସ ଗିରଫ କରି ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କରୁଛି ତାହା ନିନ୍ଦନୀୟ ଓ ଅଗଣତାନ୍ତ୍ରିକ।


# Classified Everyday 0674-2580101, 2549949


REAL ESTATE

## SALE

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar NH-16** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604.** D-75222

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218


Healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Spa Kerala body Massage only best Therapist @699/- Bhubaneswar. 9337672475. D-1364

**Newly open SPA positively health benefits with expert therapist. 9938843929. D-75150**

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75042

## AFFIDAVIT

I, Sushma Tanaji Sawant, W/o Rajesh Kumar Sahoo, resident of EB-490, Badagada BRIT Colony, Bhubaneswar, PIN- 751018, Dist.-Khurda, Odisha declare by this affidavit No. 100 Dt.18.09.2023 that now onwards I shall be known as **SUSHMA SAHOO** for all future purposes. D-1405

Your classified advertisement published in Dharitri will be listed free in Dharitri online edition: **dharitriepaper.in**

See Career Appointment on every Wednesday & Saturday

## ଅଙ୍କିତ୍ ମହାରଣାଙ୍କ ବୀଜ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପିଏଚ୍.ଡି. ଲାଭ



ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥାରେ ଜୈବ ନିରୀକ୍ଷକ ପଦବୀରେ କାର୍ଯ୍ୟରତ **ଶ୍ରୀ ଅଙ୍କିତ୍ ମହାରଣା,** ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା (Seed Science and Technology)ରେ ଗବେଷଣାମୂଳକ ନିବନ୍ଧ ଲେଖି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓ.ୟୁ.ଏ.ଟି.), ଭୁବନେଶ୍ୱରରୁ Valid Notification: ACD-II-No.3738/UAT, Dt.10.03.2023ରେ ପିଏଚ୍.ଡି. ଲାଭ କରିଛନ୍ତି। ତାଙ୍କର ଗବେଷଣାମୂଳକ ନିବନ୍ଧର ବିଷୟବସ୍ତୁ ଥିଲା "Standardisation of micronutrient delivery systems through seed in groundnut" ଯାହାକି ଓ.ୟୁ.ଏ.ଟି.ର Professor ଡଃ ସୀମାନ୍ତ ମହାନ୍ତି, ଡଃ ଦେବରାଜ ଲେଙ୍କା, ଡଃ ରବୀନ୍ଦ୍ର କୁମାର ନାୟକ ଏବଂ ଡଃ ମନୋରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁମୋଦିତ ହୋଇଅଛି। ତାଙ୍କର ସନ୍ଦର୍ଭଟି Dr. Shyamal Ku. Chakrabarty, Principal Scientist cum Head, Division of Seed Sci. & Tech., IARI, New Delhi ଏବଂ Dr. Prabir Chakraborty, Assoc. Professor, Dept. of Seed Sci. & Tech., BCKV, W.B.ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ ମହାରଣା ହେଉଛନ୍ତି, ଲେବର୍ କଲୋନୀ, ରାଜାବଗିଚା, କଟକ ନିବାସୀ ଶ୍ରୀ ଅଭିମନ୍ୟୁ ମହାରଣା ଓ ଶ୍ରୀମତୀ ଉର୍ମିଳା ଦାସଙ୍କର ପୁତ୍ର । ଏହି ସଫଳତା ପାଇଁ ସେ ତାଙ୍କର ତତ୍ତ୍ୱାବଧାରକ, ପିତାମାତା, ସହଯୋଗୀ, ବଡଭାଇ, ଭାଉଜ, ଶୁଭେଚ୍ଛୁ ଏବଂ ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୪୧୫

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## CLASSIFIED DISPLAY
MORE SPACE • SAME PRICE

## BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
**Mob:7656825212 7656825011**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ଶ୍ରୀ ଲକ୍ଷ୍ମୀପ୍ରସାଦ ମିଶ୍ର

ସର୍ବୋଦୟ ନଗର, ପୁରୀ
ଆବିର୍ଭାବ- ୧୯।୧୨।୧୯୩୯
ତିରୋଧାନ- ୩୧।୦୮।୨୦୨୦
ଭାଦ୍ରବ ମାସ ଶୁକ୍ଲପକ୍ଷ ଚତୁର୍ଥୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
ଶୋକସନ୍ତପ୍ତ- ଲିଲି, ରମୁ, ମୀନା, ବିଜୁନା, ଅନାମ, ଅଶୋକ, ଜୟଚନ୍ଦ୍ର, ରାନ୍ତୁ, ସୋନି, ଦୀପୁନା, ବାପୁନୀ, ମାମୁନୀ, ଟିକିନା, ରୁଚି ।

ଧ-୬୯୦୯୨


# ୪ ଲକ୍ଷ ହେକ୍ଟର ଜମିରେ ହେବ ଡାଲି ଫସଲ

**ଭୁବନେଶ୍ୱର,୨୭।୯(ଅନିଲ ଦାସ):** ଧାନ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇଛି। ୧୨ଟି ରାଜ୍ୟକୁ ଓଡ଼ିଶା ଚାଉଳ ଯୋଗାଉଛି। କେନ୍ଦ୍ର ସରକାର ଚାଉଳ ନେଉ ନ ଥିବାରୁ ରାଜ୍ୟରେ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୪ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବୁଧବାର ବିଧାନସଭା ପ୍ରଶ୍ନକାଳରେ ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ମୂଳ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଡାଲି ଜାତୀୟ ଫସଲ ନିମନ୍ତେ ବିହନବୁଣା ଯନ୍ତ୍ର, ଡାଲି ଅମଳ ଯନ୍ତ୍ର, ଡାଲି କଳ ପାଇଁ ସରକାରୀ ରିହାତି ଦେବା ବ୍ୟବସ୍ଥା ରହିଛି। ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ଯଥାକ୍ରମେ ୨୫୪ ଏବଂ ୧୩୧ଟି ଡାଲି ଚାଷ ଯନ୍ତ୍ରପାତି ପାଇଁ ୧ କୋଟି ୨୩ ଲକ୍ଷ ଟଙ୍କା ଓ ସରକାରୀ ସବ୍‌ସିଡି ବାବଦରେ ୭୫ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ଦିଆଯାଇଛି। ସେଥିରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୦ ଲକ୍ଷ ଟଙ୍କା ଏବଂ ସରକାରୀ ରିହାତି ବାବଦରେ ୪୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୨୬ଟି ଜିଲା ଓ ୪ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ହୋଇଛି। ମୂଳ ପ୍ରଶ୍ନକର୍ତ୍ତା ଭୂପିନ୍ଦର ସିଂ, ପ୍ରଦୀପ ଦିଶାରୀ, ପ୍ରଫୁଲ୍ଲ ସାମଲ, ଅରବିନ୍ଦ ଢାଲି, ସତ୍ୟନାରାୟଣ ପ୍ରଧାନ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ଭାଜପା ସଦସ୍ୟ କୁସୁମ ଟେଟେ, ଭାସ୍କର ମଢ଼ାଇ ପ୍ରମୁଖ ରାଜ୍ୟରେ ଡାଲି ଚାଷ ହ୍ରାସକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଡାଲି ଜାତୀୟ ଫସଲ ପାଇଁ ପ୍ରୋତ୍ସାହନ ଲାଗି ସରକାର ସବ୍‌ସିଡି ବଢାନ୍ତୁ। ମହାନଦୀରେ ଆନିକଟ କରି ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଅନ୍ତୁ ବୋଲି କହିଥିଲେ।

# ବିନା ବିରୋଧୀରେ ୪ ବିଲ୍ ପାରିତ

- **ଘଣ୍ଟେ ୧୫ ମିନିଟ୍‌ର ସର୍ବଦଳୀୟ ବୈଠକ ବିଫଳ**
- **କଂଗ୍ରେସ ବିଧାୟକ ଦଳ ନେତାଙ୍କୁ କହିବାକୁ ସୁଯୋଗ ନ ଦେବା ପ୍ରସଙ୍ଗ ଉଠାଇଲେ ସାଲୁଜା**
- **ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଲେ ଭାଜପା ସଦସ୍ୟ**
- **ବିଲ୍ ପାରିତ ବେଳେ ଗୃହ ତ୍ୟାଗକଲେ କଂଗ୍ରେସ, ଭାଜପା ସଦସ୍ୟ**

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ବିଧାନସଭାରେ ବୁଧବାର ୪ଟି ବିଲ୍ ପାରିତ ହୋଇଛି। ବିରୋଧୀଙ୍କ ଅନୁପସ୍ଥିତିରେ ଓଡ଼ିଶା ଭୂ-ସଂସ୍କାର ବିଲ୍ ୨୦୨୩, ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ବିଲ୍ ୨୦୨୩, ସିଲିକନ୍ ବିଶ୍ୱବିଦ୍ୟାଳୟ ବିଲ୍ ୨୦୨୩ ଏବଂ ନିଷ୍ଟ ବିଶ୍ୱବିଦ୍ୟାଳୟ ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି। ଏହି ବିଲ୍ ପାରିତହେବା ବେଳେ ଶାସକ ଦଳ ସଦସ୍ୟମାନଙ୍କ କିଛି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶାସକ ଦଳ ସଦସ୍ୟମାନେ ଦେଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀମାନେ ନିଜ ଉତ୍ତରରେ କହିବା ପରେ ଏହି ବିଲ୍‌ଗୁଡ଼ିକୁ ପାରିତ କରାଯାଇଛି। ତେବେ ଗୃହରେ ବିରୋଧୀ ବିଭିନ୍ନ ପ୍ରସଙ୍ଗରେ ହୋହଲ୍ଲା କରି ଗୃହ ତ୍ୟାଗ କରିଥିଲେ।

ବିଧାନସଭା ଅଧିବେଶନ ବୁଧବାର ଅପରାହ୍ନରେ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପଏଣ୍ଟ ଅଫ୍ ଅର୍ଡର ଆଣିଥିଲେ। ବାଚସ୍ପତି ତାଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସେ କହିଥିଲେ, ଯେତେବେଳେ ଗୃହରେ କିଛି ପ୍ରସଙ୍ଗରେ ଆଲୋଚନା ହେବାବେଳେ ପ୍ରଥମେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆଯାଏ। ପରମ୍ପରା ଅନୁଯାୟୀ ବିରୋଧୀ ଦଳ ନେତା କହିବା ପରେ କଂଗ୍ରେସ ବିଧାୟକ ଦଳ ନେତା କହିବା କଥା। ହେଲେ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ କହିବାକୁ ଦିଆଯାଉ ନାହିଁ। ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା, ନାରାବାଜି କରିଥିଲେ। ଏହାପରେ ବିରୋଧୀ ଦଳ ନେତା ସଙ୍ଗେ ସଙ୍ଗେ ଠିଆହୋଇ କହିଥିଲେ, ବିଧାନସଭାର ପ୍ରଥମାର୍ଦ୍ଧରେ ଯେଉଁ ପ୍ରସଙ୍ଗ ଉଠାଇଥିଲି ତାହା ଅସମ୍ବିଧାନିକ ନ ଥିଲା। ତାଙ୍କ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଥିଲା। ହେଲେ ବାଚସ୍ପତି ଏହି କଥାକୁ ବିଚାର ନ କରି ଗୃହ ବିବରଣୀରୁ ବାଦ୍ ଦେଲେ। ଏହି ସମୟରେ ଶାସକ ଦଳ ସଦସ୍ୟମାନେ ନିଜ ଆସନରେ ଠିଆହୋଇ ପାଲଟା ଜୟନାରାୟଣଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଦେଇଥିଲେ। ଏଭଳି ହୋହଲ୍ଲା ଭିତରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ୪ଟା୨ରୁ ୩୦ ମିନିଟ୍ ଲାଗି ଗୃହ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ କିଛି ନିଷ୍କର୍ଷ ନ ବାହାରିବାରୁ ବିରୋଧୀ ପୁଣିଥରେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା, ନାରାବାଜି ଜାରି ରଖିଥିଲେ। ବାଚସ୍ପତି ପୁଣିଥରେ ୩୦ ମିନିଟ୍ ଲାଗି ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ସମୟକୁ ଆହୁରି ୧୫ ମିନିଟ୍ ବୃଦ୍ଧି କରାଗଲା। ହେଲେ ସର୍ବଦଳୀୟ ବୈଠକରୁ କିଛି ସୁଫଳ ବାହାରିପାରି ନ ଥିଲା। ପ୍ରଥମେ କଂଗ୍ରେସ ସଦସ୍ୟମାନେ ସେମାନଙ୍କୁ ବିଲ୍ ପାରିତ ହେବାବେଳେ ଆଲୋଚନାରେ ସାମିଲ କରାଯାଉ ନ ଥିବାରୁ ସେମାନେ ଗୃହରେ ରହିବାର ଆବଶ୍ୟକତା ନ ଥିବା କହି ବିଧାନସଭା ଛାଡ଼ି ଚାଲିଯାଇଥିଲେ। ଏହାପରେ ଭାଜପା ସଦସ୍ୟମାନେ ମଧ୍ୟ ଗୃହ ଛାଡ଼ି ଚାଲିଯିବା ସହ ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଶେଷରେ ବିଧାନସଭା ସରିବା ପରେ ଭାଜପା ସଦସ୍ୟମାନେ ଧାରଣାରୁ ଉଠିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୮ ସେପ୍ଟେମ୍ବର, ୨୦୨୩



# ଭଲ ସମୟ ଆସୁଛି

''ସିନେମା ସମୂହକୁ ସାଧାରଣ ଦର୍ଶକ ପସନ୍ଦ କରିବା ଫଳରେ ଓଡ଼ିଆ ସିନେମାର ମନୋବଳ ବୃଦ୍ଧିରେ ଏହା ସହାୟକ ହେବ। କପି ଓଡ଼ିଆ ସିନେମାର ସଂକ୍ରମଣ ଏତେ ପରିମାଣରେ ଓଡ଼ିଆ ଦର୍ଶକମାନଙ୍କୁ ବ୍ୟାଧିଗ୍ରସ୍ତ କରିଛି ଯେ, ଭଲ ଓଡ଼ିଆ ସିନେମା ପ୍ରଦର୍ଶନ ହେଲେ ମଧ୍ୟ ଦର୍ଶକମାନେ ଦେଖିବାକୁ ବିମୁଖ ହେଉଛନ୍ତି। ସିନେମାରେ ଜ୍ଞାନ ଥିବା ଯୁବପିଢ଼ି ଆଗାମୀ ଦିନରେ ଭଲ ସିନେମାର ପ୍ରଭାବରେ ପ୍ରଭାବିତ ହେଲେ ଉତ୍ତାରୁ ସିନେମା ପ୍ରଭାବ ହ୍ରାସ ପାଇବ।''

ଓଡ଼ିଆ ସିନେମା ୮୭ ବର୍ଷ ଅତିକ୍ରାନ୍ତ କରୁଛି। ଇତିମଧ୍ୟରେ ନୂତନ ପିଢିର ପ୍ରଯୋଜକମାନେ ଭଲ ସିନେମାର ଅଭିପ୍ରାୟ ନେଇ ଅଗ୍ରସର ହେଉଛନ୍ତି। ସିନେମା ସମ୍ପର୍କରେ ଜ୍ଞାନ ଆହରଣ କରିବା ପରେ ନିଜକୁ ସକ୍ଷମ ଭାବି ଏହି ବୃହତ୍ ଗଣମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କେଉଁ ରକମର କାହାଣୀ ଅବଲମ୍ବନରେ ସିନେମା ବିଶ୍ୱସ୍ତରରେ ହେଉଛି ତା'ର ସମୀକ୍ଷା ମଧ୍ୟ କରୁଛନ୍ତି। ପରେ ଓଡ଼ିଆ କାହାଣୀକାରଙ୍କ କାହାଣୀକୁ ନେଇ ସିନେମା ନିର୍ମାଣରେ ବ୍ରତୀ ହେଉଛନ୍ତି। ଏହା ନିଶ୍ଚୟ ଏକ ସୁସ୍ଥ ପରମ୍ପରା। ବାସ୍ତବତାଠାରୁ ଦୂରେଇ ଗଲେ



ସିନେମା ମୂଲ୍ୟହୀନ ହୋଇଯାଏ। ସିନେମା ଶିଳ୍ପର ମାନ୍ୟତା କେବଳ ଅପେକ୍ଷାରେ ହିଁ ରହିଛି। ସିନେମା ଶିଳ୍ପକୁ ବଞ୍ଚିବା ପାଇଁ ରାଜ୍ୟର ୩୧୪ ବ୍ଲକ୍‌ରେ ପ୍ରେକ୍ଷାଳୟଟିଏ କଲେ ତାହା ଓଡ଼ିଆ ସିନେମା ପାଇଁ ଶୁଭପ୍ରଦ ହେବ। ଅତିକମ୍‌ରେ ୨୦୦ ସିଟ୍‌ବିଶିଷ୍ଟ ଏହି ପ୍ରେକ୍ଷାଳୟ ପାଇଁ ଯଦି ସରକାର ଜମି ଯୋଗାଇ ଦିଅନ୍ତେ ତେବେ ଅନେକ ବେସରକାରୀ ସଂସ୍ଥା ପକ୍ଷରୁ (ପି.ପି.ପି) ମୋଡରେ ପ୍ରେକ୍ଷାଳୟ ନିର୍ମାଣ ହୋଇପାରନ୍ତା।

ନୂଆପିଢ଼ିର ନିର୍ଦ୍ଦେଶକ-ପ୍ରଯୋଜକମାନେ ଭଲ କାହାଣୀକୁ ନେଇ ଭଲ ସିନେମା ଆରମ୍ଭ କରିଛନ୍ତି। ସେଥିପାଇଁ ଚଳଚ୍ଚିତ୍ର ଉନ୍ନୟନ ନିଗମ ପକ୍ଷରୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦେବା କଥା। ଆମ ସିନେମା ଜାତୀୟସ୍ତରରେ ଶ୍ରେଷ୍ଠ ପ୍ରତିପାଦିତ ହେଉଛି। ଆଗାମୀ ଦିନରେ ଭଲ ସିନେମାକୁ ପ୍ରୋତ୍ସାହିତ ଉଦ୍ଦେଶ୍ୟରେ ନିଗମ ପକ୍ଷରୁ ଅର୍ଥରାଶି ଦେବା ଦିଗରେ ଉଦ୍ୟମ ହେବା ଜରୁରୀ। ଓଡ଼ିଆ ସିନେମା ପ୍ରଦର୍ଶନ ନିମନ୍ତେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଯାଉଛି। ଫଳରେ ହିନ୍ଦୀ-ଓଡ଼ିଆ ସିନେମା ଶୁଭମୁକ୍ତି ନେଇ ପ୍ରଯୋଜକ-ବିତରକ ମଧ୍ୟରେ ସମନ୍ୱୟର ଅଭାବ ରହୁଛି। ଓଡ଼ିଆ ସିନେମା ପ୍ରଯୋଜକ, ବିତରକ ଓ ପ୍ରେକ୍ଷାଳୟ ମାଲିକମାନେ ଯଦି ଓଡ଼ିଆ ସିନେମାର ଭବିଷ୍ୟତ ରୂପରେଖ ପାଇଁ ଗୁରୁତ୍ୱ ନ ଦେବେ, ତେବେ ସିନେମା ଶିଳ୍ପ ବ୍ୟାପକ କ୍ଷତିର ସମ୍ମୁଖୀନ ହେବ। କିଛି ଭଲ ପ୍ରଯୋଜକ ଆସି ଓଡ଼ିଆ ସିନେମାର ବାତାବରଣକୁ ପ୍ରଭାବଶାଳୀ କରିବା ଦିଗରେ ଉଦ୍ୟମ ଜାରି ରଖିଛନ୍ତି, ସେମାନଙ୍କୁ ଅଶେଷ ଧନ୍ୟବାଦ। ଭଲ ସିନେମାରେ କଳାକାରଟି ଯଦି ଚରିତ୍ର ସହ ଓତପ୍ରୋତ ଭାବରେ ଜଡ଼ିତ ନ ହେବେ ତେବେ ସେ ଭଲ ଅଭିନେତା/ ଅଭିନେତ୍ରୀ ଭାବେ ପରିଗଣିତ ହେବନାହିଁ। ସେ ପ୍ରଭାବଶୂନ୍ୟ କଳାକାର ଭାବେ ରହିଯିବ।

ଭଲ କାହାଣୀ ହିଁ ସେମାନଙ୍କୁ ପ୍ରଭାବିତ କରୁଛି। ଓଡ଼ିଶାରେ 'ଦମନ', 'ଫାଲ୍‌ଗୁନ ଚୈତ୍ର', 'ଡେଲିଭରି ବୟ', 'ପ୍ରତୀକ୍ଷା', 'କିସ୍‌ମିସ୍', 'ଭୋକ', 'ପୁଷ୍କରା' ଆଦି ସିନେମା ପରେ ନୂତନ ପିଢିର ନିର୍ଦ୍ଦେଶକ, କଳାକାର, ସଙ୍ଗୀତକାର ଓ ସଂଳାପ ଲେଖକମାନଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ ସାଜିବ। ନୂଆ ସିନେମା 'ମାଇଣ୍ଡ ଗେମ୍' ଏବଂ 'ମାଲ୍ୟଗିରି' ରିଲିଜ ଅପେକ୍ଷାରେ ରହିଛି। ଏଗୁଡିକ ଯଦି ଦର୍ଶକାଦୃତ ହୁଏ ତେବେ ତାହା ନୂଆ ପ୍ରଯୋଜକମାନଙ୍କୁ ଭଲ ସିନେମାଟିଏ ନିର୍ମାଣ କରିବାକୁ ନିଶ୍ଚୟ ସହାୟକ ହେବ। ସିନେମା ସମୂହକୁ ସାଧାରଣ ଦର୍ଶକ ପସନ୍ଦ କରିବା ଫଳରେ ଓଡ଼ିଆ ସିନେମାର ମନୋବଳ ବୃଦ୍ଧିରେ ସହାୟକ ହେବ। କପି ଓଡ଼ିଆ ସିନେମାର ସଂକ୍ରମଣ ଏତେ ପରିମାଣରେ ଓଡ଼ିଆ ଦର୍ଶକମାନଙ୍କୁ ବ୍ୟାଧିଗ୍ରସ୍ତ କରିଛି ଯେ, ଭଲ ଓଡ଼ିଆ ସିନେମା ପ୍ରଦର୍ଶନ ହେଲେ ମଧ୍ୟ ଦର୍ଶକମାନେ ଦେଖିବାକୁ ବିମୁଖ ହେଉଛନ୍ତି। ସିନେମାରେ ଜ୍ଞାନ ଥିବା ଯୁବପିଢି ଆଗାମୀ ଦିନରେ ଭଲ ସିନେମା ପ୍ରଭାବରେ ପ୍ରଭାବିତ ହେଲେ ଉତ୍ତାରୁ ସିନେମା ପ୍ରଭାବ ହ୍ରାସ ପାଇବ। ନୂତନ ପିଢି ନୂଆ ଆଶା, ନୂଆ ଭରସା ରଖି ସିନେମା କରିବା ଦ୍ୱାରା ପରବର୍ତ୍ତୀ ପିଢିର ସିନେ ବ୍ୟକ୍ତିତ୍ୱମାନଙ୍କୁ ଖୋରାକ ଯୋଗାଉଛି। ପରିବର୍ତ୍ତନଶୀଳ ସମାଜରେ ସାମାଜିକ କଥାବସ୍ତୁ ସମ୍ପର୍କରେ ସିନେମା ପରି ବୃହତ୍ ଗଣମାଧ୍ୟମରେ ଯେତେ ଅଧିକ କାର୍ଯ୍ୟ କରିବା ତାହା ଆମ ସିନେ ସମାଜର ସ୍ଥିତିରକ୍ଷା କରିବ। ବର୍ତ୍ତମାନ ଯୁବପିଢିଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱତା ହିଁ ଭଲ ସିନେମାର ଶ୍ରୀବୃଦ୍ଧି କରିବ।

*-ଦିଲୀପ ହାଲି*
*ବଡ଼ଗଡ଼, ଭୁବନେଶ୍ୱର*
*ମୋ: ୯୮୬୧୦୦୯୨୫୨*

## ଅ ତୀ ତ ରୁ...

■ ଆଇଡିଆଲ ପ୍ରଡକ୍ସନ, ସମ୍ବଲପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମନ ଆକାଶ'। ରାସବିହାରୀ ମିଶ୍ରଙ୍କ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ଉପେନ୍ଦ୍ର କୁମାରଙ୍କ ସ୍ୱର ସଂଯୋଜିତ ଗୀତଗୁଡିକ ସେ ସମୟରେ ବେଶ୍ ଶ୍ରୋତାଦୃତ ହୋଇଥିଲା। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶାନ୍ତିସ୍ୱରୂପ ଏବଂ ଲାବଣ୍ୟବତୀ।

■ ସୋମନାଥ ସାହୁଙ୍କ ପ୍ରଯୋଜନାରେ ନିର୍ମିତ 'ଘର ବାହୁଡା' ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ସୋନା ମୁଖାର୍ଜୀ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁଜାତା ଆନନ୍ଦ, ସାମୁଏଲ୍ ସାହୁ (ବାବି), ନିରଞ୍ଜନ, ହିମାଂଶୁ ପ୍ରମୁଖ କଳାକାର।

■ 'ଅଦିନ ମେଘ' ଚିତ୍ରର ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ପ୍ରଶାନ୍ତ ନନ୍ଦ, ଝରଣା ଦାସ, ସନ୍ଧ୍ୟା, ଗୀତା, ସାମୁଏଲ୍ ସାହୁ (ବାବି) ଆଦି କଳାକାର ଫିଲ୍ମରେ ଅଭିନୟ କରିଥିଲେ।

■ ସଚିନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ନବଜନ୍ମ'ର ପ୍ରଯୋଜନା କରିଥିଲେ ବିଶିଷ୍ଟ ପ୍ରଯୋଜକ ଧୀର ବିଶ୍ୱାଳ। ଶତର ପୂଜାରୀ, ଝରଣା ଦାସ, ଅକ୍ଷୟ ମହାନ୍ତି ଏବଂ ଗୀତାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

■ ରାଧା ପିକ୍ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'କେଦାର ଗୌରୀ'। ଚୌଧୁରୀ ବଳରାମ ଦାସ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ନିତାଇ ପାଲିତ। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଗୌର ପ୍ରସାଦ ଏବଂ ଚପଳା।


ତାପସୀ

# ଅପେକ୍ଷା କରିଛନ୍ତି ତାପସୀ

ତାପସୀ ପାନ୍ନୁ ଏବେ ଅପେକ୍ଷା କରି ରହିଛନ୍ତି। କେବେ ସେହି ଦିନ ଆସିବ, ଯେଉଁଦିନ ତାଙ୍କ ଅଭିନୀତ ତଥା ବହୁ ପ୍ରତୀକ୍ଷିତ ସିନେମା 'ଡୁନ୍‌କି' ରିଲିଜ ହେବ। ଚଳିତ ବର୍ଷ ଡିସେମ୍ବରରେ ଏହି ଚିତ୍ରଟି ପରଦା ଉପରକୁ ଆସିବାର ଯୋଜନା ରହିଛି। ଆଉ ଏଥିରେ ତାପସୀଙ୍କ ନାୟକ ସାଜିଛନ୍ତି ଶାହରୁଖ। ଏହି ଫିଲ୍ମ ବିଷୟରେ ତାପସୀ କହନ୍ତି, 'ଏହି ସିନେମାର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି। ଏହାବ୍ୟତୀତ ନିକଟରେ ଶାହରୁଖଙ୍କ ଦୁଇଟି ସିନେମା 'ପଠାନ୍' ଏବଂ 'ଜୱାନ' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ସେପଟେ 'ଡୁନ୍‌କି' ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ନାମୀ ନିର୍ଦ୍ଦେଶକ ରାଜ କୁମାର ହିରାନୀ। ତେଣୁ ଫିଲ୍ମଟିର ସଫଳତାକୁ ନେଇ ଦୃଢ଼ ଆଶା ରହିବା ସ୍ୱାଭାବିକ।' ଏହାର କାହାଣୀ ରଚନା କରିଛନ୍ତି କନିକା ଧିଲୋଁନ, ରାଜ କୁମାର ହିରାନୀ ଏବଂ ଅଭିଜିତ ଜୋଷୀ। ଏଥିରେ ଶାହରୁଖ ଏବଂ ତାପସୀଙ୍କ ବ୍ୟତୀତ ଧର୍ମେନ୍ଦ୍ର, ବୋମନ ଇରାନୀ ଏବଂ ଭିକି କୌଶଲଙ୍କ ପରି କଳାକାର ଅଭିନୟ କରିଛନ୍ତି। ତେବେ ପରଦା ଉପରକୁ ଆସିବା ପରେ 'ଡୁନ୍‌କି' କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।

# ପରଦାରେ ଶଙ୍କର

ଆକ୍ସନ, ରୋମାଣ୍ଟିକ, ଓ ସସ୍‌ପେନ୍ସଭରା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର : ଦ ଡ୍ରେଷ୍ଟ୍ରୟର'। ଖାସ୍ କଥା ହେଲା ଫିଲ୍ମଟି ଚଳିତ ମାସ ୨୯ରେ ରିଲିଜ ହେବାକୁ ଯାଉଛି। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି


ସିଦ୍ଧାନ୍ତ

ଅରବିନ୍ଦ ସାହୁ। କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଏହାର ଲିଡ୍ ରୋଲ୍‌ରେ ଦେବା-ଦିବ୍ୟା ଯୋଡିକୁ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଲୋକପ୍ରିୟ ଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ସିଦ୍ଧାନ୍ତ ମହାପାତ୍ରଙ୍କ ସାନ ଭାଇ ଭୂମିକାରେ ଦେବା ଅଭିନୟ କରିଥିବା ବେଳେ ବିଦ୍ୟା ଜଣେ ସ୍କୁଲ ଶିକ୍ଷୟିତ୍ରୀ ରୋଲ୍‌ରେ ଦେଖାଦେବେ। ଏହି ଫିଲ୍ମରେ କୁନା ତ୍ରିପାଠୀ, ଶିବ୍, କେ.କେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୁପୂର ଘୋଷ ଆଦି କଳାକାରଙ୍କୁ ଦେଖିବାକୁ ମିଳିବ।

# ସଙ୍କବାଙ୍କ ଅନ୍ତରାଳେ...


ନୋରା

ନୋରା ଫତେହିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ସେ ସବୁ କାମକୁ ପଛରେ ପକାଇ ଗୋଟିଏ କଥାରେ ମନୋନିବେଶ କରିଛନ୍ତି। ତାହା କ'ଣ ଜାଣନ୍ତି ? ବର୍ତ୍ତମାନ ସେ ଏକ ସୋଲୋ ଗୀତ ପାଇଁ ପ୍ରାକ୍ଟିସ ଜାରି ରଖିଛନ୍ତି। ହେଲେ ଏହା ପଛରେ ଏମିତି କ'ଣ କାରଣ ରହିଛି, ଯାହା ପାଇଁ ସେ ଦିନରାତି ଏକାଠି କରିଦେଇଛନ୍ତି ତାହା ଜାଣିବେନି ? ହଁ, ସେ ନେଇ ନୋରା କହନ୍ତି, 'ଅସଲ କଥା ହେଲା, ଏହି ଗୀତର କୋରିଓଗ୍ରାଫି ଦେଖିବା ପରେ ତାହାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯିବ ସେ ନେଇ ଚେଷ୍ଟା ଜାରି ରଖିଛି। ବିଶେଷଭାବରେ ଯେହେତୁ ଏହା ଏକ ସୋଲୋ ଡ୍ୟାନ୍ସ ତେଣୁ ଗୀତଟିର ସଫଳତା ମୋ ଉପରେ ହିଁ ନିର୍ଭର କରେ। ସେଥିପାଇଁ ସବୁ କାମକୁ ପଛରେ ପକାଇ ଏହାର ଅଭ୍ୟାସରେ ଲାଗି ପଡିଛି।' ଏହି ନୂଆ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ତେବେ ଏହି ଗୀତଟି ନୋରାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ।

# ଲେଖାଲେଖିରେ ବ୍ୟସ୍ତ

ଆୟୁଷ୍ମାନ ଖୁରାନାଙ୍କ ହାତରେ ଏବେ ସିନେମା ନାହିଁ। ତେଣୁ ସେ ନିଜକୁ ଲେଖାଲେଖିରେ ବ୍ୟସ୍ତ ରଖିଛନ୍ତି। ହେଲେ ସେ ଏମିତି କ'ଣ ଲେଖୁଛନ୍ତି କି ? କଥା କ'ଣ କି ନିଜ ସିନେମା କ୍ୟାରିୟରର ସ୍ମରଣୀୟ ଘଟଣାଗୁଡିକୁ ଲିପିବଦ୍ଧ କରୁଛନ୍ତି ସେ। ଏ ବିଷୟରେ ଆୟୁଷ୍ମାନ କହନ୍ତି, 'ଆକ୍ଟିଂ କରିବା ସମୟରେ ମୋ ଜୀବନରେ ଅନେକ ଘଟଣା ଘଟିଛି। ସେଗୁଡିକୁ ଏବେ ମନେ ପକାଇ ଡାଏରୀରେ ଲେଖିବା ଆରମ୍ଭ କରିଛି। ମୋର ଆକ୍ଟିଂ କ୍ୟାରିୟର ଅନେକ ଉତ୍‌ଥାନ ପତନ ଭିତରେ ଗତି କରିଛି। ପ୍ରଥମ ସିନେମା 'ଭିକି ଡୋନର' ହିଟ୍ ହୋଇଥିଲା। ଏହି ଡେବ୍ୟୁ ଫିଲ୍ମ ପାଇଁ ମୋତେ ଅନେକ ପୁରସ୍କାର ମିଳିଥିଲା। କିନ୍ତୁ ତା'ପରେ କେତୋଟି ସିନେମା ଲଗାତର ଫ୍ଲପ୍ ହୋଇଥିଲା। ହେଲେ ସେଥିରେ ମୁଁ ଭାଙ୍ଗି ପଡି ନ ଥିଲି। କାରଣ ବିଫଳତାରୁ ଅନେକ ଶିଖିବାକୁ ମିଳିଥାଏ। ତେଣୁ ସେହି ସମୟରେ ରୋମାଞ୍ଚକର ଘଟଣାଗୁଡିକୁ ମନେ ପକାଇ ଲେଖି ରଖୁଛି।' ଆୟୁଷ୍ମାନଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ହେଲା-'ଦମ୍ ଲଗାକେ ହୈସା', 'ମେରି ପ୍ୟାରି ବିନ୍ଦୁ', 'ଅନ୍ଧାଧୁନ୍', 'ବଧାଇ ହୋ', 'ଡ୍ରିମ୍ ଗର୍ଲ', 'ଚଣ୍ଡିଗଡ଼ କରେ ଆସିକ', 'ଅନେକ୍' ଏବଂ 'ଡକ୍ଟରଜୀ'।

# ଅଭିନେତ୍ରୀ ହୋଇ ନ ଥିଲେ...

ଦିନ ଥିଲା ବଲିଉଡ୍‌ରେ ରାଜ କରୁଥିଲେ ମାଧୁରୀ ଦୀକ୍ଷିତ। କେବଳ ଅଭିନୟ ନୁହେଁ, ନୃତ୍ୟରେ ସେ କେତେ ପାରଙ୍ଗମ ଥିଲେ ତାହା କହିବା ବାହୁଲ୍ୟ। ହେଲେ ଯେତେବେଳେ ସେ ପାଠ ପଢୁଥିଲେ ତାଙ୍କର ଲକ୍ଷ୍ୟ ଥିଲା ଅଲଗା। ସେତେବେଳେ ସେ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ହେବାକୁ ଇଚ୍ଛା କରିଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗା। ପରବର୍ତ୍ତୀ ସମୟରେ ସେ ଅଭିନୟ କ୍ଷେତ୍ରରେ ପାଦ ରଖିଥିଲେ। ଆଉ ସମୟକ୍ରମେ ସେ ହିନ୍ଦୀ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ନାୟିକା ଭାବରେ ନିଜକୁ ପ୍ରତିପାଦିତ କରିପାରିଥିଲେ। ଶୁଣିବାକୁ ମିଳେ ଯେ 'ହମ୍ ଆପକେ ହୈ କୌନ' ସିନେମାର ତାଙ୍କୁ ପାରିଶ୍ରମିକ ଭାବରେ ୨.୭ କୋଟି ମିଳିଥିଲା। ଏପରିକି ଏହା ଉକ୍ତ ଫିଲ୍ମର ନାୟକ ସଲମାନ ଖାନ୍‌ଙ୍କଠାରୁ ଅଧିକ ଥିଲା।


ମାଧୁରୀ

## ଅପେରା ହାଲ୍‌ଚାଲ୍

# ଟୁ-ଇନ୍-ୱାନ୍ ପପୁ



ଜଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ପପୁ ପଣ୍ଡା। ଚଳିତ ଯାତ୍ରା ସିଜନ୍‌ରେ ତାଙ୍କୁ ଟୁ-ଇନ୍-ୱାନ୍ ଅବତାରରେ ଦେଖିବାକୁ ମିଳିଛି। ବର୍ତ୍ତମାନ ସେ ନବଗଠିତ ଯାତ୍ରା ଆକାଶଗଙ୍ଗାରେ ଅଭିନୟ ଜାରି ରଖିଛନ୍ତି। ତା'ସହ ଏହି ପାର୍ଟିର ନାଟ୍ୟ ପରିଚାଳକ ଭାବରେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି। ଏଥର ଉକ୍ତ ପାର୍ଟି ଦ୍ୱାରା ପରିବେଷିତ ନାଟକଗୁଡିକରେ ତାଙ୍କର ଅଭିନୟକୁ ଯେତେ ପ୍ରଶଂସା କରିବ ସେତେ କମ୍ ହେବ। 'ନିଜ ସ୍ୱାମୀ ମୋତେ ଭଲ ଲାଗୁନି'ରେ ଅଶୋକ, 'ଫେରିବୁ ତୁ ଏକା ଏକା'ରେ ଜନାର୍ଦ୍ଦନ ପୂଜାରୀ, 'ତୁ କହିବୁ ନା ମୁଁ କହିବି'ରେ ଦିଶୁଆ ଏବଂ 'ଆକାଶର ଲୁହ ଗଙ୍ଗାର କୋହ'ରେ ସୁରେଶ ମହାପାତ୍ର ଭୂମିକାରେ ପପୁଙ୍କୁ ଏଥର ଦେଖିବାକୁ ମିଳିଛି। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ସେ ଅପେରା ଜଗତ ସହ ଜଡିତ ଅଛନ୍ତି। 'ଏପର୍ଯ୍ୟନ୍ତ ମୁଁ ଅଭିନୟ ସହ ରହିଛି, କାରଣ ଦର୍ଶକଙ୍କ ଆଶୀର୍ବାଦ ସବୁବେଳେ ମୋ ଉପରେ ଅଛି। ବର୍ତ୍ତମାନ ମୋତେ ଅଭିନୟ ସହ ଏହି ପାର୍ଟିର ନାଟ୍ୟ ପରିଚାଳକ ଭାବରେ ଦାୟିତ୍ୱ ତୁଲାଇବାକୁ ପଡୁଛି।'

# ଚତୁର୍ଥ ଦିବସରେ ଶୁଟରଙ୍କ ଚମକ, ସେଲିଂରୁ ୧ ପଦକ



ରୌପ୍ୟ ପଦକ ପ୍ରଦର୍ଶନ କରୁଛନ୍ତି ଈଶା ସିଂ।

ଏସିଆନ ଗେମ୍ସର ଚତୁର୍ଥ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ ସହ ମୋଟ ୮ଟି ପଦକ ହାସଲ କରିଛନ୍ତି। ଫଳରେ ଭାରତର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ, ୭ ରୌପ୍ୟ, ୧୦ ବ୍ରୋଞ୍ଜ ସହ ୨୨ରେ ପହଞ୍ଚିଛି। ବୁଧବାର ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟରେ ସିଫ୍ଟ କୌର ସମ୍ରା ଏବଂ ମହିଳା ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ମନୁ ଭାକର, ଈଶା ସିଂ, ରିଦମ ସଙ୍ଗଓ୍ୱାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଟିମ୍ ଇଭେଣ୍ଟରେ ଆଶି ଚୌକସେ, ମାନିନି କୌଶିକ, ସିଫ୍ଟ କୌର ସମ୍ରା, ମହିଳା ୨୫ ମିଟର ପିସ୍ତଲରେ ଈଶା ସିଂ ଏବଂ ପୁରୁଷ ସ୍କିଟ୍ ଫାଇନାଲରେ ଅନନ୍ତ ଜିତ୍ ସିଂ ନରୁକା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟରେ ଆଶି ଚୌକସେ, ପୁରୁଷ ସ୍କିଟ-୫୦ ଟିମ୍ ଇଭେଣ୍ଟରେ ଅନନ୍ତ ଜିତ ସିଂ, ଗୁରଜୋତ ସିଂ, ଅଙ୍ଗଦ ବୀର ସିଂ ବାଜଓ୍ୱା ଏବଂ ସେଲିଂର ପୁରୁଷ ଡିଙ୍ଘି ଆଇଏଲ୍ସିଏ-୭ରେ ବିଷ୍ଣୁ ସର୍ଭାନନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



ପୁରୁଷ ସ୍କିଟ୍ ଫାଇନାଲ ଅବସରରେ ଅନନ୍ତ ଜିତ୍ ସିଂ ନରୁକା।

## ଭାରତର ପଦକ (ବୁଧବାର)

**ସ୍ୱର୍ଣ୍ଣ**

- ସିଫ୍ଟ କୌର ସମ୍ରା: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟ
- ମନୁ ଭାକର, ଈଶା ସିଂ, ରିଦମ ସଙ୍ଗଓ୍ୱାନ: ମହିଳା ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟ

**ରୌପ୍ୟ**

- ଆଶି ଚୌକସେ, ମାନିନି କୌଶିକ,ସିଫ୍ଟ କୌର ସମ୍ରା: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଟିମ୍ ଇଭେଣ୍ଟ
- ଈଶା ସିଂ: ମହିଳା ୨୫ ମିଟର ପିସ୍ତଲ
- ଅନନ୍ତ ଜିତ୍ ସିଂ ନରୁକା: ପୁରୁଷ ସ୍କିଟ୍ ଫାଇନାଲ

**ବ୍ରୋଞ୍ଜ**

- ଆଶି ଚୌକସେ: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟ
- ଅନନ୍ତ ଜିତ ସିଂ, ଗୁରଜୋତ ସିଂ, ଅଙ୍ଗଦ ବୀର ସିଂ ବାଜଓ୍ୱା: ପୁରୁଷ ସ୍କିଟ-୫୦ ଟିମ୍ ଇଭେଣ୍ଟ
- ବିଷ୍ଣୁ ସର୍ଭାନନ: ପୁରୁଷ ଡିଙ୍ଘି ଆଇଏଲ୍ସିଏ-୭ (ସେଲିଂ)



ଶୁଟିଂରେ ସ୍ୱର୍ଣ୍ଣ ପଦକ ବିଜୟିନୀ ମନୁ ଭାକର, ରିଦମ ସଙ୍ଗଓ୍ୱାନ ଓ ଈଶା ସିଂ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୭୬ | ୪୩ | ୨୧ | ୧୪୦ |
| ଦ.କୋରିଆ | ୧୯ | ୧୮ | ୩୩ | ୭୦ |
| ଜାପାନ | ୧୫ | ୨୭ | ୨୪ | ୬୬ |
| ଉଜ୍‌ବେକିସ୍ତାନ | ୬ | ୧୦ | ୧୨ | ୨୮ |
| ଥାଇଲାଣ୍ଡ | ୬ | ୩ | ୮ | ୧୭ |
| ହଂକଂ | ୫ | ୮ | ୧୪ | ୨୭ |
| **ଭାରତ** | **୫** | **୭** | **୧୦** | **୨୨** |
| ଇଣ୍ଡୋନେସିଆ | ୩ | ୨ | ୭ | ୧୨ |
| ସିଙ୍ଗାପୁର | ୨ | ୩ | ୪ | ୯ |
| ଚାଇନିଜ ତାଇପେ | ୨ | ୩ | ୪ | ୯ |
| ଇରାନ | ୧ | ୫ | ୯ | ୧୫ |
| କାଜାଖସ୍ତାନ | ୧ | ୨ | ୧୦ | ୧୩ |
| ମାଲେସିଆ | ୧ | ୨ | ୪ | ୭ |
| ୟୁଏଇ | ୧ | ୧ | ୩ | ୫ |
| ତାଜିକିସ୍ତାନ | ୧ | ୧ | ୧ | ୩ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |
| ମକାଓ | ୧ | ୦ | ୨ | ୩ |
| କୁଏଟ୍ | ୧ | ୦ | ୧ | ୨ |

## ସେଲିଂରେ ବିଷ୍ଣୁ ସର୍ଭାନନଙ୍କୁ ବ୍ରୋଞ୍ଜ

ନିଙ୍ଗବୋ, ୨୭।୯ (ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ସେଲର ବିଷ୍ଣୁ ସର୍ଭାନନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ଡିଙ୍ଘି ଆଇଏଲ୍ସିଏ-୭ ଇଭେଣ୍ଟରେ ସେ ଦେଶ ପକ୍ଷରୁ ପ୍ରଥମ ପଦକ ହାସଲ କରିଛନ୍ତି। ସର୍ଭାନନ ୩୪ ପଏଣ୍ଟ ସହିତ ଅଭିଯାନ ଶେଷ କରିଥିଲେ। ୧୧ ରେସ୍ ବିଶିଷ୍ଟ ପ୍ରତିଯୋଗିତାରେ ସେ ମାତ୍ର ୧ ପଏଣ୍ଟ ପାଇଁ ରୌପ୍ୟ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ପବନ ନ ଥିବାରୁ ମହିଳା ସିଙ୍ଗଲ୍ ଡିଙ୍ଘି ଆଇଏଲ୍ସିଏ-୬ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀ ପଦକ ହାସଲ କରିପାରି ନ ଥିଲେ। ୧୨ ରେସ୍ ବିଶିଷ୍ଟ ପ୍ରତିଯୋଗିତାରେ ନେଥ୍ରା କୁମାନନ ୪ର୍ଥ ସ୍ଥାନରେ ରହି ନିରାଶ ହୋଇଥିଲେ। ଚଳିତ ଏସିଆନ ଗେମ୍ସରେ ଭାରତୀୟ ସେଲରମାନେ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ସହ ଅଭିଯାନ ଶେଷ କରିଛନ୍ତି। ଯାହାକି ୨୦୧୮ ଏସିଆନ ଗେମ୍ସ ସଫଳତା ସହ ସମକକ୍ଷ। ପୂର୍ବରୁ ୧୭ ବର୍ଷୀୟା ନେହା ଠାକୁର ରୌପ୍ୟ ଓ ଇଆବାଦ ଅଲୀ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ପୁରୁଷ ଡିଙ୍ଘି ଆଇଏଲ୍ସିଏ-୭ ଇଭେଣ୍ଟ ଅବସରରେ ବିଷ୍ଣୁ ସର୍ଭାନନ।

## ପଦକ ପକ୍କା କଲେ ରାମକୁମାର-ସାକେତ

ହାଙ୍ଗଝୋ,୨୭।୯(ପି.ଟି.)

ଟେନିସ୍‌ରେ ପୁରୁଷ ଡବଲ୍ସ ଯୋଡି ରାମକୁମାର ରାମନାଥନ ଓ ସାକେତ ମାଇନେନି ଭାରତ ପାଇଁ ପଦକ ପକ୍କା କରିଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ରାମକୁମାର-ସାକେତ ବୁଧବାର ଚାଇନାର ଝିଝେନ୍ ଝାଙ୍ଗ ଓ ୟିବିଙ୍ଗ ଉଙ୍କୁ ୬-୧, ୭-୬(୮)ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସିଙ୍ଗଲ୍ସରେ ଭାରତୀୟ ଟେନିସ୍ ଖେଳାଳିଙ୍କ ଅଭିଯାନ ଶେଷ ହୋଇଛି। ୨୦୦୬ ମସିହା ପରେ ପ୍ରଥମ ଥର ପାଇଁ ଭାରତୀୟ ସିଙ୍ଗଲ୍ସ ଖେଳାଳି ଖାଲି ହାତରେ ଫେରିଛନ୍ତି। ବୁଧବାର ସୁମିତ ନାଗଲ ଓ ଅଙ୍କିତା ରାଇନା ନିଜର କ୍ୱାର୍ଟର ଫାଇନାଲ ମ୍ୟାଚରେ ପରାଜିତ ହେବା ଫଳରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ସ୍ଥାନୀୟ ଫେଭରିଟ୍ ତଥା ବିଶ୍ୱ ମାନ୍ୟତାର ୬୦ ନମ୍ବର ସ୍ଥାନରେ ଥିବା ଝିଝେନ୍ ଝାଙ୍ଗଙ୍କ ନିକଟରୁ ୭-୬(୩), ୧-୬ ଓ ୨-୬ ସେଟ୍‌ରେ ପରାଜିତ ହୋଇଥିଲେ ନାଗଲ। ଏହି ମ୍ୟାଚଟି ୨ ଘଣ୍ଟା ୧୬ ମିନିଟ ଧରି ଚାଲିଥିଲା। ବିଗତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜୟିନୀ ଅଙ୍କିତା ୬-୩, ୪-୬, ୬-୪ ସେଟ୍‌ରେ ଜାପାନର ହାରୁକା ରାଜିଙ୍କ ନିକଟରୁ ପରାଜିତ ହୋଇଥିଲେ। ଏହି ମ୍ୟାଚଟି ୨ ଘଣ୍ଟା ୫୩ ମିନିଟ ଧରି ଚାଲିଥିଲା।

**ଇକ୍ୱିଷ୍ଟ୍ରିଆନ୍:** ଏସିଆନ୍ ଗେମ୍ସରେ ଭାରତୀୟ ଅଶ୍ୱଚାଳକଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଡ୍ରେସେଜ୍ ଟିମ୍ ଇଭେଣ୍ଟରେ ୪୧ ବର୍ଷ ପରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ବ୍ୟକ୍ତିଗତ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି ହୃଦୟ ବିପୁଲ ଛେଡା,ଅଂଶୁ ଅଗ୍ରଓ୍ୱାଲ ଓ ଦିବ୍ୟକ୍ରିତି ସିଂ। ଇକ୍ୱିଷ୍ଟ୍ରିଆନ (ଅଶ୍ୱଚାଳନା)ର ଡ୍ରେସେଜ ଇଭେଣ୍ଟ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଚମତ୍କାର ପ୍ରଦର୍ଶନ କରିବା ସହିତ ହୃଦୟ ଓ ଅଂଶୁ ଫାଇନାଲରେ ପ୍ରବେଶ କରିବା ସହ ପଦକ ଦୌଡରେ ରହିଛନ୍ତି। ଚେମଏକ୍ସପ୍ରୋ ଆରୋହଣ କରିଥିବା ହୃଦୟ ୭୩.୮୨୩ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷ୍ୟରେ ଏଟ୍ରୋ ଆରୋହଣ କରିଥିବା ଅଂଶୁ ୭୧.୭୦୬ ପଏଣ୍ଟ ସ୍କୋର କରି ୪ର୍ଥ ସ୍ଥାନରେ ରହିଥିଲେ। ଆଡ୍ରେନାଲିନ୍ ଫିର୍ଫୋଡ ଆରୋହଣ କରିଥିବା ଦିବ୍ୟାକ୍ରିତି ସିଂ ୬୭.୬୭୬ ପଏଣ୍ଟ ସହିତ ୧୧ତମ ସ୍ଥାନରେ ରହିଥିଲେ। ଅନ୍ୟତମ ପ୍ରତିଯୋଗୀ ସୁଦୀପ୍ତି ହାଲେଜା ଏଲିମିନେଟ୍ ହୋଇ ଯାଇଥିଲେ। ଟପ୍-୧୫ ମଧ୍ୟରେ ରହିଥିବା ଖେଳାଳି ଫାଇନାଲକୁ ଉନ୍ନୀତ ହୋଇଥିଲେ।

**ଥ୍ରୀ ଏ ସାଇଡ ବାସ୍କେଟବଲ୍:** ଭାରତୀୟ ଥ୍ରୀ ଏ ସାଇଡ ବାସ୍କେଟବଲ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍ ସିରେ ସ୍ଥାନ ପାଇଥିବା ଭାରତ ବୁଧବାର ମାକାଓ ବିପକ୍ଷରେ ଚମତ୍କାର ବିଜୟ ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସାହାଜୀ ପ୍ରତାପ ସିଂ ଶେଖୋନ୍ ସର୍ବାଧିକ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ମାକାଓକୁ ୨୧-୧୨ରେ ପରାସ୍ତ କରିଛି ଭାରତ। ପୂର୍ବରୁ ମାଲେସିଆକୁ ଦଳ ୨୦-୧୬ରେ ପରାସ୍ତ କରିଥିଲା। ଶୁକ୍ରବାରର କ୍ୱାର୍ଟର ଫାଇନାଲରେ ଭାରତ ଗତ ସଂସ୍କରଣର ସ୍ୱର୍ଣ୍ଣ ପଦକ ବିଜେତା ଚାଇନାକୁ ଭେଟିବ।

**ସାଇକ୍ଲିଂ:** ଭାରତୀୟ ସାଇକ୍ଲିଷ୍ଟ ଡେଭିଡ୍ ବେକ୍‌ହାମ ଏଲକାଟୋଟୋଙ୍ଗୋ ପୁରୁଷ ସ୍ପ୍ରିଣ୍ଟ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସିଏସ୍‌ସି ଭେଲୋଡ୍ରୋମର କଷ୍ଟସାଧ ଟ୍ରାକ୍‌ରେ ଡେଭିଡ୍ ରିପିଚେଜ ରାଉଣ୍ଡ ଜରିଆରେ ଟପ୍-୮ରେ ସାମିଲ ହୋଇଥିଲେ। କାଜାଖସ୍ତାନର ସର୍ଗେଇ ପୋନୋମାରେୟୋଭ ଓ ଆନ୍ଦ୍ରେ କାଜରୁଗେଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ରୋନାଲ୍ଡୋ ସିଂ ୧୩ ତମ ସ୍ଥାନରେ ରହି ବିଦାୟ ନେଇଥିଲେ। ମହିଳା କେଇରିନ୍ ଇଭେଣ୍ଟରେ ଭାରତର ଶଶୀକଳା ଆଗାଶେ ଓ ତ୍ରିୟାଶା ପଲ୍ ହିଟ୍‌ରୁ ଆଗେଇବାରେ ବିଫଳ ହୋଇଥିଲେ।

**ଚେସ୍:** ଭାରତୀୟ ଚେସ୍ ଖେଳାଳି ବ୍ୟକ୍ତିଗତ ଇଭେଣ୍ଟରେ ଖାଲି ହାତ ରହିଛନ୍ତି। ଅନ୍ତିମ ରାଉଣ୍ଡରେ ପରାଜୟ କାରଣରୁ ଭିଦିଥ୍ ସନ୍ତୋଷ ଗୁଜରାଠୀ ଏକ ପଦକରୁ ବଞ୍ଚିତ ହୋଇଥିଲେ। ଭିଦିଥ୍ ଓ ଅର୍ଜୁନ୍ ଏରିଗାସୀ ୫.୫ ପଏଣ୍ଟ ଲେଖାଏ ସ୍କୋର କରିଥିବା ବେଳେ ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। ମହିଳା ବ୍ୟକ୍ତିଗତ ବର୍ଗରେ ଭାରତର ଦ୍ରୋଣାବଳୀ ହାରିକା ୪ର୍ଥ ସ୍ଥାନରେ ରହିଥିବା ବେଳେ କୋନେରୁ ହମ୍ପି ୭ମ ସ୍ଥାନରେ ରହିଛନ୍ତି। ହାରିକା ୬ ପଏଣ୍ଟ ଅର୍ଜନ କରିଥିବା ବେଳେ ହମ୍ପିଙ୍କ ବିପକ୍ଷ ଅନ୍ତିମ ରାଉଣ୍ଡ ମ୍ୟାଚ୍ ଡ୍ର ରଖିଥିଲେ। ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ସେ ବ୍ରୋଞ୍ଜ ପଦକ ହାସଲ କରିଥାନ୍ତେ।

**ସନ୍ତରଣ:** ବୁଧବାର ଜଣେ ବି ଭାରତୀୟ ସନ୍ତରଣକାରୀ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଅଲିମ୍ପିଆନ୍ ମାନା ପଟେଲ ହିଟ୍ସରେ ତୃତୀୟ ଓ ଓଭରଅଲ ୧୩ତମ ସ୍ଥାନରେ ରହିଥିଲେ। ୧୦୦ ମି.ବଟରଫ୍ଲାଏ ଇଭେଣ୍ଟରେ ନିନା ଭେଙ୍କଟେଶ ୧୪ତମ ସ୍ଥାନରେ ରହିବା ସହିତ ଫାଇନାଲକୁ ଯୋଗ୍ୟତା ହାସଲ କରି ପାରି ନ ଥିଲେ।

## ସଙ୍ଗୀତାଙ୍କ ହ୍ୟାଟ୍ରିକ୍: ମହିଳା ହକି ଦଳ ବିଜୟୀ

ହାଙ୍ଗଝୋ,୨୭।୯(ପି.ଟି.)

ବୁଧବାର ଏସିଆନ୍ ଗେମ୍ସ ମହିଳା ହକି ମ୍ୟାଚ୍‌ରେ ଭାରତ ୧୩-୦ରେ ସିଙ୍ଗାପୁରକୁ ପରାସ୍ତ କରିଛି। ପୁଲ୍ ଏ’ରେ ଭାରତ ନିଜର ଅଭିଯାନ ଆରମ୍ଭ କରିଥିବା ବେଳେ ଯୁବ ଷ୍ଟ୍ରାଇକର ସଙ୍ଗୀତା କୁମାରୀ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ପ୍ରଥମ ଦୁଇ କ୍ୱାର୍ଟରରେ ଭାରତ ୮ ଗୋଲ ସ୍କୋର କରିଥିଲା। ସଙ୍ଗୀତା (୨୩, ୪୭ ଓ ୫୬ ମିନିଟ) ୩ଟି ଗୋଲ ଦେଇଥିବା ବେଳେ ନବନୀତ କୌର (୧୪ ଓ ୧୪ ମିନିଟ) ଦୁଇଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦିତା(୬), ସୁଶୀଳା ଚାନୁ(୮), ଦୀପିକା(୧୧), ଦୀପଗ୍ରେସ୍ ଏକ୍କା(୧୭), ନେହା(୧୯), ସଲିମା ଟେଟେ(୩୫), ମୋନିକା(୫୨) ଓ ବନ୍ଦନା କଟାରିୟା(୫୬ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଶୁକ୍ରବାର ଭାରତ ନିଜର ପରବର୍ତ୍ତୀ ମ୍ୟାଚ୍‌ରେ ମାଲେସିଆକୁ ଭେଟିବ। ଦଳର ସମସ୍ତ ଖେଳାଳି ଚମତ୍କାର ପ୍ରଦର୍ଶନ କରିବାରୁ ଦଳ ସହଜ ବିଜୟ ହାସଲ କରିଥିଲା ବୋଲି ଅଧିନାୟିକା ସବିତା ପୁନିଆ କହିଛନ୍ତି। ଶୁକ୍ରବାର ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଭାରତ ମାଲେସିଆକୁ ଭେଟିବ।



ଗୋଲ ସ୍କୋର କରିବା ପରେ ଦୀପ ଗ୍ରେସ୍ ଏକ୍କାଙ୍କୁ ସାଥି ଖେଳାଳିମାନେ ବଧେଇ ଜଣାଉଛନ୍ତି।

## ମ୍ୟାକ୍‌ଗ୍ରା ସର୍ବାଧିକ ଉଇକେଟ ହାସଲକାରୀ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣକୁ ଆଉ ମାତ୍ର ୭ ଦିନ ବାକି ରହିଛି। ବିଶ୍ୱର ଶ୍ରେଷ୍ଠ ଦଳକୁ ନେଇ ଭାରତର ୧୦ଟି ଭେନ୍ୟୁରେ ଆରମ୍ଭ ହେବ ଏହି ମହାକୁମ୍ଭ। ବିଶ୍ୱକପ୍‌ର ୧୨ ସଂସ୍କରଣରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ସମ୍ପର୍କରେ ଆଜିର ପ୍ରସ୍ତୁତି...

**ଗ୍ଲେନ୍ ମ୍ୟାକ୍‌ଗ୍ରା: ୧୯୯୬-୨୦୦୭**

ଅଷ୍ଟ୍ରେଲିଆର ଏହି ସ୍ୱିଙ୍ଗ୍‌ଷ୍ଟର ନିଜ ଚମତ୍କାର ସୁଇଙ୍ଗ ବୋଲିଂ ସହିତ ଉଇକେଟ ହାସଲକାରୀ କ୍ଷମତା ପାଇଁ ପ୍ରସିଦ୍ଧ। ବିଶ୍ୱକପ୍‌ର ୪ଟି ସଂସ୍କରଣରେ ସେ ଅଷ୍ଟ୍ରେଲିଆ ପାଇଁ ଖେଳିଛନ୍ତି। ଏହା ମଧ୍ୟରେ ୩୯ ମ୍ୟାଚ୍ ଖେଳି ସେ ନେଇଛନ୍ତି ୭୧ ଉଇକେଟ। ୭/୧୫ର ଶ୍ରେଷ୍ଠ ବୋଲିଂ ଫିଗର ସହିତ ସେ ୪୨ ମେଡେନ ଓଭର ମଧ୍ୟ ବୋଲିଂ କରିଛନ୍ତି।

**ମୁଥେୟା ମୁରଲୀଧରନ:୧୯୯୬-୨୦୧୧**

ଶ୍ରୀଲଙ୍କାର ଏହି ସ୍ପିନ୍ ଯାଦୁକର ୫ଟି ସଂସ୍କରଣର ବିଶ୍ୱକପ୍ ଖେଳି ୬୮ ଉଇକେଟ ନେଇଛନ୍ତି। ପଦାର୍ପଣରେ ୧୯୯୬ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିବା ମୁରଲୀଧରନ ୪୦ ମ୍ୟାଚ୍ ଖେଳିଛନ୍ତି। ୪/୧୯ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ରହିଥିବା ବେଳେ ସେ ୧୫ ମେଡେନ ଓଭର ବୋଲିଂ କରିଛନ୍ତି।




ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

ଆଉ ୭ ଦିନ

**ଲସିଥ୍ ମାଲିଙ୍ଗା: ୨୦୦୭-୨୦୧୯**

ଶ୍ରୀଲଙ୍କା ପାଇଁ ୩ଟି ବିଶ୍ୱକପ୍ ଖେଳିଥିବା ମାଲିଙ୍ଗା ୫୬ ଉଇକେଟ ସହିତ ସର୍ବାଧିକ ଉଇକେଟ ହାସଲକାରୀଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଦୁଇଟି ସଂସ୍କରଣର ଫାଇନାଲ ଖେଳିଥିବା ମାଲିଙ୍ଗା ମାତ୍ର ୨୮ ମ୍ୟାଚରୁ ଏହି ସଫଳତା ହାସଲ କରିଛନ୍ତି। ୬/୩୮ର ଶ୍ରେଷ୍ଠ ବୋଲିଂ ଫିଗର ସହିତ ସେ ୧୧ଟି ମେଡେନ୍ ଓଭର ବୋଲିଂ କରିଛନ୍ତି।

**ୱାସିମ୍ ଆକ୍ରମ: ୧୯୮୭-୨୦୦୩**

ପାକିସ୍ତାନର କିମ୍ବଦନ୍ତୀ ପେସ୍ ବୋଲର ୱାସିମ୍ ଆକ୍ରମ ୫୫ ଉଇକେଟ ସହ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ପାକିସ୍ତାନ ପକ୍ଷରୁ ୫ଟି ସଂସ୍କରଣ ବିଶ୍ୱକପ୍ ଖେଳିଥିବା ଆକ୍ରମ ୩୮ ମ୍ୟାଚରୁ ୫୫ ଉଇକେଟ ନେଇଛନ୍ତି। ଏହା ମଧ୍ୟରେ ୧୬ ମେଡେନ ଓଭର ବୋଲିଂ କରିଥିବା ବେଳେ ୫/୨୮ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ରହିଛି।

**ମିଚେଲ ଷ୍ଟାର୍କ: ୨୦୧୫-ଜାରି ରହିଛି**

ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କ ୧୮ ମ୍ୟାଚ୍‌ରୁ ୪୯ ଉଇକେଟ ନେଇ ଏହି ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ ସେ ଆକ୍ରମ ଓ ମାଲିଙ୍ଗାଙ୍କୁ ଅତିକ୍ରମ କରିବାର ସମ୍ଭାବନା ରହିଛି। ୨୦୧୫ ଓ ୨୦୧୯ ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରହିଥିବା ଷ୍ଟାର୍କ ୮ ମେଡେନ୍ ଓଭର ପକାଇଥିବା ବେଳେ ୬/୨୮ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ରହିଛି।

**ବି.ଦ୍ର:** ଭାରତୀୟ ବୋଲରଙ୍କ ମଧ୍ୟରେ ଜାହିର ଖାନ୍ ଓ ଜାଭାଗଲ ଶ୍ରୀନାଥ ୪୪ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ମହମ୍ମଦ ଶାମି ଓ ଅନିଲ କୁମ୍ବଲେ ୩୧ଟି ଲେଖାଏ ଉଇକେଟ ନେଇଥିବା ବେଳେ ପ୍ରଥମ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ ୨୮ ଉଇକେଟ ନେଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୮/୨୦୨୩ Bhubaneswar, Thursday, September 28/ 2023

# ଅନ୍ତିମ ଦିନିକିଆରେ ଅଷ୍ଟ୍ରେଲିଆ ବିଜୟୀ



ଟ୍ରଫି ସହ ସିରିଜ୍ ବିଜୟୀ ଭାରତୀୟ କ୍ରିକେଟ ଦଳ।

**ରାଜକୋଟ,୨୭।୯**

ରାଜକୋଟରେ ଅନୁଷ୍ଠିତ ଭାରତ ବିପକ୍ଷ ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚକୁ ୬୬ ରନ୍‌ରେ ଜିତି ନେଇଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫୦ ଓଭରରେ ୭ ଉଇକେଟ ହରାଇ ୩୫୨ ରନ୍ କରିଥିଲା। ଜବାବରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୪ ଉଇକେଟ ସଫଳତା ବଳରେ ଭାରତ ୪୯.୪ ଓଭରରେ ୨୮୬ ରନରେ ଅଲଆଉଟ ହୋଇଥିଲା। ଅନ୍ତିମ ମ୍ୟାଚ୍ ହାରିଥିଲେ ମଧ୍ୟ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ

## ମ୍ୟାକ୍ସୱେଲଙ୍କ ବୋଲିଂ ସଫଳତା

୨-୧ରେ ଜିତି ନେଇଛି। ଭାରତ ପକ୍ଷରୁ ରୋହିତ ଶର୍ମା, ବିରାଟ କୋହଲି ଓ ମହମ୍ମଦ ସିରାଜ ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଶୁବମନ ଗିଲ୍, ଇଶାନ କିଶନ, ଆର. ଅଶ୍ୱିନ ଓ ମହମ୍ମଦ ଶାମିଙ୍କୁ ବିଶ୍ରାମ ଦିଆଯାଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିଲା ଅଷ୍ଟ୍ରେଲିଆ। ଟପ୍-୪ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଦଳ ବୃହତ ସ୍କୋର କରିଥିଲା। ଓପନର ମିଚେଲ ମାର୍ଶ ସର୍ବାଧିକ ୯୬ ରନ୍ ସ୍କୋର କରିଥିବା ବେଳେ ଷ୍ଟିଭେନ୍ ସ୍ମିଥ୍ ୭୪, ମାର୍ନସ୍ ଲାବୁଶେନ୍ ୭୨ ଓ ଡେଭିଡ୍ ୱାର୍ନର ୫୬ ରନ୍ କରିଥିଲେ। ମାର୍ଶ ୮୪ ବଲ୍ ଖେଳି ୧୩ ଚୌକା ଓ ୩ ଛକା ମାରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ସର୍ବାଧିକ ୩ ଉଇକେଟ ନେଇଥିଲେ। କୁଲଦୀପ ଯାଦବ୨ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଗିଲ୍‌ଙ୍କ ଅନୁପସ୍ଥିତିରେ ରୋହିତ ଶର୍ମାଙ୍କ ସହିତ ଓପନ କରିଥିଲେ ୱାଶିଂଟନ୍ ସୁନ୍ଦର। ପ୍ରଥମ ଉଇକେଟରେ ରୋହିତ ଶର୍ମା

## ଭାରତ ୨-୧ରେ ସିରିଜ ଜିତିଲା

(୮୧ ରନ୍)ଙ୍କ ସହ ମିଶି ସେ ୭୪ ରନ୍ ଯୋଡିଥିଲେ। ୧୮ ରନ୍ କରି ସୁନ୍ଦର ଆଉଟ ହେବା ପରେ ବିରାଟ କୋହଲି(୫୬)ଓ ରୋହିତ ଶର୍ମାଙ୍କ ମଧ୍ୟରେ ୭୦ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଭାରତୀୟ ଇନିଂସର ଟପ୍ ସ୍କୋରର ରହିଥିବା ରୋହିତଙ୍କୁ ଏକ ଚମତ୍କାର କ୍ୟାଚ୍ ଜରିଆରେ କଟ୍ ଆଣ୍ଡ ବୋଲ୍ଡ କରିଥିଲେ ମ୍ୟାକ୍ସୱେଲ। ୫୭ ବଲ୍ ଖେଳି ସେ ୫ ଚୌକା ଓ ୬ ଛକା ମାରିଥିଲେ। ସେହିପରି ଦିନିକିଆରେ ୬୬ ତମ ଅର୍ଦ୍ଧଶତକ ପୂରଣ କରିଥିବା କୋହଲି ୫ ଚୌକା ଓ ୧ ଛକା ମାରିଥିଲେ। ମଧ୍ୟକ୍ରମରେ ଶ୍ରେୟସ ଆୟର ୪୮, ଲୋକେଶ ରାହୁଲ ୨୬, ରବୀନ୍ଦ୍ର ଜାଡେଜା ୩୫ ରନ୍ ସ୍କୋର କରିଥିଲେ ମଧ୍ୟ ଏହା ଯଥେଷ୍ଟ ନ ଥିଲା। ଟପ୍-୪ ଖେଳାଳିଙ୍କୁ ଆଉଟ କରି ଗ୍ଲେନ୍ ମ୍ୟାକ୍ସୱେଲ ଭାରତୀୟ ଇନିଂସର ବିପର୍ଯ୍ୟୟ ଘଟାଇଥିଲେ। ଜୋଶ ହାଜେଲଉଡ ୨ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୫୦ ଓଭରରେ ୩୫୨/୭(ମିଚେଲ ମାର୍ଶ-୯୬, ଷ୍ଟିଭେନ୍ ସ୍ମିଥ୍-୭୪, ମାର୍ନସ୍ ଲାବୁଶେନ୍-୭୨, ଯଶପ୍ରୀତ୍ ବୁମ୍‌ରା-୩/୮୧, କୁଲଦୀପ ଯାଦବ-୨/୨୮, ପ୍ରସିଦ୍ଧ କ୍ରିଷ୍ଣା-୧/୪୫)।

ଭାରତ ୪୯.୪ ଓଭରରେ ୨୮୬/୧୦(ରୋହିତ ଶର୍ମା-୮୧, ବିରାଟ କୋହଲି-୫୬, ଶ୍ରେୟସ୍ ଆୟର-୪୮, ଗ୍ଲେନ୍ ମ୍ୟାକ୍ସୱେଲ-୪/୪୦, ଜୋଶ ହାଜେଲଉଡ୍-୨/୪୨, କାମେରନ୍ ଗ୍ରୀନ୍-୧/୩୦)।

# ମୁମ୍ବାଇ ବିପକ୍ଷ ମ୍ୟାଚ୍ ସ୍ୱତନ୍ତ୍ର: ଲୋବେରା

**ଭୁବନେଶ୍ୱର,୨୭।୯**
**(ସରୋଜ ଜେନା)**



ସର୍ଗିଓ ଲୋବେରା

ଗୁରୁବାର ଇଣ୍ଡିଆନ୍ ସୁପର ଲିଗ୍‌ରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହି ମ୍ୟାଚକୁ ନେଇ ସେ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ପୂର୍ବରୁ ମୁମ୍ବାଇର ମୁଖ୍ୟ କୋଚ୍ ରହିଥିବା କାରଣରୁ ଏହି ମ୍ୟାଚ୍ ପାଇଁ ଉତ୍ସାହିତ ଥିବା ସେ କହିଛନ୍ତି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ମ୍ୟାଚ୍ ପୂର୍ବବର୍ତ୍ତୀ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଡିଫେଣ୍ଡର ମୋର୍ଟାଡା ଫଲ୍ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଏଫ୍‌ସିର କୋଚ୍ ଡେସ୍ ବକିଙ୍ଗହାମ୍ ଓ ଅଧିନାୟକ ରାହୁଲ ଭେକେ ପ୍ରେସ୍ ମିଟ୍‌ରେ ରହିଥିଲେ। ମୁମ୍ବାଇ ଏକ ଶକ୍ତିଶାଳୀ ଦଳ। ପ୍ରଥମ ମ୍ୟାଚରେ ସେମାନେ ମଧ୍ୟ ବିଜୟୀ ହୋଇ ଆସିଛନ୍ତି। ଉନ୍ନତ ପ୍ରଦର୍ଶନ କରିବା ପାଇଁ ଏହା ଆମ ନିକଟରେ ଏକ ଭଲ ସୁଯୋଗ ବୋଲି କହିଥିଲେ ଲୋବେରୋ। ପୂର୍ବରୁ ମୁମ୍ବାଇ ଦଳ ସହିତ କୋଚିଂ କରି ଥିବାରୁ ଏହି ମ୍ୟାଚ୍ ବ୍ୟକ୍ତିଗତ ଭାବରେ ମୋ ପାଇଁ ବେଶ୍ ସ୍ୱତନ୍ତ୍ର। ମୋହନବାଗାନ ବିପକ୍ଷ ଏଏଫ୍‌ସି କପ୍ ପରାଜୟ ପରେ ଦଳ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିଛି। ଚେନ୍ନାଇନ୍ ବିପକ୍ଷରେ ଆମେ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହୋଇଥିବା ବେଳେ ମୁମ୍ବାଇ ବିପକ୍ଷରେ ସମାନ ପ୍ରଦର୍ଶନ ଦୋହରାଇବା ନେଇ ଗୁରୁତ୍ୱ ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମ ଆମର ହୋମ୍ ଗ୍ରାଉଣ୍ଡ ରହିଥିବା ବେଳେ ଦଳ ମଧ୍ୟ ଜୋରଦାର ପ୍ରସ୍ତୁତି କରିଛି। ଗୁରୁବାର ମ୍ୟାଚରେ ମୁମ୍ବାଇକୁ କଡା ଟକ୍କର ଦେବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି ମୋର୍ଟାଡା ଫଲ୍। ହୋମ୍ ଗ୍ରାଉଣ୍ଡରେ ଓଏଫ୍‌ସି ଏକ ଶକ୍ତିଶାଳୀ ଦଳ ବୋଲି କହିଛନ୍ତି ବକିଙ୍ଗହାମ। ଉଭୟ ଦଳର ଅନେକ ଖେଳାଳି ପରସ୍ପରକୁ ଜାଣିଛନ୍ତି ଓ ମାତ୍ରାଧିକ ଫୁଟବଲ ମଧ୍ୟ ଖେଳିଛନ୍ତି। ତେଣୁ ଗୁରୁବାର ଏକ ଚମତ୍କାର ମ୍ୟାଚ୍ ଦେଖିବାକୁ ମିଳିବ ବୋଲି କହିଛନ୍ତି ମୁମ୍ବାଇ ସିଟି ଏଫ୍‌ସି ମୁଖ୍ୟ କୋଚ୍।

# ୭ ବର୍ଷ ପରେ ଭାରତରେ ପାକିସ୍ତାନ କ୍ରିକେଟ ଦଳ

**ହାଇଦ୍ରାବାଦ, ୨୭।୯ (ପି.ଟି.)**


ଭାରତରେ ପହଞ୍ଚିବା ପରେ ପାକିସ୍ତାନ ଅଧିନାୟକ ବାବର ଆଜମ ଓ ଅନ୍ୟମାନେ।

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ଉଷ୍ମତା ବଢ଼ିଛି। ଦୀର୍ଘ ୭ ବର୍ଷ ବ୍ୟବଧାନରେ ପାକିସ୍ତାନ କ୍ରିକେଟ ଦଳ ପ୍ରଥମଥରପାଇଁ ଭାରତରେ ପହଞ୍ଚିଛି। ବାବର ଆଜମଙ୍କ ନେତୃତ୍ୱାଧୀନ ପାକିସ୍ତାନ ଦଳ ବୁଧବାର ଲାହୋରରୁ ଦୁବାଇ ବାଟଦେଇ ଏଠାରେ ପହଞ୍ଚିଛି। ଭାରତର ୧୦ ଗ୍ରାଉଣ୍ଡରେ କ୍ରିକେଟ ବିଶ୍ୱକପ ଅକ୍ଟୋବର ୫ରୁ ଆରମ୍ଭ ହେବ। ବିଶ୍ୱକପ ପୂର୍ବରୁ ପାକିସ୍ତାନ ଚଳିତ ମାସ ୨୯ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚ ଖେଳିବ। ଏହାପରେ ଅକ୍ଟୋବର ୩ରେ ଅଷ୍ଟ୍ରେଲିଆ ସହ ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ ଖେଳି ନିଜକୁ ପ୍ରସ୍ତୁତ କରିବ। ବିଶ୍ୱକପରେ ପାକିସ୍ତାନ ଏହାର ପ୍ରଥମ ମ୍ୟାଚ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଅକ୍ଟୋବର ୬ ତାରିଖରେ ଏଠାରେ ଅନୁଷ୍ଠିତ ହେବ। ଏହାପରେ ୧୦ ତାରିଖରେ ଶ୍ରୀଲଙ୍କାକୁ ଭେଟିବ। ଭାରତ ଆସିବାର ୪୮ ଘଣ୍ଟା ପୂର୍ବରୁ ପାକିସ୍ତାନ ଖେଳାଳିଙ୍କୁ ଭିଜା ପ୍ରଦାନ କରା ଯାଇଥିଲା। ସମ୍ପର୍କ ଭଲ ନ ଥିବାରୁ ଭାରତ ଓ ପାକିସ୍ତାନ କେବଳ ଆଇସିସି ଇଭେଣ୍ଟରେ ପରସ୍ପରକୁ ଭେଟୁଛନ୍ତି। ବାବର ଆଜମ ଭାରତରେ ବିଶେଷ କରି ଅହମଦାବାଦରେ ଲକ୍ଷାଧିକ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ଆଗ୍ରହୀ ବୋଲି କହିଛନ୍ତି।

# ବିଶ୍ୱରେକର୍ଡ ସହ ନେପାଳ ବିଜୟୀ

**ହାଙ୍ଗଝୋ,୨୭।୯(ପି.ଟି.)**


ଶତକ ହାସଲ କରିବାପରେ କୁଶାଳ ମଲ୍ଲ।

ବୁଧବାର ଏସିଆନ୍ ଗେମ୍ସ ପୁରୁଷ କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ବିଶ୍ୱରେକର୍ଡ ସହିତ ମଙ୍ଗୋଲିଆ ବିପକ୍ଷ ପ୍ରଥମ ମ୍ୟାଚକୁ ଜିତି ନେଇଛି ନେପାଳ। ବିଶ୍ୱର ପ୍ରଥମ ଦଳ ଭାବରେ ଏକ ଟି୨୦ ମ୍ୟାଚ୍‌ରେ ୩୦୦ ରନ୍ ସ୍କୋର କରିବା ପରେ ନେପାଳ ୨୭୩ ରନ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଏହା ସର୍ବାଧିକ ରନ୍ ହୋଇଥିବା ବେଳେ ସର୍ବାଧିକ ରନ୍ ବ୍ୟବଧାନରେ ବିଜୟ ଅଟେ। ଏହା ବ୍ୟତୀତ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ ଓ ଦ୍ରୁତତମ ଶତକ ମଧ୍ୟ ଏହି ମ୍ୟାଚ୍‌ରେ ରେକର୍ଡ ହୋଇଛି। ନେପାଳ ଦଳର ଟପ୍ ଅର୍ଡର ଖେଳାଳି କୁଶାଳ ମଲ୍ଲ ୩୪ ବଲ୍‌ରେ ଶତକ ଅର୍ଜନ କରିଥିବା ବେଳେ ଦୀପେନ୍ଦ୍ର ସିଂ ଆରି ମାତ୍ର ୯ ବଲ୍‌ରେ ହାସଲ କରିଥିଲେ ଅର୍ଦ୍ଧଶତକ। ୩୫ ବଲ୍‌ରେ ଦ୍ରୁତତମ ଶତକ ହାସଲର ରେକର୍ଡ ରୋହିତ ଶର୍ମା ଓ ଡେଭିଡ୍ ମିଲରଙ୍କ ନାମରେ ରହିଥିବା ବେଳେ କୁଶାଲ ୩୪ ବଲ୍‌ରେ ଶତକ ଅର୍ଜନ କରିଥିଲେ। ୫୦ ବଲ୍‌ର ଇନିଂସରେ ସେ ୮ ଚୌକା ଓ ୧୨ ଛକା ମାରିଥିବା ବେଳେ ୧୩୭ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟ ପକ୍ଷରେ ଦୀପେନ୍ଦ୍ର ସିଂ ୧୬ ବର୍ଷ ଧରି ରହିଥିବା ଯୁବରାଜ ସିଂଙ୍କ ରେକର୍ଡ ଭାଙ୍ଗିଛନ୍ତି। ଯୁବରାଜ ୧୨ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଦୀପେନ୍ଦ୍ର ୯ ବଲ୍‌ରୁ ୮ ଛକା ସହିତ ତାଙ୍କ ରେକର୍ଡ ଭାଙ୍ଗିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୨୦ ଓଭରରେ ୩ ଉଇକେଟରେ ୩୧୪ ରନ୍ ସ୍କୋର କରିଥିଲା। ଜବାବରେ ମଙ୍ଗୋଲିଆ ୧୩.୧ ଓଭରରେ ୪୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।






# ବିଶ୍ୱ କାରାଗାର ଚେସ୍: ଝାରପଡ଼ାକୁ ଯୋଗ୍ୟତା

**ଭୁବନେଶ୍ୱର, ୨୭।୯**
**(ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ଆନୁକୂଲ୍ୟରେ ହେବାକୁଥିବା 'ପ୍ରିଜନ ଟୁ ପ୍ରାଇଡ୍' ବିଶ୍ୱ ଅନ୍‌ଲାଇନ୍ ଚେସ୍ ପ୍ରତିଯୋଗିତା ପାଇଁ ଝାରପଡ଼ା ଯୋଗ୍ୟତା ହାସଲ କରିଛି। ଚେସ ଖେଳ ମାଧ୍ୟମରେ ଜେଲରେ ଥିବା ଅନ୍ତେବାସୀମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ଉଦ୍ଦେଶ୍ୟରେ 'ପ୍ରିଜନ ଟୁ ପ୍ରାଇଡ୍' ସର୍ବଭାରତୀୟ ଅନ୍‌ଲାଇନ୍ କାରାଗାର ଚେସ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଏହାର ସେମିଫାଇନାଲରେ ମେଘାଳୟର ଦୀମାପୁରକୁ ହରାଇ ଝାରପଡା ଦଳ ଫାଇନାଲରେ ପ୍ରବେଶ କରିଥିବାବେଳେ ପୁଣେଠାରୁ ହାରି ସର୍ବଭାରତୀୟ ସ୍ତରରେ ରନରଅପ୍ ହୋଇଛି। ଫଳରେ ବିଶ୍ୱ କାରାଗାର ଚେସ ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଚେସ ଡଟ୍ କମ୍ ଅନଲାଇନ ପ୍ଲାଟଫର୍ମରେ ୧୦ ମିନିଟ ଯୁକ୍ତ ପାଞ୍ଚ ସେକେଣ୍ଡ ଇନ୍‌କ୍ରିମେଣ୍ଟ ଫର୍ମାଟରେ ଆୟୋଜିତ ଉକ୍ତ ଅନ୍ତର୍ଜାତୀୟ କାରାଗାର ଚେସ ପାଇଁ ଭରତରୁ ମନୋନୀତ ୨୦ଟି କାରାଗାର ମଧ୍ୟରେ ପ୍ରତିଯୋଗିତା ହୋଇଥଲା। ମ୍ୟାଚ୍ ଆୟୋଜନ ପୂର୍ବରୁ ଝାରପଡ଼ା, ଚୌଦ୍ୱାର,ପୁରୀ ଓ ବ୍ରହ୍ମପୁର କାରାଗାରର ଅନ୍ତେବାସୀଙ୍କୁ ପ୍ରିଜନ ଟୁ ପ୍ରାଇଡ କାର୍ଯ୍ୟକ୍ରମ ରେ ଅଫ୍ ଲାଇନ୍‌ରେ ଗୁଣାତ୍ମକ ଚେସ ପ୍ରଶିକ୍ଷଣ ଦିଆ ଯାଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ